
ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶୁକ୍ରବାର ୧୪ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 14 OCTOBER 2022
Vol.No. 33 ■ No. 266 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


# ଧାମନଗର ବିଜେଡିରେ ବିଦ୍ରୋହ

## ପ୍ରାର୍ଥୀ ହୋଇପାରନ୍ତି ଅସନ୍ତୁଷ୍ଟ ରାଜୁ ଦାସ

ଭୁବନେଶ୍ୱର, ୧୩/୧୦(ନି.ପ୍ର): ଧାମନଗର ବିଜେଡିରେ ଅସନ୍ତୋଷ ! କାଲି ନାମାଙ୍କନ ଭରିବେ ରାଜୁ ଦାସ । ଦିନ ତମାମ ଛକାପଂଝା ଓ ଅଜ୍ଞାତବାସ ପରେ ସନ୍ଧ୍ୟାରେ ଘରକୁ ଫେରିଛନ୍ତି ଧାମନଗର ବିଜେଡି ନେତା ରାଜୁ ଦାସ । ଆଉ ଘରକୁ ଫେରିବା ପରେ ଗଣମାଧ୍ୟମ ସାମାନକୁ ଆସି, ଶୁକ୍ରବାର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିବେ ବୋଲି କହିଛନ୍ତି । ଧାମନଗର ଉପନିର୍ବାଚନ ପାଇଁ ଅବନ୍ତି ଦାସଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରିବା ପରେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଏହି ଚିଠି । ଚର୍ଚ୍ଚା ହେଉଛି, ଅବନ୍ତିଙ୍କୁ ଟିକେଟ ମିଳିବା ପରେ ବିଜେଡି ଟିକେଟ ଆଶାୟୀ ପ୍ରାର୍ଥୀ ରାଜୁ ଦାସ ଧାମନଗରବାସୀଙ୍କ ଉଦ୍ଦେଶ୍ୟରେ ଏହି ଚିଠି ଲେଖିଛନ୍ତି । ଚିଠିରେ ଲେଖିଛନ୍ତି, କିନ୍ତୁ ଚିଠିକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର କୌଣସି ଉତର ଦେଇନାହାଁନ୍ତି ରାଜୁ ଦାସ । ରାଜୁ ଦାସଙ୍କୁ ଟିକେଟ ନମିଳିବା ପରେ ତାଙ୍କ



ସମର୍ଥକମାନେ ସକାଳୁ ସକାଳୁ ଆରମ୍ଭ କରିଦେଇଥିଲେ ବିଦ୍ରୋହ । ଆଉ ମାଧ୍ୟମ ବନିଥିଲା ସୋସିଆଲ ମିଡିଆ । ରାଜୁଙ୍କ ସମର୍ଥନରେ ପୋଷ୍ଟ କରି ଦଳୀୟ ନିଷ୍ପତିକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । ରାଜେନ୍ଦ୍ର ଦାସ ଫ୍ୟାନ୍ କ୍ଲବ ପକ୍ଷରୁ ଏକ ପୋଷ୍ଟ କରି କୁହାଯାଇଛି ଯେ, ଆସନ୍ତାକାଲି ରାଜୁ ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବେ । ଏଥିପାଇଁ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ନିବେଦନ । କେବଳ ସୋସିଆଲ ମିଡିଆରେ ନୁହେଁ ରାଜୁ ଦାସଙ୍କ ସମର୍ଥକମାନେ ଗଣମାଧ୍ୟମ ସମ୍ମୁଖରେ ମଧ ସମାନ କଥା କହିଛନ୍ତି । ରାଜୁ ଦାସ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ଭିତରେ ତାଙ୍କ ସହ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ଯୋଗାଯୋଗ ହୋଇପାରି ନଥିଲା । ଫୋନ ବି ଲାଗି ନଥିଲା । ଚର୍ଚ୍ଚା ହେଉଥିଲା ରାଜୁ ଦାସ ଅସନ୍ତୁଷ୍ଟ ଥିବାରୁ ସେ ଅଜ୍ଞାତବାସରେ ଚାଲିଯାଇଛନ୍ତି । ଆଉ ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରୁଛନ୍ତି । କିନ୍ତୁ, ଦଳ ଭିତରେ କୌଣସି କନ୍ଦଳ ନଥିବା କହିଛନ୍ତି ମନ୍ତ୍ରୀ ଅତନୁ ସବ୍ୟସାଚୀ । ବୁଧବାର ଅବନ୍ତୀଙ୍କୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଅବନ୍ତି ଓ ରାଜୁ ଗଣମାଧ୍ୟମ ସାମ୍ନାକୁ ଆସିଥିଲେ । ଆଉ ଅବନ୍ତି ତାଙ୍କର ସମ୍ପର୍କୀୟ ବୋଲି କହିଥିଲେ । ହେଲେ, ଭୁବନେଶ୍ୱରରୁ ଫେରିଯିବା ପରେ ବିଳମ୍ବିତ ରାତିରେ ଧାମନଗର ସ୍ଥିତ ବାସଭବନରେ ସମର୍ଥକଙ୍କ ସହ ବୈଠକ କରିଥିଲେ । ଆଉ ସମର୍ଥକଙ୍କ ସହ ଆଲୋଚନା ପରେ ସ୍ୱାଧୀନ ପ୍ରାର୍ଥୀ ହେବାକୁ ନିଷ୍ପତି ନେଇଥିବା ଚର୍ଚ୍ଚା ହେଉଛି ।

# ଆଣବିକ ଯୁଦ୍ଧ ମୁହାଁ ରୁଷ, କୌଣସି ମୁହୂର୍ତ୍ତରେ ହୋଇପାରେ ଆଣବିକ ଆକ୍ରମଣ

ନୂଆଦିଲ୍ଲୀ, ୧୩/୧୦ : ବିଶ୍ୱ ମାନଚିତ୍ରରୁ ୟୁକ୍ରେନର ଚିହ୍ନ ଲିଭାଇବାକୁ ଯୁଦ୍ଧ ମୁହାଁ ରୁଷ । ଦୀର୍ଘ ୮ ମାସ ଧରି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଜାରି ରହିଥିବା ବେଳେ କ୍ରିମିଆ ଆକ୍ରମଣ ପରେ ଆହୁରି ପ୍ରତିଶୋଧ ପରାୟଣ ହୋଇଉଠିଛି ରୁଷ । ଯୁଦ୍ଧ ଏବେ ଏଭଳି ସ୍ଥିତିରେ ପହଂଚିଛି, ଯେକୌଣସି ସମୟରେ ରୁଷ ଆଣବିକ ଆକ୍ରମଣ କରିପାରେ ବୋଲି ଆଶଙ୍କା କରାଯାଉଛି । ସେପଟେ ସାମ୍ଭବ୍ୟ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଛି ଆମେରିକା । ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ପରିଣାମ ଏବେ ଆହୁରି ଜୋରଦାର ହୋଇଛି । ଦୀର୍ଘ ୮ ମାସ ଧରି ଜାରି ରହିଥିବା ଏହି ଯୁଦ୍ଧ ଏବେ ଯେକୌଣସି ମୁହୂର୍ତରେ ଆଣବିକ ଯୁଦ୍ଧର ରୂପ ନେଇପାରେ ବୋଲି ଆଶଙ୍କା ସୃଷ୍ଟି କରିଛି । କ୍ରିମିଆ ଉପରେ ଆକ୍ରମଣ ପରେ ରୁଷ



କ୍ରମାଗତ ଭାବରେ ୟୁକ୍ରେନର ବିଭିନ୍ନ ସହରର ଉପରେ ଘନଘନ ମିସାଇଲ ମାଡ କରୁଛି । ବିଶ୍ୱ ମାନଚିତ୍ରରୁ ୟୁକ୍ରେନକୁ ଲିଭାଇବା ପାଇଁ ରୁଷ ଯେଉଁ ରଣନୀତି ଆପଣାଇଛି, ତାକୁ ଆମେରିକା ସମେତ ଜି-୭ ରାଷ୍ଟ୍ରସମୂହ କଡ଼ା ନିନ୍ଦା କରିଛନ୍ତି । ସମ୍ଭାବ୍ୟ ଆଣବିକ ଆକ୍ରମଣକୁ ଦୃଷ୍ଟିରେ ରଖି ଆମେରିକା ବର୍ତମାନ ବହୁସଂଖ୍ୟକ ଆୟୋଡିନ୍ ଟାବଲେଟ୍ କିଣିବାରେ ଲାଗିଛି । ଏହି ଟାବଲେଟ୍ ଆଣବିକ ବିକିରଣକୁ ଏଡାଇବା ପାଇଁ ମୁଖ୍ୟତଃ ବ୍ୟବହୃତ ହୋଇଥାଏ । ୟୁକ୍ରେନ ଉପରେ ରୁଷର କ୍ଷେପଣାସ୍ତ୍ର ମାଡ ନେଇ ଜି-୭ ରାଷ୍ଟ୍ର କଡା ନିନ୍ଦା କରିଛନ୍ତି । ପୁଟିନ୍ ପରମାଣୁ ଅସ୍ତ୍ର ପ୍ରୟୋଗ କରିବା ନେଇ ଧମକ ଦେଇଥିବାରୁ ଜି-୭ ରାଷ୍ଟ୍ରମାନେ ରୁଷକୁ ଚେତାବନୀ ଦେଇଛନ୍ତି । ପରମାଣୁ ଅସ୍ତ୍ର ବ୍ୟବହାର କଲେ ରୁଷ ଭୟଙ୍କର ପରିଣାମ ଭୋଗିବ ବୋଲି ଜି-୭ ରାଷ୍ଟ୍ରର ମିଳିତ ବିବୃତିରେ କୁହାଯାଇଛି । ସେପଟେ ୧୯୩ଟି ସଦସ୍ୟ ବିଶିଷ୍ଟ ମିଳିତ ଜାତିସଙ୍ଘର ସାଧାରଣ ସଭାରେ ରୁଷ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ପାରିତ ହୋଇଛି । ହେଲେ ଏହି ପ୍ରସ୍ତାବକୁ ସମର୍ଥନ କରିନାହିଁ ଭାରତ । ୧୪୧ଟି ଦେଶ ଏହି ପ୍ରସ୍ତାବକୁ ସମର୍ଥନ କରିଥିବା ବେଳେ ଭାରତ ସମେତ ୩୫ଟି ଦେଶ ଏହି ପ୍ରସ୍ତାବ ଉପରେ ଭୋଟ ଦେଇନାହାନ୍ତି । ମିଳିତ ଜାତିସଙ୍ଘରେ ପାରିତ ନିନ୍ଦା ପ୍ରସ୍ତାବକୁ ସମର୍ଥନ ନ କରି ପୁଣିଥରେ ରୁଷ ପ୍ରତି ନିଜ ବନ୍ଧୁତା ଦେଖାଇଛି ଭାରତ । ତେବେ ଏହି ବନ୍ଧୁତାକୁ ଅନ୍ୟ ରାଷ୍ଟ୍ରଗୁଡ଼ିକ କେଉଁ ଦୃଷ୍ଟିରେ ନେଉଛନ୍ତି, ତାହା ଦେଖିବାକୁ ବାକି ରହିଲା ।

## ସରଳା ୟାର୍ଡଠାରେ ଏକ ମାଲବାହୀ ଟ୍ରେନର ୪ଟି ବଗି ଲାଇନଚ୍ୟୁତ

ଭୁବନେଶ୍ୱର, ୧୩/୧୦(ନି.ପ୍ର): ସମ୍ବଲପୁର-ଝାରସୁଗୁଡ଼ା ରେଲଲାଇନର ସରଳା ୟାର୍ଡଠାରେ ଏକ ମାଲବାହୀ ଟ୍ରେନର ୪ଟି ବଗି ଲାଇନଚ୍ୟୁତ ହୋଇଛି । ବୁଧବାର ବିଳମ୍ବିତ ରାତ୍ରିରେ ଏହି ଦୁର୍ଘଟଣା ଘଟିଥିଲା ।ଏହି ଦୁର୍ଘଟଣା କାରଣରୁ ଟ୍ରେନ ଚଳାଚଳ କିଛି ମାତ୍ରାରେ ବାଧା ପ୍ରାପ୍ତ ହୋଇଥିଲେ । ଏହି ରୁଟରେ ଚାଲୁଥିବା କିଛି ଟ୍ରେନକୁ ରଦ୍ଦ କରା ଯାଇଥିବା ବେଳେ କିଛି ଟ୍ରେନକୁ ପରିବର୍ତିତ ମାର୍ଗରେ ଚଳା ଯାଉଛି ବୋଲି ରେଳବାଇ ଅଧିକାରୀ ମାନେ କହିଛନ୍ତି । ମାଲଗାଡିର ଚାରୋଟି ବଗି ଲାଇନଚ୍ୟୁତ ହେବା ପରେ ସଙ୍ଗେ ସଙ୍ଗେ ମରାମତି କାମ ଆରମ୍ଭ କରା ଯାଇଥିଲା । ସବିଶେଷ ଜାଂଚ ପରେ ଏହି ଦୁର୍ଘଟଣାର ମୁଖ୍ୟ କାରଣ ସମ୍ପର୍କରେ ଜଣା ପଡିବ ବୋଲି ଜଣେ ବରିଷ୍ଠ ରେଳବାଇ ଅଧିକାରୀ କହିଛନ୍ତି ।

## ଆରମ୍ଭ ହେଲା ଚତୁର୍ଥ ବନ୍ଦେ ଭାରତ ଏକ୍ସପ୍ରେସ



ନୂଆଦିଲ୍ଲୀ, ୧୩/୧୦ : ଆରମ୍ଭ ହେଲା ଚତୁର୍ଥ ବନ୍ଦେ ଭାରତ ଏକ୍ସପ୍ରେସ । ହିମାଚଳ ପ୍ରଦେଶର ଉନା ରେଳ ଷ୍ଟେସନରୁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମାଦୀ । ଶୁଭାରମ୍ଭ ବେଳେ ପ୍ରଧାନମନ୍ତ୍ରୀଙ୍କ ସହ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ମଧ ଉପସ୍ଥିତ ଥିଲେ । ଏହା ହେଉଛି ହିମାଚଳ ପ୍ରଦେଶରୁ ଚାଲୁଥିବା ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ । ଏହି ଟ୍ରେନ ହିମାଚଳ ପ୍ରଦେଶର ଅମ୍ବ ଅଦୌରାରୁ ଦିଲ୍ଲୀ ଯାଏଁ ଚାଲିବ । ପୂର୍ବ ଅପେକ୍ଷା ଅଧିକ ଅପଡେଟ୍ ଓ ହାଲୁକା ହୋଇଥିବା ଯୋଗୁଁ କମ୍ ସମୟରେ ଅଧିକ ବେଗରେ ଗତି କରିବ ଏହି ଟ୍ରେନ୍ । ମାତ୍ର ୫୨ ସେକେଣ୍ଡରେ ଏହା ଘଂଟା ପ୍ରତି ୧୦୦ କିଲୋମିଟର ବେଗରେ ଗତି କରିବ । ବନ୍ଦେ ଭାରତ ଏକ୍ସପ୍ରେସ ଦ୍ୱାରା ହିମାଚଳରୁ ଦିଲ୍ଲୀ ଯାତ୍ରା କରିବାକୁ ୫ ଘଂଟା ସମୟ ଲାଗିବ । ସେହିପରି ଦିଲ୍ଲୀରୁ ଚଣ୍ଡିଗଡକୁ ମାତ୍ର ୩ ଘଂଟା ଲାଗିବ । ବୁଧବାର ବ୍ୟତୀତ ସପ୍ତାହର ଅନ୍ୟ ଦିନ ମାନଙ୍କରେ ଚାଲିବ ଏହି ଟ୍ରେନ । ଏହା ପୂର୍ବରୁ ମୋଦି ୩୦ ସେପ୍ଟେମ୍ବରରେ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିଥିଲେ ।

## ମହମ୍ମଦ ମୋକିମଙ୍କୁ ଭିଜିଲାନ୍ସ କୋର୍ଟର ଦଣ୍ଡାଦେଶ ପ୍ରସଙ୍ଗ : ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

ଭୁବନେଶ୍ୱର, ୧୩/୧୦(ନି.ପ୍ର): କଟକ ବିଧାୟକ ମହମ୍ମଦ ମୋକିମଙ୍କ ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ପ୍ରସଙ୍ଗରେ ହାଇକୋର୍ଟ ଶୁଣାଣି କରିଛନ୍ତି। ଦୋଷୀ ସାବ୍ୟସ୍ତକୁ ଚ୍ୟାଲେଞ୍ଜ କରି ହୋଇଥିବା ମାମଲାର ଶୁଣାଣି ଶେଷ ହୋଇଛି। ହାଇକୋର୍ଟ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ବିଧାୟକ ମୋକିମଙ୍କ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ। ସୂଚନାଯୋଗ୍ୟ ଯେ ମୋକିମଙ୍କ ମେଟ୍ରୋ ବିଲ୍ଡର୍ସ ପ୍ରାଇଭେଟ୍ ଲିମିଟେଡ ଚଂଚକତା କରି ଓଆରଏଚଡିସିରୁ ୧୫୦ ଲକ୍ଷର ଋଣ ମଞ୍ଜୁର କରି ନେଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ତଦନ୍ତ କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମୋକିମଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଓ ୫୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିଲେ। ଏହି ଜେଲ୍ ଦଣ୍ଡାଦେଶ ଓ ଜରିମାନାକୁ ଚ୍ୟାଲେଞ୍ଜ କରି ମୋକିମ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଏକ ମାସରେ ଉଠିବ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା, ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୩/୧୦(ନି.ପ୍ର): ଆସନ୍ତା ଏକମାସ ଭିତରେ ଚୁକ୍ତିଭିତିକ ନିଯୁକ୍ତି ବ୍ୟବସ୍ଥା ଉଠିଯିବ । ଏନେଇ ଆଜି ଓଡ଼ିଶା ଚୁକ୍ତିଭିତିକ କର୍ମଚାରୀ ମହାସଂଘକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଓଡ଼ିଶା ଚୁକ୍ତିଭିତିକ କର୍ମଚାରୀ ମହାସଂଘ ସହ ଭିଡିଓ କନ୍‌ଫରେନସିଂ ଜରିଆରେ ଆଲୋଚନା ବେବେଳ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଅଭିଯୋଗ ଶୁଣିବା ପରେ ଏକ ମାସ ଭିତରେ ଦାବି ପୂରଣ ହେବା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି। ଏହି ଆଲୋଚନା ବେଳେ ୫ଟି ସଚିବ ଭିକେ ପାଣ୍ଡିଆନ୍ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ଥିଲେ। ଅନ୍ୟପଟରେ ଆଗାମୀ ଏକ ମାସ ଭିତରେ ସରକାର ଏବାବଦରେ କୌଣସି ନିଷ୍ପତି ନ ନେଲେ ପରବର୍ତୀ ପଦକ୍ଷେପ କଣ ହେବ ସେନେଇ ସଂଘ ବୈଠକ ପରେ ନିଷ୍ପତ୍ତି ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ବହୁଚର୍ଚ୍ଚିତ କର୍ଣ୍ଣାଟକ ହିଜାବ ମାମଲା : ବୃହତ ଖଣ୍ଡପୀଠରେ ହେବ ଶୁଣାଣି



ନୂଆଦିଲ୍ଲୀ, ୧୩/୧୦ : ସ୍କୁଲ ଓ କଲେଜରେ ହିଜାବ ପିନ୍ଧିବାର ଅଧିକାର ମିଳିବା ଦରକାର ନା ନାହିଁ । କର୍ଣ୍ଣାଟକରେ ଚାଲିଥିବା ହିଜାବ ବିବାଦ ଉପରେ ନିଷ୍ପତି ଏବେ ସୁପ୍ରିମକୋର୍ଟର ବୃହତ ଖଣ୍ଡପୀଠ ନେବେ । ଦୁଇ ଜଣିଆ ଖଣ୍ଡପୀଠ ହିଜାବ ଉପରେ ପ୍ରତିବନ୍ଧକ ଲଗାଇବା ନେଇ ଅଲଗା ଅଲଗା ରାୟ ଦେଇଥିଲେ । ଯେଉଁ କାରଣରୁ ସର୍ବସମ୍ମତି ରାୟ ପ୍ରକାଶ ପାଇନଥିଲା । ସୁପ୍ରିମକୋର୍ଟ ବିଚାରପତି ହେମନ୍ତ ଗୁପ୍ତା ଓ ବିଚାରପତି ସୁଧାଂଶୁ ଧୁଲିଆ ୧୦ଦିନ ଧରି ହିଜାବ ମାମଲାରେ ଶୁଣାଣି କରିଛନ୍ତି । ଗୁରୁବାର ଯେତେବେଳେ ମାମଲାର ଶୁଣାଣିର ସମୟ ଆସିଲା, ଦୁଇ ବିଚରାପତି ଭିନ୍ନ ରାୟ ଦେଇଛନ୍ତି । ଏଭଳି ସ୍ଥିତିରେ ମାମଲା ଏବେ ସର୍ବୋଚ୍ଚ ଖଣ୍ଡପୀଠଙ୍କ ନିକଟକୁ ପଠାଯାଇଛି । ଜଷ୍ଟିସ ହେମନ୍ତ ଗୁପ୍ତା ଓ ଜଷ୍ଟିସ୍ ହିମାଂଶୁ ଧୁଲିଆଙ୍କ ନେଇ ଗଠିତ ଖଣ୍ଡପୀଠ ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧାଯିବ କି ନାହିଁ, ସେ ନେଇ ନିର୍ଦ୍ଦିଷ୍ଟ ରାୟ ଦେଇନଥିଲେ । ଏବେ ଆସନ୍ତୁ ନଜର ପକାଇବ, କୋର୍ଟ ରୁମରେ କ'ଣ କହିଥିଲେ ଦୁଇ ବିଚାରପତି । ମାର୍ଚ୍ଚ ୧୫ ତାରିଖରେ କର୍ଣ୍ଣାଟକରେ ହିଜାବ ପ୍ରସଙ୍ଗକୁ ହାଇକୋର୍ଟରେ ଶୁଣାଣି ହୋଇଥିଲା । ଯେଉଁଥିରେ ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବା ବାଧ୍ୟତାମୂଳକ ନୁହେଁ ବୋଲି ଶୁଣାଣି କରିଥିଲେ କର୍ଣ୍ଣାଟକ ହାଇକୋର୍ଟ । ଏହାକୁ ବିରୋଧ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଆବେଦନକାରୀ । ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବାକୁ ଅନୁମତି ଦିଆଯାଉ ବୋଲି ▶▶ପୃଷ୍ଠା ୭

## ବଢୁଛି ମୁଦ୍ରାସ୍ଫୀତି, ବଢୁଛି ଦରଦାମ



ନୂଆଦିଲ୍ଲୀ, ୧୩/୧୦ : ରିଜର୍ଭ ବ୍ୟାଙ୍କ ପଦକ୍ଷେପ ପରେ ବି ନିୟନ୍ତ୍ରଣକୁ ଆସୁନାହିଁ ମୁଦ୍ରାସ୍ଫୀତି । ଏହାରି ଭିତରେ ୪ ଥର ସୁଧହାର ବୃଦ୍ଧି କରିଛନ୍ତି ରିଜର୍ଭ ବ୍ୟାଙ୍କ । ଅଗଷ୍ଟ ମାସ ତୁଳନାରେ ସେପ୍ଟେମ୍ବରରେ ବୃଦ୍ଧି ପାଇଛି ଖାଉଟି ମୂଲ୍ୟ ସୂଚନାଙ୍କ । ସେପ୍ଟେମ୍ବରରେ ଖାଉଟି ମୂଲ୍ୟ ସୂଚକାଙ୍କ ୭.୪୧ ପ୍ରତିଶତକୁ ବୃଦ୍ଧି ପାଇଛି । ଖାଦ୍ୟ ମୁଦ୍ରାସ୍ଫୀତି ୮.୬ ପ୍ରତିଶତକୁ ବୃଦ୍ଧି ହୋଇଛି । ଯାହାର ସିଧାସଳଖ ପ୍ରଭାବ ପଡ଼ିଛି ସାଧାରଣ ଲୋକଙ୍କ ଉପରେ । ଆସନ୍ତୁ ନଜର ପକାଇବା କେଉଁଭଳି ଅଗଷ୍ଟ ତୁଳନାରେ କେଉଁ ସାମଗ୍ରୀର ମୂଲ୍ୟ ବଢ଼ିଛି । ସେପ୍ଟେମ୍ବରରେ ଖାଦ୍ୟଶସ୍ୟ ୧୧.୫୩ ପ୍ରତିଶତ ରହିଛି, ଯାହା ଅଗଷ୍ଟ ତୁଳନାରେ ୦.୯ ପ୍ରତିଶତ ବଢ଼ିଛି । ମାଛ, ମାଂସ ମୂଲ୍ୟ ମଧ ମାସକ ମଧ୍ୟରେ ୧.୩ ପ୍ରତିଶତ ବୃଦ୍ଧି ପାଇଛି । ତେବେ ଖାଇବା ତେଲ ୧.୯ ପ୍ରତିଶତ ହ୍ରାସ ପାଇଥିବା ବେଳେ ପରିବା ଦର ଗୋଟିଏ ମାସରେ ୨.୬ ପ୍ରତିଶତ ବଢ଼ି ୧୮.୦୫ ପ୍ରତିଶତ ହୋଇଛି । ମାସକ ମଧ୍ୟରେ ଡାଲି ୧.୧ ପ୍ରତିଶତ, ପୋଷାକ ଓ ଜୋତା ୦.୮ ପ୍ରତିଶତ, ଘର ତିଆରି କରିବା ୦.୩ ପ୍ରତିଶତ ବୃଦ୍ଧି ପାଇଛି । ଇନ୍ଧନ ମୂଲ୍ୟ ମଧ ଏହି ସମୟ ମଧ୍ୟରେ ୦.୪ ପ୍ରତିଶତ ବୃଦ୍ଧି ହୋଇଛି । ଖାଉଟି ସମାଗ୍ରୀ ମୂଲ୍ୟବୃଦ୍ଧି ଯୋଗୁଁ ମଧ୍ୟବିତ ପରିବାର ଅଧିକ ପ୍ରଭାବିତ ହେବେ ବୋଲି କହିଛନ୍ତି ଅର୍ଥନୀତି ବିଶେଷଜ୍ଞ ।

## ଲେଡି ବ୍ଲାକମେଲର ଅର୍ଚ୍ଚନାଙ୍କ ନାଗଫାଶରେ ବଡ ବଡ ବ୍ୟବସାୟୀ, ନେତା

ଭୁବନେଶ୍ୱର, ୧୩/୧୦(ନି.ପ୍ର): ଅର୍ଚ୍ଚନାଙ୍କ ନାଗଫାଶରେ ବଡ ବଡ ବ୍ୟବସାୟୀ, ନେତା ପଡିଥିବା ନେଇ ଫଟୋ ସାମ୍ନାକୁ ଆସିବା ପରେ ଚର୍ଚ୍ଚା ବଢିଛି । ଆଗକୁ ଆଉ କାହାର ନାଁ ଆସିବ ସେନେଇ ପ୍ରମାଦ ଗଣୁଛନ୍ତି ନେତା ଓ ବିଧାୟକ । କାରଣ, ଅର୍ଚ୍ଚନାଙ୍କ ଘରକୁ ବଡବଡିଆଙ୍କ ଯିବାଆସିବା ଲାଗି ରହୁଥିଲା । ସେମାନଙ୍କୁ ହନିଟ୍ରାପରେ ଫସାଇ ସେ ବ୍ଲାକମେଲ କରୁଥିଲେ ବୋଲି ଅଭିଯୋଗ ବି ଆସିଛି । ସବୁଠାରୁ ବଡ କଥା ହେଲା କିଛି ବିଧାୟକଙ୍କ ସହ ସମ୍ପର୍କକୁ ନେଇ ଝଡ ଉଠିଛି । ପ୍ରାୟ ସବୁଦଳର ବିଧାୟକ ଅର୍ଚ୍ଚନାଙ୍କ ସାନ୍ନିଧ୍ୟରେ ରହୁଥିବା ଚର୍ଚ୍ଚା ହେବା ପରେ ପାଣି ଗୋଳିଆ ହୋଇଛି । କୁହାଯାଉଛି, ଅର୍ଚ୍ଚନାଙ୍କ ଲିଙ୍କରେ ବହୁ ବଡବଡିଆ ନେତା ଓ ବିଧାୟକ ଅଛନ୍ତି । କିନ୍ତୁ ଯେଉଁ ବଡ ବଡିଆଙ୍କ ନାଁ ଆସିଛି ଗଣମାଧ୍ୟମକୁ ଆସି ଖବରକୁ ଖଣ୍ଡନ କରୁନାହାନ୍ତି । ମାତ୍ର ହାତଗଣତି ନେତା ଆସି ପ୍ରତିକ୍ରିୟା ଦେଇଛନ୍ତି । ତେଣୁ ଲୋକଙ୍କ ମନରେ ବି ନେତାଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି । ଘଟଣାରେ ପ୍ରଭାବଶାଳୀ ବ୍ୟକ୍ତି ସାମିଲ ହୋଇଥିବାରୁ ତଦନ୍ତର ଗତି କୁଆଡେ ଯିବ ସେ ଉପରେ ସମସ୍ତଙ୍କ ନଜର ରହିଛି । ସବୁଠାରୁ ଚର୍ଚ୍ଚାର ବିଷୟ ହୋଇଛି, ପୁଲିସର ତଦନ୍ତ କୁଆଡେ ଯାଉଛି ସେ ନେଇ କୌଣସି ସୂଚନା ମିଳିପାରୁନାହିଁ । ଗୋଟିଏ ପଟେ ଫଟୋରେ ନଜର ଆସୁଥିବା ନେତାଙ୍କ ନୀରବତା, ଅନ୍ୟପଟେ ପୁଲିସ ଚୁପ ରହିବା ସୋସିଆଲ ମିଡିଆରେ ସମାଲୋଚନା ପାଇଁ ଖୋରାକ ଯୋଗାଇଛି । ବ୍ଲାକମେଲ ରାଣୀଙ୍କ ସହ ୧୮ ବିଧାୟକଙ୍କ ସମ୍ପୃକ୍ତି ଥିବା କିଏ ଚର୍ଚ୍ଚା କରୁଛି ତ ଆଉ କିଛି ସାମାଜିକ ଗଣମାଧ୍ୟମରେ ୭୦ରୁ ଅଧିକ ବିଧାୟକଙ୍କ ସମ୍ପର୍କ ଥିବା ଅଭିଯୋଗ ହେଉଛି । ଲୋକଲଜ୍ଜା ଓ ସାମାଜିକ ଭାବମୂର୍ତି କ୍ଷୁର୍ଣ୍ଣ ହେବା ଭୟରେ କେହି ମୁହଁ ଖୋଲୁନାହାନ୍ତି । ବିରୋଧୀ ମଧ ସେହି କାହାଣୀ ଆଧାରରେ ଶାସକ ଦଳକୁ ଟାର୍ଗେଟ କରୁଛନ୍ତି ଆଉ ବିରୋଧୀ ଦଳର ନେତାଙ୍କ ଫଟୋ ମଧ ଘୁରିବୁଲିଥିବାରୁ ଶାସକ ଦଳ ବେଶୀ ପ୍ରତିକ୍ରିୟାଶୀଳ ହେଉନାହିଁ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଟାଟା ସନ୍ସ ଅଧ୍ୟକ୍ଷ

ଭୁବନେଶ୍ୱର, ୧୩/୧୦(ନି.ପ୍ର): ଟାଟା ସନ୍ସର ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେଖରନ୍ ଗୁରୁବାର ସଂଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସ ଠାରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଓଡିଶାରେ କାର୍ଯ୍ୟକୁ ଆଗକୁ ବଢାଇବାକୁ କହିଥିଲେ । ଏହାସହ ଓଡିଶାରେ ଟାଟା ଷ୍ଟିଲ୍ ଭଳି ଟାଟା ସନ୍ସର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ଭୁବନେଶ୍ୱର ଟିସିଏସ୍ ଏହାର କ୍ଷମତାକୁ ୧୫ ହଜାରକୁ ବୃଦ୍ଧି କରିବ ବୋଲି ଏନ୍.ଚନ୍ଦ୍ରଶେଖରନ୍ ସୂଚନା ଦେଇଥିଲେ। ଏହି ସାକ୍ଷାତ ଆଲୋଚନା ବେଳେ ୫-ଟି ସଚିବ ଭି କେ ପାଣ୍ଡିଆନ୍ ଓ ଟାଟା ଷ୍ଟିଲ ର ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ୍ ମଧ୍ୟ ଉପସ୍ଥିତ ଥିଲେ ।

# ସାଂସଦ ଅଚ୍ୟୁତ ସାମନ୍ତଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ

କନ୍ଧମାଳ , ୧୩/ ୧୦ (ନି.ପ୍ର): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ କନ୍ଧମାଳ ସଂସଦୀୟ କ୍ଷେତ୍ରର ବିଭିନ୍ନ କାର୍ଯ୍ୟକ୍ରମ ଯୋଗଦେଇଛନ୍ତି । ଫୁଲବାଣୀଠାରେ କନ୍ଧମାଳ ଜିଲ୍ଲା ବିଜେଡି ପକ୍ଷରୁ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାର ପ୍ରସ୍ତୁତି ବୈଠକରେ ଅଚ୍ୟୁତ ସାମନ୍ତ ଯୋଗଦେବା ସହ ଏହାର ସଫଳ ଆୟୋଜନ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା କରିଥିଲେ । ଏହି ବୈଠକରେ ଜିଲ୍ଲା ବିଜେଡ଼ି ସଭାପତି ସରୋଜ କର୍ଣ୍ଣ, ମହିଳା ସଭାପତି ପୁନମ କହଁର, ଯୁବ ବିଜେଡ଼ି ସଭାପତି ବିଷ୍ଣୁ ମଲ୍ଲିକ, ଛାତ୍ର ବିଜେଡ଼ି ସୁନୀଲ୍ ସେଠି, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବିଜେଡ଼ି ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଶିବ ପ୍ରସାଦ ତ୍ରିପାଠୀଙ୍କ ସମେତ ଦଳର ବହୁ ଛାମୁଆକର୍ମୀ ଉପସ୍ଥିତ ଥିଲେ। ପରେ ଫିଫା ଫୁଟବଲ୍ ଫର ସ୍କୁଲ୍ କାର୍ଯ୍ୟକ୍ରମରେ ଯୋଗଦେଇ ସାଂସଦ, ଅଚ୍ୟୁତ ସାମନ୍ତ, କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ବିଧାୟକ ଅଙ୍ଗଦ କହଁର ତଥା ଜିଲ୍ଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ପ୍ରମୁଖଙ୍କ ଉପସ୍ଥିତିରେ ଜିଲ୍ଲାର ସମସ୍ତ ଉଚ୍ଚବିଦ୍ୟାଳୟକୁ ଫୁଟବଲ୍ ବିତରଣ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଫୁଟ୍‌ବଲ୍ ସମେତ ଅନ୍ୟାନ୍ୟ ଖେଳ ଖେଳିବା ପାଇଁ ସେ ଉତ୍ସାହିତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ାକୁ କିଭଳି ପ୍ରାଧାନ୍ୟ ଦେଉଛନ୍ତି ସେ ସମ୍ପର୍କରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ଥିଲେ। ପରେ ସାଂସଦ, ଫୁଲବାଣୀ ପଞ୍ଚାୟତ ସମିତିର ଏକ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ ବିଧାୟକ ଅଙ୍ଗଦ କହଁର, ପଞ୍ଚାୟତ ସମିତି ଅଧ୍ୟକ୍ଷ ସସ୍ମିତା କହଁର, ଉପାଧ୍ୟକ୍ଷ ଶ୍ରୀନିବାସ ମଲ୍ଲିକ, ବିଡ଼ିଓ ପ୍ରବୀଣ କୁମାର ବାଣୁଆଙ୍କ ସମେତ ପଞ୍ଚାୟତ ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଏସବୁର ସୁଫଳ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ସାଂସଦ ଶ୍ରୀ ସାମନ୍ତ ପରାମର୍ଶ ଦେଇଥିଲେ । ପରେ ବୌଦ୍ଧଠାରେ ଅକ୍ଟୋବର ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆନ୍ତଃବିଦ୍ୟାଳୟ ବାଳିକା ଫୁଟବଲ୍ ନିମନ୍ତେ ବିଭିନ୍ନ ବିଦ୍ୟାଳୟକୁ ଫିଫା ଫୁଟବଲ୍ ଫର ସ୍କୁଲ୍ କାର୍ଯ୍ୟକ୍ରମରେ ଫୁଟବଲ୍ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ, ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କନ୍ଧମାଳ ଜିଲ୍ଲା ପାହିରାଜୁରେ ଆନ୍ତର୍ଜାତୀୟ ବାଳିକା ଦିବସ ପାଳିତ

କନ୍ଧମାଳ ,୧୩/ ୧୦ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା,ପାହିରାଜୁ ଓ କୁଏରମାଣ୍ଡୁ ଗ୍ରାମ ପଂଚାୟତର କିଶୋରୀ ବାଳିକାମାନେ, ଆନ୍ତର୍ଜାତୀୟ ବାଳିକା ଦିବସ -୨୦୨୨ ପାଳିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ଅଧିକାର ଗୁଡିକୁ ଗ୍ରାମ୍ୟ ସ୍ତରରେ ସଠିକ୍ ଭାବେ ବୁଝି ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେବାପାଇଁ ଦାବି ଜଣାଇଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' ଓ ଆନ୍ତର୍ଜାତୀୟ ଅନୁଷ୍ଠାନ 'କ୍ରାଏ-କୋଲକାତା' ମାଧ୍ୟମରେ ବାଲ୍ୟବିବାହ ବନ୍ଦ କରିବା ପାଇଁ ମଧ୍ୟ କିଶୋରୀ ବାଳିକା ମାନେ ଏହି ଦିବସରେ ଶପଥ ନେଇଥିଲେ । ଏହା ସହିତ ସ୍ଥାନୀୟ ପଂଚାୟତ ପ୍ରତିନିଧିମାନେ ଉପସ୍ଥିତ ରହି ଝିଅମାନଙ୍କର ଏହିଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ ଘରେ ଲୁକ୍‌କାୟିତ ଭାବେ ରହିଯାଉଥିବା ପ୍ରତିଭା ମାନଙ୍କୁ ମଧ୍ୟ ଆଗକୁ ଆଣି ଏହି ଆନ୍ଦୋଳନରେ ସାମିଲ୍ କରିବାକୁ ଆହ୍ୱାନ ଦେଇଥିଲେ । ସ୍ଥାନୀୟ ଆଶା ଓ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ରହି ଗ୍ରାମ୍ୟସ୍ତରରେ ପାଳିତ ହେଉଥିବା ଶିଶୁଙ୍କ ପାଇଁ ଦିନଟିଏ ଓ ପ୍ରତ୍ୟେକ ଶନିବାର ଦିନ ପାଳନ ହେଉଥିବା 'ଆଦ୍ୱିକା' କାର୍ଯ୍ୟକ୍ରମରେ ସମସ୍ତ କିଶୋରୀ ବାଳିକାମାନଙ୍କୁ ଯୋଗ ଦେଇ ତାଙ୍କର ସ୍ୱାସ୍ଥ୍ୟ, ପୋଷଣ, ସ୍ୱଚ୍ଛତା ଓ ଯୌନ ସ୍ୱାସ୍ଥ୍ୟ ବିଷୟରେ ଅବଗତ ହେବା ପାଇଁ ଆଗଭର ହେବାକୁ କହିଥିଲେ ଯାହାକି ଆଗାମୀ ଦିନମାନଙ୍କରେ ଦୁଷ୍କର୍ମ, ବ୍ୟଭିଚାର ଓ ନାରୀ ଅତ୍ୟାଚାର ରୋକିବାରେ ସଫଳ ହେବ ।

# ବଲାଙ୍ଗିର ଜିଲ୍ଲା ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଂଟ : ଦ୍ୱିତୀୟ ଦିବସ

ବଲାଙ୍ଗିର ,୧୩/ ୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ୨ ଟି ମ୍ୟାଚ ଖେଳା ଯାଇଥିଲା୪। ବାଳକ ବିଭାଗରେ ବଲାଙ୍ଗିର ଓ ପାଟଣାଗଡ ବ୍ଲକ ଓ ବାଳିକା ବିଭାଗରେ ବଲାଙ୍ଗିର ଓ ସଇଁତଳା ବ୍ଲକ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ବାଳକ ବିଭାଗରେ ବଲାଙ୍ଗିର ବ୍ଲକ ୫-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ତରଫରୁ ଜର୍ସି ନଂ - ୧୧ , ପ୍ରବୀଣ ଲାକ୍ରା ୨ଟି, ଜର୍ସି ନଂ-୫ , ୧ ଓ ୩ ଯଥାକ୍ରମେ ମୁକେଶ ଜୁଏଡ, ବଳରାମ ବେହେରା ଓ ଶୁଭ୍ରାଂଶୁ କଲେତ ଗୋଟିଏ ଲେଖାଏଁ ଗୋଲ କରିଥିଲେ । ସେହିପରି ବାଳିକା ବିଭାଗରେ ସଇଁତଳା ଦଳ ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲେ । ଦଳ ତରଫରୁ ଜର୍ସି ନଂ – ୧୪ ପ୍ରିୟଙ୍କା ମାଝି ଓ ଜର୍ସି ନଂ- ୧୨ ଡୋଲେଶ୍ୱରୀ ବୁଡେକ ଗୋଟିଏ ଲେଖାଏଁ ଗୋଲ କରିଥିଲେ । ଆଜିର ଖେଳରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ସାଂସଦ, ରାଜ୍ୟସଭା ଶ୍ରୀଯୁକ୍ତ ନିରଞ୍ଜନ ବିଶି ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଧୃବ ଚରଣ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ କେଶବ ମେହେର, ଶାରୀରିକ ଶିକ୍ଷା ନିରିକ୍ଷକ ଶ୍ରୀ ଅନ୍ତର୍ଯ୍ୟାମି ବିଶ୍ୱାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶ୍ରୀ ରାଘବ ପାଣିଗ୍ରାହୀ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଭିନ୍ନ ବିଦ୍ୟାଳୟକୁ ଫୁଟବଲ ବଣ୍ଟନ କରଯାଇଥିଲା । ଆଜିର ଖେଳକୁ ଦୋଳଗୋବିନ୍ଦ ମୁଣ୍ଡା, ମୋହନ ପ୍ରଧାନୀ, ଉପେନ୍ଦ୍ର ଚନ୍ଦନ, ରାଜକୁମାର ପାଣିଗ୍ରାହୀ, ଆଶିଷଦେବ ସାହା, ବିଜୟ କୁମାର ଖମାରି, ଶୁଖିରାଜ ବିଶ୍ୱାଳ, ରାଜେଶ ସ୍ୱାଇଁ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ: ଫିଫା ଫୁଟବଲ ଟୁର୍ଣ୍ଣାମେଣ୍ଟ କେରିଅର ଗଠନ କରିବା ପାଇଁ ଏକ ଅପୂର୍ବ ସୁଯୋଗ

ସୁବର୍ଣ୍ଣପୁର ,୧୩/ ୧୦ (ନି.ପ୍ର): ଭୁବନେଶ୍ୱରଠାରେ ଫିଫା ୧୭ ବର୍ଷରୁ କମ ମହିଳା ବିଶ୍ୱକପ ଚାଲିଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ସହଯୋଗରେ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗରେ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋନପୁର ସହର ସ୍ଥିତ ରୋୟାଲ ପଡିଆରେ ମହାସମାରୋହରେ ଉଦଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଲକ୍ଷ୍ମଣ ଭୋଇ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ୧୭ ବର୍ଷରୁ କମ ଫିଫା ଫୁଟବଲ ଟୁର୍ଣ୍ଣାମେଣ୍ଟ ଝିଅ ମାନଙ୍କ ନିମନ୍ତେ କେରିଅର ଗଠନ କରିବା ପାଇଁ ଏକ ଅପୂର୍ବ ସୁଯୋଗ ସୃଷ୍ଟି କରିପାରିବ ବୋଲି କହିବା ସହ ଖେଳ ଦ୍ୱାରା ଜଣେ ଶାରୀରିକ ଓ ମାନସିକ ସ୍ତରରେ ସ୍ୱାସ୍ଥ୍ୟବାନ ହୋଇ ଦେଶ ବିକାଶରେ ସହାୟକ ହୋଇପାରିବ ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥିଭାବେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟନାରାୟଣ ଦାଶ, ଆଞ୍ଚଳିକ ନିର୍ଦ୍ଦେଶକ ସ୍କୁଲ ଓ ଗଣଶିକ୍ଷା, ସମ୍ବଲପୁର ଶ୍ରୀ ବିକାଶ ଚନ୍ଦ୍ର ପ୍ରଧାନ,ଜିଲ୍ଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ରାଧାକାନ୍ତ ଗଡ଼ତିଆ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯୋଧନ ରାଉତ, ଅତିରିକ୍ତ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ଟୁର୍ଣ୍ଣାମେଣ୍ଟକୁ ପତାକା ଉତ୍ତୋଳନ ପୂର୍ବକ ଶୁଭାରମ୍ଭ କରିବାପରେ ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲା ପାଇଁ 'ଫୁଟବଲ ଫର ଅଲ'ଯୋଜନାରେ ପ୍ରଦତ୍ତ ଫୁଟବଲ ଗୁଡିକୁ ସ୍କୁଲ ଗୁଡିକୁ ପ୍ରଦାନ କରିଥିଲେ ଅତିଥି ବୃନ୍ଦ । ଉଦଘାଟନୀ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ବାଙ୍ଗୀପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ସଂଜୀବ ସାହୁ । ଉଦ୍‌ଘାଟନୀ ଫୁଟବଲ ମ୍ୟାଚ ବାଳିକା ବର୍ଗ ରେ ବୀରମହାରାଜପୁର ବ୍ଲକ ଓ ସୋନପୁର ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ, ବାଳକ ବର୍ଗରେ ଉଲୁଣ୍ଡା ବ୍ଲକ ଓ ବୀରମହାରାଜପୁର ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ।ବାଳିକା ବର୍ଗ ରେ ବୀରମହାରାଜପୁର ବ୍ଲକ ୨ -୦ ଗୋଲ ରେ ସୋନପୁର କୁ ଏବଂ ବାଳକ ବର୍ଗରେ ଉଲୁଣ୍ଡା ବ୍ଲକ ଟ୍ରାଇବ୍ରେକର ରେ ୪-୨ ଗୋଲରେ ବୀରମହାରାଜପୁର ବ୍ଲକ ବାଳକ ବର୍ଗଙ୍କୁ ପରାଜିତ କରିଛନ୍ତି । ଏହି ଜିଲ୍ଲା ସ୍ତରୀୟ ୧୭ ବର୍ଷରୁ କମ ବାଳକ ଓ ବାଳିକା ବର୍ଗର ଫୁଟବଲ ଟୁର୍ଣ୍ଣାମେଣ୍ଟ ୧୨/୧୦/୨୨ ରୁ ଆରମ୍ଭ ହୋଇଥିବା ବେଳେ ତା ୧୭/୧୦/୨୨ ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।ପ୍ରତ୍ୟକ ଦିନ ମ୍ୟାଚ ସକାଳ ୯ ଘଣ୍ଟା ରୁ ଆରମ୍ଭ ହେବ । ପଡିଆର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ପଡିଆ ପରିଚାଳକ, ଖେଳ ଶିକ୍ଷକ ରଘୁନାଥ ଥେନାପତି ଙ୍କ ତତ୍ତ୍ୱାବଧାନରେ ଖେଳ ଶିକ୍ଷକ ଶ୍ୟାମସୁନ୍ଦର ନାଏକ, ସଞ୍ଜୟ ସାହୁ, କଲିମ ମହମ୍ମଦ ଙ୍କ ସହଯୋଗରେ ପରିଚାଳିତ ହେଉଛି । ଏଥିରେ ଜିଲ୍ଲାର ୬ ଟି ବ୍ଲକରୁ ବାଳିକା ବର୍ଗରେ ୬ ଟି ଦଳ ଏବଂ ବାଳକ ବର୍ଗରେ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି ।ଉଦଘାଟନ ସମାରୋହରେ ଆଜି ସମସ୍ତ ବ୍ଲକ ର ସ୍ତରରୁ ଫୁଟବଲ ଦଳ, ଜିଲ୍ଲାର ସମସ୍ତ ହାଇସ୍କୁଲ ର ଖେଳ ଶିକ୍ଷକ,ବିଭିନ୍ନ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ସୋନପୁର ମହାରାଜ ହାଇସ୍କୁଲ ର ଛାତ୍ର ମାନଙ୍କ ବ୍ୟାଣ୍ଡ ବାଦନ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସୋନପୁର ର ଛାତ୍ରୀ ମାନଙ୍କ ସ୍ୱାଗତ ସଂଗୀତ ଗାନ ସହ ସମ୍ବଲପୁରୀ ଲୋକ ନୃତ୍ୟ ପରିବେଷଣ ସମାରୋହକୁ ସରସ ସୁନ୍ଦର କରିଥିଲା ।

# ଜୟପୁର ଏୟାରପୋର୍ଟରେ ସମୀକ୍ଷା କରୁଛନ୍ତି ଡିଜିସିଏ ଟିମ୍

ଜୟପୁର ,୧୩/ ୧୦ (ନି.ପ୍ର): ଜୟପୁର ଏୟାରପୋର୍ଟରେ ଡିଜିସିଏ ଟିମ ପହଂଚି ସମୀକ୍ଷା କରିଛନ୍ତି । ୨ଦିନ ଧରି ଏହି ତିନି ଜଣିଆ ଟିମ ପହଂଚି ଜୟପୁର ଏୟାରପୋର୍ଟ ଭିତିଭୂମି ଯାଂଚ କରିବେ। ଏହି ଟିମ୍ ଆଜି ସ୍ୱତନ୍ତ୍ର ବିମାନ ଯୋଗେ ଜୟପୁରରେ ପହଂଚିଛନ୍ତି । ଡିଜିସିଏର ଡାଇରେକ୍ଟୋରେଟ ଜେନେରାଲ ଅଫ ସିଭିଲ ଏଭିଏସନରର ଏହି ଟିମ ୨ ଦିନ ଜୟପୁର ଏୟାର ପୋର୍ଟର ସମସ୍ତ ଭିତି ଭୂମି ଯାଂଚ କରିବେ। ଏହି ଟିମରେ ଡିଜିସିଏର ଉପନିର୍ଦ୍ଦେଶକ ମନୀଷ ଠାକୁର ଏବଂ ଧୁଷାର କୁମାର ମଣ୍ଡଳ ରହିଛନ୍ତି। ଏଟିସି ସରୋଜ କୁମାର ସାହୁ, ସିଏନସ ମ୍ୟାନେଜର ମହମ୍ମଦ ଜଓାଦ, କେ ବାଳକ୍ରିଷ୍ଣା, ଅଗ୍ନି ବିଭାଗର ଏ. କେ ରାହା, ଏଟିସି ମ୍ୟାନେଜର ଟିକେଶ୍ୱର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ମଧ୍ୟ ଡିଜିସିଏର ଅନ୍ୟ ଏକ ଟିମ୍ ଜୟପୁର ବିମାନ ବନ୍ଦରରେ ପହଂଚିବେ । ଯାଂଚ କରିବାରେ ଜୟପୁର ବିମାନ ବନ୍ଦରରୁ ବ୍ୟବସାୟିକ ଉଡାଣ ନେଇ ଲାଇସେନ୍ସ ମିଳିବ । ଲାଇସେନ୍ସ ମିଳିଲେ ଏଠାରୁ ବ୍ୟବସାୟିକ ବିମାନ ଉଡିବ । ଜୟପୁର ଏୟାର ପୋର୍ଟ ରେ ରାସ୍ତା ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଏସଡିପିଓ ଅରୁପ ଅଭିଷେକ ବେହେରା ଉପସ୍ଥିତ ଥିଲେ ।

# ବେଶାଳିଆ ଲକ୍ଷ୍ମୀପୂଜା ପ୍ରତିଷ୍ଠାନର ସୁବର୍ଣ୍ଣଜୟନ୍ତୀ

ଭୁବନ ,୧୩/ ୧୦ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ଗୁଣ୍ଡିଚାପଡା ପଂଚାୟତର ବେଶାଳିଆ ଗ୍ରାମ ଲକ୍ଷ୍ମୀପୂଜା ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଯୁବ ଗୋଷ୍ଠୀ ଙ୍କୁ ଏକତ୍ରିତ କରିବା ସହିତ ଭାଇଚାରା ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ପୁହାଣ , ପଣ୍ଡା ନର୍ସିଂ ହୋମ ର ସତ୍ୱାଧିକାରୀ ଡା.ଶାନ୍ତି ଭୂଷଣ ପଣ୍ଡା ଯୋଗଦେଇଥିଲେ । ସଦ୍ୟ ଓଏଏସ ପ୍ରାପ୍ତ ଢେଙ୍କାନାଳ ଝିଅ ହିମାଦ୍ରି ତନୟା (ର୍‍ୟାଙ୍କ ୨୪) ଙ୍କ ସମେତ ଯୁବ ଶିଳ୍ପୋଦ୍ୟୋଗି ଧଳପୁର ନିବାସୀ ସତ୍ୟ ରଂଜନ ମିଶ୍ର ଓ ଯୁବ ସମାଜସେବୀ ଭାବେ ବାବୁଲି ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସରପଂଚ ପ୍ରଶାନ୍ତ ପ୍ରଧାନ ,ପୂର୍ବତନ ସମିତିସଭ୍ୟ ବିଷ୍ଣୁ ସାମଲ ଓ ଅନ୍ୟାନ୍ୟ ସଦସ୍ୟ ମାନେ ସୁଚାରୁରୂପେ ସଂପାଦନ କରିଥିଲେ ।

# ଗ୍ରାମସାଥୀ ପଦବୀ ପୂରଣ ପାଇଁ ଦାବି

କେନ୍ଦ୍ରାପଡା ,୧୩/ ୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦିହୁଡିପୁର ଗ୍ରାମ ପଂଚାୟତ ରେ ଦୀର୍ଘ ୧୫ ବର୍ଷ ହେବ ଗ୍ରାମ ସଂଯୋଜକ ନଥିବାରୁ ପଂଚାୟତରେ ଶ୍ରମିକ ମାନଙ୍କୁ କାମ ଯୋଗାଇବା ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ଏନେଇ ବିଡିଓଙ୍କୁ ବାରମ୍ବାର ଦାବି କଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନଥିବାରୁ ଗ୍ରାମ ସଂଯୋଜକ ପଦବୀ ପୂରଣ ହୋଇପାରୁ ନାହିଁ । ଏନେଇ ସରପଂଚ ନରେଶ କୁମାର ମଲିକ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଦାବି କରିଛନ୍ତି ।

# କୁମ୍ବିଙ୍ଗ ବେଳେ ଜବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜଣେ ମହିଳା ମାଓବାଦୀ ମୃତ: ବିପୁଳ ମାଓ ସାମଗ୍ରୀ ଜବତ

କନ୍ଧମାଳ ,୧୩/ ୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁଦ୍ରା ଫାଣ୍ଡି ଅନ୍ତର୍ଗତ କଣାସାଲୁ ଜଙ୍ଗଲରେ କୁମ୍ବିଙ୍ଗ ବେଳେ ଜବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ଏଥିରେ ଜଣେ ମହିଳା ମାଓବାଦୀର ମୃତ୍ୟୁ ଘଟିଛି। ଆଜି ଫୁଲବାଣୀରେ ଜିଲ୍ଲା ପୋଲିସ ମୁଖ୍ୟାଳୟରେ, ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଆଇଜି ଅପରେସନ ଅମିତାଭ ଠାକୁର। ଏହି ଅବସରରେ ତାଙ୍କ ସହିତ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ,ସଞ୍ଜିବ କୁମାର ପଣ୍ଡା,ସିଆରପିଏଫ୍ କମାଣ୍ଡେଣ୍ଟ,ବି. ଏନ ଝା,କନ୍ଧମାଳ ଏସପି ଭିନୀତ ଅଗ୍ରୱାଲ ଏବଂ ବାଲିଗୁଡ଼ା ଉପଖଣ୍ଡ ପୋଲିସ୍ ଅଧିକାରୀ ଜି. ରାଘବେନ୍ଦ୍ର ଓ ଅନ୍ୟ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ,ସେହି ଅଂଚଳରେ ନକ୍ସଲଙ୍କ ଗତିବିଧି ଥିବା ନେଇ, କନ୍ଧମାଳ ଏସପି ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ଗତ ୯ ତାରିଖ ରେ,ସେହି ଅଂଚଳରେ ଏସ୍‌ଓଜି,ଡ଼ିଭିଏଫ ଓ ସିଆରପିଏଫ୍ ଜବାନଙ୍କ ମିଳିତ କୁମ୍ବିଙ୍ଗ ଅପରେସନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ୧୧ତାରିଖ ଦିନ ଅପରାହ୍ନ ୪.୩୦ ସମୟରେ ଜବାନଙ୍କ ସହିତ ମାଓବାଦୀଙ୍କ ମୁହାଁ ମୁହିଁ ହୋଇଥିଲା। ମାଓବାଦୀଙ୍କ ପକ୍ଷରୁ ଅତର୍କିତ ଭାବେ ଗୁଳି ଚାଳନା କରିଥିଲେ। ଜବାନଙ୍କ ପକ୍ଷ୍ୟରୁ ସେମାନଙ୍କୁ ଆତ୍ମସମର୍ପଣ ପାଇଁ ଚେତାବନୀ ଦିଆଯାଇଥିଲା। ତଥାପି ସେମାନଙ୍କ ଆକ୍ରମଣ ବନ୍ଦ ନହେବାରୁ, ଜବାନ ମାନେ ଆତ୍ମରକ୍ଷା ପାଇଁ ନିୟନ୍ତ୍ରିତ ଭାବରେ ଗୁଳି ଚାଳନା କରିଥିଲେ। ସେଠାରେ ୩୦ ମିନିଟ୍ ଧରି ଗୁଳି ବିନିମୟ ହୋଇଥିଲା। ଘଂଚ ଜଙ୍ଗଲର ଉହାଡରେ ମାଓବାଦୀ ମାନେ ସେଠାରୁ ଖସି ଯିବାରେ ସଫଳ ହୋଇଥିଲେ। ପରେ ଜବାନ ମାନେ ଘଟଣା ସ୍ଥଳରେ ସର୍ଚ୍ଚ ଅପରେଶନ କରିବା ବେଳେ ଜଣେ ମହିଳା ମାଓବାଦୀ ର ଶବ ଉଦ୍ଧାର କରିଥିଲେ। ସେଠାରୁ ଜବାନ ମାନଙ୍କୁ ଗୋଟିଏ ଦେଶୀ ବନ୍ଧୁକ ଓ ୧୩ ଟି ଜୀବନ୍ତ ଗୁଳି,ଗୋଟିଏ ଜିଲେଟିନ ରର୍ଡ,ଆଇଇଡି,ଟିଫିନ ବକ୍ସ,ବିସ୍ଫୋରଣ,ମାଓ ବ୍ୟାଗ୍, ପୋଷାକ, ରେଡିଓ, ବ୍ୟାଟେରୀ ଓ ଚାର୍ଜର, ସୋଲାର ପ୍ୟାନେଲ, ମହିଳା ଅନ୍ତବସ୍ତ୍ର, ଔଷଧ, ଛତା, ବାସନକୁସନ, ଥାଳି ଓ ବିପୁଳ ପରିମାଣର ମାଓ ସାମଗ୍ରୀ ପୋଲିସ ଜବତ କରିଥିବା ନେଇ ସୂଚନା ଦେଇଥିଲେ ଆଇଜି ଅପରେସନ। ତେବେ ମୃତ ମାଓବାଦୀ ଜଣକ ପଡୋଶୀ ଛତିଶଗଡ ଅଂଚଳର ହୋଇଥିବା ନେଇ ସନ୍ଦେହ କରାଯାଉଥିବା ବେଳେ ତାର ପରିଚୟ ମିଳି ପାରିନାହିଁ ଏହା ବାବଦରେ ନଦନ୍ତ ଜାରି ରହିଛି ବୋଲି କହିଥିଲେ। ଏହି ଅବସରରେ ଗଣମାଧ୍ୟମ ର ପ୍ରଶ୍ନର ଉତ୍ତର ରେ,ଏହା କେକେବିଏନ ଡିଭିଜନ ମାଓ ସଂଗଠନର ସଦସ୍ୟ ଥିବାବେଳେ ମାଓ ନେତ୍ରୀ ମମତା ନେତୃତ୍ୱରେ ପରିଚାଳିତ ହେଉଛି ବୋଲି କହିଥିଲେ। ତେବେ କନ୍ଧମାଳ ଜିଲ୍ଲା ରେ ୭୦ ପ୍ରତିଶତ ଛତିଶଗଡ଼ି ମାଓବାଦୀ ଥିବା ଓ ଛତିଶଗଡ଼ର ନିକଟତର ହୋଇଥିବାରୁ କନ୍ଧମାଳର ଘଂଚ ଜଙ୍ଗଲ ସେମାନଙ୍କୁ ସୁହାଉଛି ତେଣେ ଏହି ଅଂଚଳରେ ସେମାନେ କ୍ୟାମ୍ପ କରି ରହୁଛନ୍ତି। ତେବେ ପୋଲିସ ସେମାନଙ୍କୁ ଏଥିପାଇଁ ସୁଯୋଗ ଦେବନାହିଁ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ରହିଥିବା ଯୋଜନା ଅନୁସାରେ ମାଓବାଦୀ ମାନେ ଆତ୍ମ ସମର୍ପଣ କରି ସମାଜର ମୁଖ୍ୟ ସ୍ରୋତକୁ ଫେରି, ଏହାର ସୁଯୋଗ ନେବାକୁ ସେ ଆହ୍ୱାନ ଦେଇଛନ୍ତି।

# ୧୭ରେ ବେଲପଡା ବ୍ଲକ ସିହିନୀ ଗ୍ରାମରେ ପଞ୍ଚାୟତ ଲୋକ ସେବା ଶିବିର

ବଲାଙ୍ଗିର ,୧୩/ ୧୦ (ନି.ପ୍ର): ଅକ୍ଟୋବର ୧୭ ତାରିଖ ପୂର୍ବାହ୍ନ ୮ ଘଟିକା ଠାରୁ ବେଲପଡା ବ୍ଲକ ଅନ୍ତର୍ଗତ ସିହିନୀ ଗ୍ରାମ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ଲୋକ ସେବା ଶିବିର ଅନୁଷ୍ଠିତ ହେବ । ଏହି ପଞ୍ଚାୟତ ଲୋକ ସେବା ଶିବିର ରେ ଜିଲ୍ଲା ର ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନହିତକର ଓ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀ ଙ୍କୁ ସଚେତନ କରିବାପାଇଁ ବିଭାଗୀୟ ଷ୍ଟଲ ସହ ଯୋଜନା ସମ୍ପର୍କିତ ସୂଚନା ସମ୍ବଳିତ ବ୍ୟାନର ଲଗାଯିବ । ଏତଦବ୍ୟତୀତ ପଞ୍ଚାୟତ ଲୋକ ସେବା ଶିବିରରେ ସ୍ୱାସ୍ଥ୍ୟ ବିଭାଗ , ପ୍ରାଣୀ ସମ୍ପଦ ବିଭାଗ ,ଶ୍ରମ ବିଭାଗ , କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ , ସାମାଜିକ ସୁରକ୍ଷା ବିଭାଗ , ମହିଳା ଓ ଶିଶୁ ବିକାଶ ବିଭାଗ ,ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ, ମିଶନ ଶକ୍ତି , ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ତଥା ଅନ୍ୟାନ୍ୟ ବିଭାଗ ର ଯୋଜନା ସମ୍ପର୍କରେ ସଚେତନତା ସହ ଯୋଗ୍ୟ ହିତାଧିକାରୀ ମାନଙ୍କୁ ବିଭାଗୀୟ ସହାୟତା ଓ ପରାମର୍ଶ ଦିଆଯିବ। ସିହିନୀ ଗ୍ରାମରେ ଅନୁଷ୍ଠିତ ହେବାକୁଥିବା ଏହି ପଞ୍ଚାୟତ ଲୋକ ସେବା ଶିବିର ରେ ଜିଲ୍ଲାପାଳ ଙ୍କ ସମେତ ବିଭିନ୍ନ ବିଭାଗ ର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେବେ । ଶିବିରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗଦାନ କରି ବିଭିନ୍ନ ଯୋଜନା ଗୁଡିକର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଛି ।

# ନିଖିଳ ଓଡିଶା ନିର୍ମାଣ ସଂଘ ଆନ୍ଦୋଳନକୁ ଓହ୍ଲାଇବ

କେନ୍ଦ୍ରାପଡା ,୧୩/ ୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ ଦୀର୍ଘ ବର୍ଷ ହେଲା ଶ୍ରମିକ ମାନଙ୍କର ସମସ୍ୟାକୁ ନେଇ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହିତ ଆଲୋଚନା କରି ଆସୁଅଛି । ଏଥିରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରମିକ ମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ନଦେବା ଓ ସମସ୍ୟା ପାଇଁ ଉଦ୍ୟମ ନକରି ସମୟ ବଢାଇ ବଢାଇ ଚାଲିଛନ୍ତି । ଦୀର୍ଘ ବର୍ଷ ହେଲା ଶ୍ରମିକ ମାନଙ୍କର ପଞ୍ଜିକରଣ ଦରଖାସ୍ତ ଶ୍ରମ କାର୍ଯ୍ୟାଳୟରେ ଅନୁମୋଦନ ପାଇଁ ପଡି ରହିଛି । ୨୦୧୯ ମସିହାରୁ କୌଣସି କାରଣ ଅଥବା କୌଣସି ନିର୍ଦ୍ଦେଶ ନଥାଇ ମହିଳା ନିର୍ମାଣ ଶ୍ରମିକ ମାନଙ୍କ ପଞ୍ଜିକରଣ କରାଯାଉ ନାହିଁ । ମୃତ୍ୟୁକାଳୀନ ସାହାଯ୍ୟ ୬୦ ଦିନ ମଧ୍ୟରେ ଦିଆଯିବା ପାଇଁ ନିର୍ଦ୍ଦେଶ ଥିବାବେଳେ ବର୍ଷ ବର୍ଷ ଧରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପଡି ରହୁଛି । ପ୍ରଭୃତି ସମସ୍ୟା ଗୁଡିକ ଶ୍ରମ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ନହେବାରୁ ବୁଧବାର ରାଜ୍ୟ ସାଧାରଣ ସଂପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ନିତ୍ୟାନନ୍ଦ ସାମଲ, ମହେଶ୍ୱର ନାୟକ, ଅକ୍ଷୟ ଲେଙ୍କା, ଜଗଦିଶ ପଟାଲ, ମନୋଜ ପରିଡା, ହୃଷିକେଶ ଧଳ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଖୋର୍ଦ୍ଧାରେ ଗଜଲକ୍ଷ୍ମୀ ପୂଜା

ଖୋର୍ଦ୍ଧା ,୧୩/ ୧୦ (ନି.ପ୍ର): ମା ଲକ୍ଷ୍ମୀ ପୂଜା ସହର ୩୭ ମଣ୍ଡରେ ବହୁ ଯାକ ଯାକମଙ୍କରେ ପାଳନ କରାଯାଉଛି। ଦୀର୍ଘ ବର୍ଷ ପରେ ପୂଜା ମଣ୍ଡପ ସାଜା ସଜ୍ଜା ଖୁସି ଲହରୀ ଚାଲିଛି। କରାଣ କରୋନା ଯୋଗୁ ଦୀର୍ଘ ୨ ବର୍ଷ ବନ୍ଦ ଥିଲା। ଖୋର୍ଦ୍ଧା ସହର ୫ ନମ୍ବର ୱାର୍ଡ ସବୁ ଠାରୁ ଉତକୃଷ୍ଟ ହୋଇଛି ।ଆହୁରି ଏ ବର୍ଷ ୭ ମି ଦିନ ଠାରୁ ଏହି ସ୍ଥାୟୀ ମଣ୍ଡପ ଓ ଲକ୍ଷ୍ମୀ ମୂର୍ତ୍ତି ଥାଇ ଏଠାରେ ବିଶ୍ୱଶାନ୍ତି ହୋମ ଜଙ୍ଘ ୩ ଦିନ ଚାଲି ଥିଲା। ୯ ତାରିଖ ଏହି ମାଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଇଛି,।୭ ଦିନ ପରେ ସମୂହ ବିସର୍ଜନ ଆସନ୍ତା ୧୬,୧୦,୦୨୨ ରିଖ କରାଯିବ ଜିଲ୍ଲା ପ୍ରଶାନ ଓ ପୂଜା କମିଟି ସଦସ୍ୟ ଆଲୋଚନା ହୋଇ ସ୍ଥିର କରାଯାଇଛି। ଖୋର୍ଦ୍ଧା ପୌରପରିଷଦ ୫ ୱାର୍ଡର ବେବସାୟୀ ସଂଘ ଓ ସ୍ଥାୟୀ ବାସିନ୍ଦା ନେଇ ପୂଜା କମିଟି ହୋଇଛି। ଏହି କମିଟି ମୁଖ୍ୟ ସୃଷ୍ଟି ଧର ତ୍ରିପାଠୀ ( ନାନୁ) କିପରୀ ମା,ଙ୍କ ଲକ୍ଷ୍ମୀ ପୂଜା ସରସ ସୁନ୍ଦର ହେବ ବିଶେଷ ଧ୍ୟାନ୍ୟ ଦେଇଛନ୍ତି। ତାଙ୍କୁ ସମସ୍ତ ସଦସ୍ୟ ଯୁବ ବର୍ଗ ୫ ନମ୍ବର ୱାର୍ଡ କମିଟି ଓ ବେବସ୍ୟାୟୀ କମିଟି ସଭାପତି ଗୁଲା ପଟ୍ଟନାୟକ, ଉପ ସଭପତି ବିରଞ୍ଚି ପାତ୍ର, ସମ୍ପାଦକ ଲକି ସାହୁ, ସହ ସମ୍ପାଦକ ଦିପୁ ଦାସ, କୋଷାଦକ୍ଷ କେଦାର ବାବୁ, ଆଦି ସବୁ ସଦସ୍ୟ ଦିନ ରାତି ଲାଗି ପଡିଛନ୍ତି। ସବୁଦିନ କିଛି ନା କିଛି ମନ ରଞ୍ଜନ କାର୍ଯ୍ୟ ଚାଲିଛି ଓ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଛି। ପ୍ରକାଶ ଥାଉକି ଖୋର୍ଦ୍ଧା ସହର କେଉଁଠି ଲକ୍ଷ୍ମୀ ମନ୍ଦିର କରାଯାଇ ନାହିଁ। କେବଳ ୫ ନମ୍ବର ୱାର୍ଡ ସ୍ଥାୟୀ ମଣ୍ଡପ, ସ୍ଥାୟୀ ମନ୍ଦିର କରାଯାଇ ଲକ୍ଷ୍ମୀ ପିତଳ ମୂର୍ତ୍ତି ସ୍ଥାପନ କରାଯାଇ ଅଛି। ୫ ନମ୍ବର ୱାର୍ଡ ମଧୁସୁଦନ ମାର୍ଗ ମୁଖ୍ୟ ରାସ୍ତା କଡ଼ରେ ନୂଆ ବସ ଷ୍ଟାଣ୍ଡ ନିକଟ କରାଯାଇ ସବୁଦିନ ଲକ୍ଷ୍ମୀଙ୍କ ପ୍ରସାଦ କରାଯାଇ ପୂଜା ହୁଏ ଓ ଭକ୍ତ ମାନେ ପାଆନ୍ତି ଓ ଏହି ୱାର୍ଡ ବାସିନ୍ଦା ଆବଶ୍ୟକ ନେଇ ପାଇଥାନ୍ତି। ଏହି ଖୋର୍ଦ୍ଧା ସହର ୫, ନମ୍ବର ୱାର୍ଡ ଏକତା ସଦା ବାଜାଇରହିଛି। ଏହି କମିଟିରେ ମୁସଲମାନ ସଦସ୍ୟ ଅଛନ୍ତି ଏହାର ମୁଖ୍ୟ ସେକ୍ ଅବୁ, ଓ ସବୁ ଜାତି ବର୍ଣ୍ଣ ନିର୍ବିଶେଷର ଅଂଶ ଗ୍ରହଣ କରି ଥାଆନ୍ତି। ଏହି ୱାର୍ଡ ଖୋର୍ଦ୍ଧା ପୌରପରିଷଦ ଏକ ଆଦର୍ଶ ୱାର୍ଡ। ଏହି ମନ୍ଦିର ସ୍ଥାୟୀ କମିଟି ମୁଖ୍ୟ ଓ ଆବାହକ ନାନୁବାବୁ ନିଶ୍ୱାଥପର ଓ ଖର୍ଚ୍ଚ ପାଇଁ ଦିଥା ନ ଥିବାରୁ ଏହା ସମ୍ଭବ। ଏହା ସୁଚାରୁ ରୁପେ ଚାଲିଆସୁଛି ଓ ଚାଲିଥିବ । ମା ଲକ୍ଷ୍ମୀ ଙ୍କ ଆର୍ଶ୍ରୀବାଦ ଅଛି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପୁଛି ଗଜଲକ୍ଷ୍ମୀ ମଣ୍ଡପ

ପୁରୀ ,୧୩/ ୧୦ (ନି.ପ୍ର): ଶ୍ରୀକ୍ଷେତ୍ରରେ ଏବେ ଗଜଲକ୍ଷ୍ମୀ ପୂଜା ମାହୋଲ ଦେଖିବାକୁ ମିଳିଛି । ସହରର ବିଭିନ୍ନ ସ୍ଥାନରେ ପୂଜା ମଣ୍ଡପ ଗୁଡ଼ିକ ଆକର୍ଷଣୀୟ ସାଜସଜ୍ଜା ସହ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି । ଶ୍ରଦ୍ଧାଳୁମାନେ ସକାଳେ ଓ ସନ୍ଧ୍ୟାରେ ମାଙ୍କୁ ଦର୍ଶନ କରୁଥିବା ଦେଖିବାକୁ ମିଳିଛି । ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ,ପାଲା ଦାସକାଠିଆ, ଓଡ଼ିଶୀ ନୃତ୍ୟ,ଗୋଟିପୁଅ ନୃତ୍ୟ ଓ କେତେକ ମଣ୍ଡପରେ ସାସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି । ମାଙ୍କ ଆଗମନି ଯୋଗୁ ବଡ଼ଦାଣ୍ଡ ହୋଇଛି ଚଳଚଞ୍ଚଳ । ଶ୍ୟାମାକୁଞ୍ଜ ଗଳି ଛକ, ମରିଚିକୋଟ ଛକ, ଶନିମନ୍ଦିର ଛକ ପୁରୀ ଜିଲ୍ଲା ଅଟୋ ମହାସଂଘ, ଅନ୍ନପୂର୍ଣ୍ଣା ସମ୍ମୁଖ ଅଶୋକ ବଜାର,ଗୋଏଙ୍କା ଧର୍ମଶାଳା ଦୀନବନ୍ଧୁ ବଜାର, ଜଗନ୍ନାଥ ବଲ୍ଲଭ , ମା ମାଉସୀମା ଥ୍ରୀ ଷ୍ଟାର ଯୁବକ ସଂଘ, ବଳଗଣ୍ଡି,ବଡ଼ଶଙ୍ଖ ପୂଜା କମିଟି, ଶରଧାବାଲି ଟ୍ୟାକ୍ସି ଆସୋସିଏସନ, ଗୁଣ୍ଡିଚା ମନ୍ଦିର ନିକଟ, ଗଜପତି ନଗର ଛକ ଭାଇ ଭାଇ ଯୁବକ ସଂଘ, ଷ୍ଟେସନ ଅଟୋ ଚାଳକ ସଂଘ ,ନୂଆସାହି ଓ ବେହେରା ସାହି ଭଳି ଅନେକ ପୂଜା ମଣ୍ଡପରେ ମାଙ୍କ ପୂଜାର୍ଚ୍ଚନା ଜାରି ରହିଛି । ହୋମଯଜ୍ଞ ସାଙ୍ଗକୁ ଘଂଟ,ଘଂଟି ଶବ୍ଦରେ ମଣ୍ଡପ ପରିବେଶ କମ୍ପମାନ ହେବା ଦେଖାଯାଇଛି । ପୂଜା କମିଟିର ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନୀ ସହ ଆଳତି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହୁଛି । ରଙ୍ଗବେରଙ୍ଗର ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକମାଳା ଶ୍ରଦ୍ଧାଳୁଙ୍କ ବେଶ ଆକୃଷ୍ଟ କରିଛି । ଦୁଇବର୍ଷ କରୋନା କଟକଣାରୁ ମୁକ୍ତ ହେବା ପରେ ଗଜଲକ୍ଷ୍ମୀ ଉତ୍ସବ ଅନୁଷ୍ଠିତ ହେଉଥିବାରୁ କମିଟି କର୍ମକର୍ତାଙ୍କ ମଧ୍ୟରେ ଅଧିକ ଉତ୍ସାହ ପରିଲକ୍ଷିତ ହୋଇଛି । ତୀର୍ଥ ପୁଷ୍କରଣୀରୁ ଜଳ ଆଣି ମଣ୍ଡପରେ ସଂସ୍କାର କରାଯାଇଛି । ପାରମ୍ପରିକ ବାଦ୍ୟ ସହ ମାଙ୍କ ପୂଜାର୍ଚ୍ଚନା ଜାରି ରହିଛି । ତିନି ଧୂପରେ ବାଳଭୋଗ,ପିଠା ଓ ଖିରି ଭୋଗ କରାଯାଉଛି । ପୂଜା ମଣ୍ଡପ ସମ୍ମୁଖରେ ସୁଦୃଶ୍ୟ ମଣ୍ଡପରେ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରାଯାଉଛି । ଅଧିକାଂଶ ସ୍ଥାନରେ ୭ ଦିନ ଧରି ଶୁଦ୍ଧପୂତ ଭାବେ କିମଟିର ସଦସ୍ୟମାନେ ପୂଜା କରୁଥିବା କର୍ମକର୍ତାମାନେ କହିଛନ୍ତି । ଗଜପତି ନଗର ଭାଇ ଭାଇ ଯୁବକ ସଂଘ ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ କାକରା ଓ ଖିରି ଶ୍ରଦ୍ଧାଳୁମାନଙ୍କୁ ବଂଟନ କରାଯାଉଛି । ବଡ଼ଶଙ୍ଖ ପୂଜାମଣ୍ଡପ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ବହ ଦେଖାଣାହାରୀଙ୍କ ଗହଳି ପରିଲକ୍ଷିତ ହୋଇଥିଲା । ମା ଗଜଲକ୍ଷ୍ମୀଙ୍କୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ବିଭିନ୍ନ ମଣ୍ଡପରେ ସନ୍ଧ୍ୟାରେ ବୁଲୁଥବା ଦେଖିବାକୁ ମିଳିଥିଲା ।

# ନାଇଟ୍ ସୁଟ୍‌ରେ ଷ୍ଟାଇଲିଶ୍



**ନାଇଟ୍ ସୁଟ୍ ମହିଳାମାନଙ୍କ ପାଇଁ ବେଶ୍ ଆରାମଦାୟକ ପୋଷାକ । ଢିଲା ହୋଇଥିବାରୁ ନାଇଟ୍ ସୁଟ୍ ଡ୍ରେସ୍ ପିନ୍ଧିବାକୁ ପସନ୍ଦ କରନ୍ତି । ଏବେ ଅଲଗା ଅଲଗା ଡିଜାଇନର୍ ନାଇଟ୍ ସୁଟ୍ ଫ୍ୟାଶନ୍ ଟ୍ରେଣ୍ଡ୍ ବନିଛି । ନାଇଟ୍ ସୁଟ୍‌ରେ କିପରି ଷ୍ଟାଇଲ୍ ବନେଇବେ ନିଅନ୍ତୁ କିଛି ଟିପ୍ସ ।**

◆ପଜାମା ସେଟ୍: ରାତିରେ ଢିଲା ପଜାମା ସେଟ୍ ପିନ୍ଧିବା ଆରାମ ଦେଇଥାଏ । ଏହି କାରଣରୁ ପଜାମା ସେଟ୍ ସବୁବେଳେ ଫ୍ୟାଶନ୍‌ରେ ରହିଥାଏ । ଏହାମଧ୍ୟ ସବୁଠୁ ଅଧିକ ପିନ୍ଧାଯାଉଥିବା ନାଇଟ୍ ସୁଟ୍ । ଏହା ବିଭିନ୍ନ ପ୍ରକାର ଡିଜାଇନ୍‌ରେ ବଜାରରେ ଉପଲବ୍ଧ । କଟନ, ସାଟିନ୍, ସିଫନ୍, ଭଳି ଫ୍ୟାବ୍ରିକ୍ ବାଛିପାରିବେ ।

◆କ୍ରପ୍ ଟପ୍ ଏବଂ ସ୍ୱେଟ୍‌ପ୍ୟାଣ୍ଟ

ଯଦି ଆପଣ ପଜାମା ପିନ୍ଧିବାକୁ ଚାହୁଁନଥିବେ ତାହାଲେ କ୍ରପ ଟପ୍ ଏବଂ ସ୍ୱେଟପ୍ୟାଣ୍ଟ୍ କ୍ୟାରି କରିପାରିବେ । ନାଇଟ୍ ସୁଟ୍‌ରେ କ୍ରପ୍ ଟପ୍ ଏବେ



ଟ୍ରେଣ୍ଡରେ । ଅନେକ ଝିଅ ଥାଆନ୍ତି ଯେଉଁମାନେ ଓଭରସାଇଜ ପୋଷାକ ପିନ୍ଧିବା ବଦଳରେ ନାଇଟ୍ ସୁଟ୍‌ରେ ଷ୍ଟାଇଲିଶ୍ ପୋଷାକ ପିନ୍ଧିଥାନ୍ତି । ଏଥିପାଇଁ କ୍ରପ୍ ଟପ୍ ଏବଂ ସ୍ୱେଟ୍‌ପ୍ୟାଣ୍ଟ ପରଫେକ୍ଟ ରହିଥାଏ । ଆପଣ ଚାହିଁଲେ ଏହି ନାଇଟ୍ ସୁଟ୍‌କୁ ବାହାରକୁ ପିନ୍ଧି ଯାଇପାରିବେ ।

◆ଟପ୍ ଏବଂ ସର୍ଟସ୍:

ସବୁ ସିଜିନ୍‌ରେ ଟପ୍ ଏବଂ ସର୍ଟସ୍ ପିନ୍ଧି ହୋଇଥାଏ । ନାଇଟ୍ ସୁଟ୍‌ରେ ଟପ୍ ଏବଂ ସର୍ଟସ୍ ବହୁତ କମନ୍ । କିଛି ଝିଅ ମ୍ୟାଚିଙ୍ଗ କଲର ପିନ୍ଧିବାକୁ ପସନ୍ଦ କରନ୍ତି ଆଉ କେହି କଣ୍ଟ୍ରାଷ୍ଟ୍ କଲର୍ । ଆପଣଙ୍କ ପସନ୍ଦ ହିସାବରେ ଫ୍ୟାବ୍ରିକ୍ ବାଛିପାରିବେ ।

◆ସ୍ୱେଟ୍‌ସାର୍ଟ ଏବଂ ଜ୍ୟାମି ସେଟ୍:

ଶୀତଦିନେ ନାଇଟ୍ ସୁଟ୍ ହିସାବରେ ସ୍ୱେଟ୍‌ସାଟ୍ କ୍ୟାରି କରିପାରିବେ । ସ୍ୱେଟ୍‌ସାର୍ଟ ଏବଂ ଜ୍ୟାମି ସେଟ୍‌କୁ ବାହାରକୁ ବୁଲାବୁଲି ପାଇଁ ପିନ୍ଧି ଯାଇପାରିବେ । ଆପଣଙ୍କ ପସନ୍ଦ ହିସାବରେ ଟିମଅପ କରିପାରିବେ ।

# ପକୋଡ଼ା ମିକ୍ସ ଭେଜ୍

**ସାମଗ୍ରୀ:**



ଗ୍ରେଭି ପାଇଁ- ଏକ ଟିମ୍‌ସ୍ପୁନ୍ ଅଦା ରସୁଣ ପେଷ୍ଟ, ଏକ ପ୍ୟାକେଟ ଟମାଟୋ ପ୍ୟୁରି, ଗୋଟିଏ ପିଆଜ, ୧/୪ ଚାମଚ ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ ଓ ଗରମ ମସଲା ଅଧା ଚାମଚ ଲେଖାଏଁ, ଲୁଣ ସ୍ୱାଦ ଅନୁସାରେ, କଟାଯାଇଥିବା ଧନିଆପତ୍ର, ଅଧା ଚାମଚ ଜିରା ଓ ରିଫାଇନ୍ ତେଲ । ପକୋଡ଼ି ପାଇଁ- ଦେଢ଼ ଲେଖାଏଁ, ଚାରି ପାଞ୍ଚଟି ପାଳଙ୍ଗ ପତ୍ର, ଲୁଣ ସ୍ୱାଦାନୁସାରେ, ଏକ ଚୁଟ୍‌କି ସୋଡ଼ା ବାଇକାର୍ବୋନେଟ୍ ଓ ରିଫାଇନ୍ ତେଲ ।

**ପ୍ରଣାଳୀ:**

ପକୋଡ଼ି ପାଇଁ- ବେସନ, ଲୁଣ ଏବଂ ସୋଡ଼ିଅମ ବାଇକାର୍ବୋନେଟ ପାଣିରେ ପକାଇ ଫେଣ୍ଟନ୍ତୁ ଓ ବ୍ୟାଟର ତିଆରି କରନ୍ତୁ । ବର୍ତ୍ତମାନ କଟା ଆଳୁ, ପିଆଜ ଓ ପାଳଙ୍ଗ ବ୍ୟାଟରରେ ପକାଇ ସେହି ମିଶ୍ରଣକୁ ତେଲରେ ଛାଣନ୍ତୁ । ପକୋଡ଼ି ପ୍ରସ୍ତୁତ ହୋଇଗଲା । ଗ୍ରେଭି ପାଇଁ- ଗଡ଼େଇରେ ଏକ ଚାମଚ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏଥିରେ ଜିରା ଏବଂ ପିଆଜ ପକାଇ ଗୋଲ୍ଡେନ-ବ୍ରାଉନ କଲର ହେବା ଯାଏଁ ଭାଜନ୍ତୁ । ଏହାପରେ ଏଥିରେ ଅଦା-ରସୁଣ ପେଷ୍ଟ ପକଇ ଫ୍ରାଏ କରନ୍ତୁ । ଏଥିରେ ଟମାଟୋ ପ୍ୟୁରି, ଲାଲ ଲଙ୍କା, କଞ୍ଚା ଲଙ୍କା, ଗରମ ମସଲା ଓ ଲୁଣ ପକାଇ ମସଲାରୁ ତେଲ ଛାଡ଼ିବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ଗୋଟିଏ କପ୍ ପାଣି ପକାଇ ସିଝିବାକୁ ଦିଅନ୍ତୁ । ବର୍ତ୍ତମାନ ଏହାକୁ ଚୁଲିରୁ ଓହ୍ଲାଇଆଣି ଏଥିରେ ପକୋଡ଼ି ପକାନ୍ତୁ । କଟା ଧନିଆ ପତ୍ରରେ ଗାର୍ଣ୍ଣିସିଂ କରି ଗରମ ଚପାତି କିମ୍ବା ପରଟା ସହିତ ପରଷନ୍ତୁ ।

## କେକ୍‌ର ଇତିହାସ

ବେକରୀ ଦୋକାନୀ, ଫୁଡ୍ ମାର୍ଟ, ଏ ସବୁ ସ୍ଥାନରେ ଭଳିକିଭଳି ସ୍ୱାଦ କେକ୍ ମିଳିଥାଏ । ଆମେ ଭାରତୀୟ ଜନ୍ମଦିନ, ବିବାହ ବାର୍ଷିକୀ ପରେ ଏବେ ବଡ଼ଦିନ, ନୂଆବର୍ଷକୁ ସ୍ୱାଗତ ପାଇଁ କେକ୍ କାଟିବାକୁ ପ୍ରାଥମିକତା ଦେଉଛେ । ବିଦେଶୀ ରାଷ୍ଟ୍ର ଆମେରିକା, ଇଉରୋପ, ବ୍ରିଟେନ୍, ଅଷ୍ଟ୍ରେଲିଆରେ ଏଇ ସମୟରେ କେକ୍ ବ୍ୟବସାୟ ଲକ୍ଷାଧିକ ଟଙ୍କାର ହେଉଥିବାବେଳେ ଚଳିତ ବର୍ଷ କରୋନା କାରଣରୁ କେକ୍ ବିକ୍ରି ସେଭଳି ମାତ୍ରାରେ ହେଉନଥିବାର ଜଣାପଡ଼ିଛି । ଆମେରିକାରେ ବଡ଼ଦିନ ଅବସରରେ ପଞ୍ଚତାରକା ହୋଟେଲଗୁଡ଼ିକ ଦାମୀ ଡିଜାଇନର କେକ୍ ପ୍ରସ୍ତୁତ କରିଥାନ୍ତି, ହେଲେ ଏଥରକ ସ୍ଥିତି ଅଲଗା । ରୋମାନ୍ ଶାସନ ସମୟରୁ ହିଁ ପ୍ରଥମେ କେକ୍ ତିଆରି ଆରମ୍ଭ ହୋଇଥିବାର ଅନୁମାନ କରାଯାଏ । ସେତେବେଳେ ଅଣ୍ଡା, ଡ୍ରାଏଫ୍ରୁଟସ୍, ମହୁ, ଖିରରେ ହିଁ କେକ୍ ତିଆରି ହେଉଥିଲା, ପରେ ଇଂଲଣ୍ଡରେ ଏହି ଖାଦ୍ୟର ଆଦର ବଢ଼ିଲା । ଇଂଲଣ୍ଡର ସେଫ୍‌ମାନେ କେକ୍‌କୁ ବିଭିନ୍ନ ଆକାର ଦେବା ସହ ସ୍ୱାଦକୁ ମଧ୍ୟ ଗୁରୁତ୍ୱ ଦେଲେ । ୧୭୮୫ ବେଳକୁ ସ୍ପେନ୍, ପୋଲାଣ୍ଡ, ଆମେରିକାରେ ଜନ୍ମଦିନ କେକ୍‌ର ଆଦର ବଢ଼ିଲା । ସେତେବେଳେ କେକ୍ କିଣିବା ଥିଲା ଆଭିଜାତ୍ୟର ପରିଚୟ । ମହଙ୍ଗା ସାମଗ୍ରୀ ଯେପରି ଅଲିଭ ତେଲ, ବଟର, ଡ୍ରାଏଫ୍ରୁଟସ୍ ଇତ୍ୟାଦି ମିଶ୍ରଣରେ ପ୍ରସ୍ତୁତ ହେଉଥିବା କେକ୍‌କୁ କେବଳ ଧନିକବର୍ଗର ଲୋକ ନିଜ ପିଲାଙ୍କ ଜନ୍ମଦଦିନରେ କିଣୁଥିଲେ ।





# ଶରୀରକୁ ଥଣ୍ଡା ରଖିବା ସହ ଏହି ସବୁ ରୋଗକୁ ଦୂର କରିଥାଏ ଆଖୁର ରସ

**ବିଶେଷ କରି ଲୋକମାନେ ନଡ଼ିଆ ପାଣି ପିଇବାକୁ ଭଲ ପାଉଥିବା ବେଳେ କିଛି ଲୋକ ଆଖୁର ରସରୁ ମିଳୁଥିବା ଫାଇଦା ବିଷୟରେ ଜାଣି ପାରନ୍ତି ନାହିଁ, ଯାହା ଦ୍ୱାରା ସେମାନେ ଆଖୁ ରସ ପିଇବାକୁ ସେତେଟା ଗୁରୁତ୍ୱ ଦେଇ ନଥାନ୍ତି । ତେବେ ଆଜି ଆମେ ଆଖୁର ରସରୁ ମିଳୁଥିବା ଫାଇଦା ବିଷୟରେ ଜଣାଇବୁ ।**

ଆଖୁର ରସରେ ୧୧୧କ୍ୟାଲୋରୀ, ୨୭ଗ୍ରାମ କାର୍ବୋହାଇଡ୍ରେଟ୍, ୦.୨୭ଗ୍ରାମ୍ ପ୍ରୋଟିନ୍ ଏବଂ ୧୩ଗ୍ରାମ୍ ଡାଏଟ୍ରୀ ଫାଇବର ରହିଥାଏ । ଏହା ସହ ପ୍ରଚୁର ପରିମାଣରେ ମ୍ୟାଗ୍ନେସିୟମ୍, ପୋଟାସିୟମ୍, କ୍ୟାଲ୍‌ସିୟମ, ଫସ୍‌ଫରସ୍ ଇତ୍ୟାଦି ରହିଥାଏ । ଆସନ୍ତୁ ଜାଣିବା ଏହାର



୧. ଆଖୁର ରସ ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରକୁ ବାହାରି ଯାଇଥାଏ, ଯାହାଦ୍ୱାରା ଓଜନ କମ୍ ହୋଇଥାଏ । ମୋଟାପଣର ଶିକାର ଥିବା ଲୋକେ ଏହାକୁ ପିଇ ପାରିବେ ।

୨. ଏଥିରେ ପୋଟାସିୟମ୍, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ୍ ଏବଂ ଆଇରନର ମାତ୍ରା ଅଧିକ ରହିଥାଏ, ଯାହା ଶରୀରକୁ କର୍କଟ ରୋଗରୁ ରକ୍ଷା କରିଥାଏ । ଏହା ଶରୀରକୁ ପ୍ରୋଷ୍ଟେଟ୍ ଏବଂ ସ୍ତନ କର୍କଟରୁ ରକ୍ଷା କରିଥାଏ ।

୩.ଆଖୁର ରସ ମିଠା ଥିଲେ ମଧ୍ୟ ଏଥିରେ ପ୍ରାକୃତିକ ସୁଗାର ରହିଥାଏ, ଯାହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥାଏ ।

୪.ଆଖୁ ରସରେ କୋଲେଷ୍ଟ୍ରଲ କମ ରହିଥାଏ, ଯାହା ହୃଦୟରେ ଜମିଥିବା ଫ୍ୟାଟ୍‌କୁ ଜମିବାକୁ ଦେଇ ନଥାଏ ।

# ଗର୍ଭବତୀ ମହିଳାଙ୍କ କିଛି ତ୍ରୁଟି କାରଣରୁ ଜନ୍ମ ନିଅନ୍ତି ଦିବ୍ୟାଙ୍ଗ ଶିଶୁ

ପ୍ରତ୍ୟେକ ଗର୍ଭବତୀ ମା’ ଚାହେଁ ଯେ ତା ଗର୍ଭରେ ଥିବା ସନ୍ତାନଟି କିଭଳି ସୁସ୍ଥସବଳ ଜନ୍ମ ହେଉ । କୌଣସି ମା’ ଚାହିଁବନି ଯେ ଆସୁଥିବା ପିଲାଟି ଦିବ୍ୟାଙ୍ଗ ହୋଇ ଜନ୍ମ ହେଉ କିନ୍ତୁ ଡାକ୍ତରଙ୍କ କହିବାନୁସାରେ କିଛି କାରଣବଶତଃ ଏଭଳି ଘଟଣା ଘଟିଯାଏ ଯେଉଁଥିରେ ପିଲାଟି ଦିବ୍ୟାଙ୍ଗ ହୋଇ ଜନ୍ମ ନିଏ । ଅଧିକାଂଶ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ର ଅଭାବରେ ଜନ୍ମିଥିବା ପିଲାଟି ଦିବ୍ୟାଙ୍ଗ ହୋଇଯାଏ । ବିଶିଷ୍ଟ ଗାଇନିକ୍ ଡାକ୍ତର ମତରେ ଗର୍ଭବତୀ ଥିବା ସମୟରେ ଜଣେ ମହିଳାଙ୍କ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖାଯାଏ । ହର୍ମୋନରେ ପରିବର୍ତ୍ତନ ଦେଖାଯାଏ । ଏହି ସମୟରେ ମହିଳା ଜଣକ ଅନେକ କିଛି ଖାଇବାକୁ ମନସ୍ଥ କରିଥାନ୍ତି । ଯାହା ମା’ ପାଟିକୁ ତ ସୁଆଦିଆ ଲାଗିଥାଏ କିନ୍ତୁ ପେଟରେ ଥିବା ଶିଶୁ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ । ତେବେ ଆସନ୍ତୁ ଜାଣିବା ଯେ ଗର୍ଭବତୀ ସମୟରେ କିଭଳି ନିଜକୁ ସୁରକ୍ଷା ଦେବେ ଯେଉଁଥିରେ ଛୁଆଟି ଦିବ୍ୟାଙ୍ଗ ହୋଇ ଜନ୍ମ ନେବ । ୧ . ଗର୍ଭବତୀ ଜାଣିବା ପରଠାରୁ ହିଁ ମହିଳାଙ୍କୁ ନିଜ ଖାଦ୍ୟପେୟ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ । ତଟକା ଫଳ ସହ ସବୁଜ ପନିପରିବା ଖାଇବା ଆବଶ୍ୟକ । ଫାଷ୍ଟଫୁଡ୍‌ର ବର୍ଜନ କରିବା ଆବଶ୍ୟକ ଏବଂ ଫଲିକ୍ ଏସିଡ୍ ଯୁକ୍ତ ଖାଦ୍ୟ ଖାଇବା ଦରକାର । ଯାହାଦ୍ୱାରା ମା’ ଏବଂ ପିଲା ମଧ୍ୟରେ ରକ୍ତ ଅଭାବର କୌଣସି ଲକ୍ଷଣ ଦେଖାଯିବ ନାହିଁ । ୨ . ଗର୍ଭବତୀ ଥିବା ସମୟରେ ମହିଳାଙ୍କୁ ସଂକ୍ରମଣଯୁକ୍ତ ଲୋକଙ୍କଠାରୁ ଦୂରେଇ ରହିବା ନିତାନ୍ତ ଜରୁରୀ । ଏଥିପାଇଁ



ମହିଳାମାନଙ୍କୁ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଯିବାକୁ ବାରଣ କରାଯାଏ । ଯାହାର ପ୍ରଭାବ ଉଭୟ ମା’ ଏବଂ ଛୁଆର ସ୍ୱାସ୍ଥ୍ୟ ଉପରେ ପଡିଥାଏ । ୩ . ଗର୍ଭବତୀ ମହିଳା ଜନଗହଳି ପୂର୍ଣ୍ଣ ସ୍ଥାନ ତଥା ଗାଡିର ପେଁ ପାଁ ଶୋରଶବ୍ଦରୁ ଦୂରେଇ ରହିବା ଆବଶ୍ୟକ । ସହରଠାରୁ ଦୂରରେ ରହିଲେ ଗର୍ଭରେ ଥିବା ଛୁଆଟି ସୁସ୍ଥ ହୋଇଥାଏ । କିନ୍ତୁ ଅଧିକ ଶବ୍ଦ ଛୁଆଟି ଉପରେ ପଡିଲେ ସେ କାଲା ହୋଇ ଜନ୍ମ ହୋଇଥାଏ ।

# ବ୍ଲଡ୍ ପ୍ରେସର୍ ପାଇଁ ରାମବାଣ ଭଳି କାମ କରେ ପୋସ୍ତ



ରୋଷେଇ କରିବା ସମୟରେ ଯେଉଁଭଳି ଭାବରେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ କାଜୁ ପେଷ୍ଟକୁ ବ୍ୟବହାର କରାଯାଏ, ଠିକ ସେହିଭଳି ପୋସ୍ତକୁ ମଧ୍ୟ ବ୍ୟବହାର କରାଯାଏ । ଯାହା ଖାଦ୍ୟର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । କିନ୍ତୁ ଏହା ଶରୀର ପକ୍ଷେ କେତେ ଲାଭଦାୟକ ତାହା ସମସ୍ତେ ଜାଣି ନଥାନ୍ତି । ବାସ୍ତବରେ ପୋସ୍ତ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଲାଭବାନ ହୋଇଥାଏ । ଆଜିକାଲି ଲୋକମାନେ ଏଭଳି ଖାଦ୍ୟ ଖାଉଛନ୍ତି ଯାହା ଦ୍ୱାରା ସେମାନେ ବିରାଟ ରୋଗର ସମ୍ମୁଖୀନ ହେଉଛନ୍ତି । ସେସବୁରୁ ରକ୍ଷା ପାଇବା ପାଇଁ ସେମାନେ ବିଭିନ୍ନ ପ୍ରକାର ଔଷଧ ମଧ୍ୟ ଖାଇଥାନ୍ତି । କିନ୍ତୁ ଏ ସବୁ ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ହୋଇଥାଏ । ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରତିଦିନ ଦୁଇ ଚାମଚ ପୋସ୍ତ ଖାଇବା ନିହାତି ଦରକାର । ଯାହା ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ଏବଂ ସ୍ୱାସ୍ଥ୍ୟ କେବେ ଖରାପ ହୋଇନଥାଏ । ଆସନ୍ତୁ ଜାଣିବା ପୋସ୍ତ ଖାଇବା ଦ୍ୱାରା କେଉଁଭଳି ରୋଗରୁ ମୁକ୍ତି ମିଳିଥାଏ ।

**କୋଷ୍ଠ କାଠିନ୍ୟ-**ଅନେକ ଲୋକଙ୍କର ହଜମ ପ୍ରକ୍ରିୟା ଠିକ ହୋଇ ନଥିବାରୁ ସେମାନେ କୋଷ୍ଠକାଠିନ୍ୟ ରୋଗରେ ପଡ଼ିଥାନ୍ତି । ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପୋସ୍ତ ଖାଇବା ଦରକାର । ଏଥିରେ ବହୁ ପରିମାଣରେ ଫାଇବର ରହିଥାଏ, ଯାହା ଏଭଳି ସମସ୍ୟାରୁ ରକ୍ଷା କରିଥାଏ ।

**ବ୍ଲଡପ୍ରେସର-** ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ପୋସ୍ତ ଖୁବ ଲାଭଦାୟକ ହୋଇଥାଏ ଯାହା ସେମାନଙ୍କ ପାଇଁ ଆୟୁର୍ବେଦିକ ଔଷଧ ଭାବେ କାମ କରିଥାଏ । ପୋସ୍ତ ପ୍ରତିଦିନ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ହେବା ସହ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

**ଅନିଦ୍ରା-** ଅନେକ ଲୋକଙ୍କ ନିକଟରେ ନିଦ ନ ଆସିବା ଭଳି ସମସ୍ୟା ବହୁ ମାତ୍ରାରେ ଦେଖାଯାଇଥାଏ । ଯଦି ସେମାନେ ରାତିରେ ଶୋଇବା ପୂର୍ବରୁ କ୍ଷୀର ସହିତ ପୋସ୍ତକୁ ମିଶାଇ ପିଇବେ ତେବେ ଏଭଳି ସମସ୍ୟାରୁ ମୁକ୍ତି ମିଳିଥାଏ ।

**କିଡନୀ ଷ୍ଟୋନ-** ପୋସ୍ତରେ ଓକ୍ସଲେଟ ବହୁ ପରିମାଣରେ ରହିଥାଏ, ଏହା ଶରୀରରୁ ଅତିରିକ୍ତ କ୍ୟାଲସିୟମକୁ ଅବଶୋଷଣ କରି କିଡନୀରେ ପଥର ତିଆରି ହେବାରୁ ରକ୍ଷା କରିଥାଏ । ଏହି ରୋଗରେ ପିଡ଼ିତ ବ୍ୟକ୍ତିମାନେ ପୋସ୍ତ ଖାଇବା ନିହାତି ଦରକାର ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୪ ଅକ୍ଟୋବର ୨୦୨୨, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସ୍ପଷ୍ଟ ହେବାରେ ଲାଗିଛି ଚିତ୍ର

ଦେଶର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସର ନୂଆ ଅଧ୍ୟକ୍ଷ ନିର୍ବାଚନ ପାଇଁ ଦିନ ଯେତିକି ପାଖେଇ ଆସୁଛି, ଦଳ ଭିତରେ ମୃଦୁ ଗୁଞ୍ଜରଣ ସେତିକି ସ୍ପଷ୍ଟ ହେବାରେ ଲାଗିଛି । ଆସନ୍ତା ୧୭ ତାରିଖ ଦିନ ଏହି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ଦଳର ପ୍ରାୟ ୯୦୦୦ରୁ ଅଧିକ ଯୋଗ୍ୟ ମତଦାତା ଏଥିପାଇଁ ମତଦାନ କରିବେ । ଏହି ପଦ ପାଇଁ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି ବରିଷ୍ଠ ରାଜନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଅନୁଭୂତିସଂପନ୍ନ ନେତା ଶଶି ଥରୁର । ଦୁଇ ପ୍ରାର୍ଥୀଙ୍କ ନିକଟରେ ବିପୁଳ ଅଭିଜ୍ଞତା ରହିଛି । କିନ୍ତୁ ଦଳ କାହାକୁ ଚାହିଁଛି ଏବଂ କେଉଁ ପାର୍ଥୀ ଦଳକ ତାର ବର୍ତ୍ତମାନର ଦୟନୀୟ ସ୍ଥିତିରୁ ଉଦ୍ଧାର କରି ୨୦୧୪ ନିର୍ବାଚନରେ ଲୋକମାନଙ୍କ ନିକଟରେ ଯୋଗ୍ୟ ଭାବେ ଉପସ୍ଥାପନ କରିପାରିବ ତାହାକୁ ନେଇ ଚାଲିଛି ବିତର୍କ। ମଲ୍ଲିକାର୍ଜୁନ ଖାର୍ଗେ ୮୦ବର୍ଷର ବୃଦ୍ଧ ଏବଂ ତାଙ୍କ ନିକଟରେ ଦୀର୍ଘ ଅର୍ଦ୍ଧ ଶତାବ୍ଦୀର ରାଜନୈତିକ ଅଭିଜ୍ଞତା ରହିଛି । ନଅ ଥର ବିଧାୟକ ଓ ତିନି ଥର ସାଂସଦ ଭାବେ କଂଗ୍ରେସକୁ ପ୍ରତିନିଧିତ୍ କରି ସେ ଦଳ ପାଇଁ ନିଜକୁ ଏକ ନିର୍ଭରଯୋଗ୍ୟ ନେତା ରୂପେ ସାବ୍ୟସ୍ତ କରିଛନ୍ତି । ଏହା ବ୍ୟତୀତ ଗାନ୍ଧି ପରିବାର ଏବଂ ବିଶେଷକରି ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କର ମଧ୍ୟ ସେ ଖୁବ୍ ନିକଟତର ବୋଲି ସମସ୍ତଙ୍କୁ ଜଣା । ଇତିମଧ୍ୟରେ ସେ ପ୍ରାୟ ଆଠଟି ରାଜ୍ୟ ଗସ୍ତ କରି ଦଳୀୟ ନେତୃବର୍ଗଙ୍କୁ ନିଜ ସପକ୍ଷରେ ଭୋଟ ଦେବା ଲାଗି ପ୍ରବର୍ତ୍ତାଇବାରେ ସକ୍ଷମ ହୋଇଛନ୍ତି । ତାଙ୍କ ପ୍ରତି ଅଧିକାଂଶ ରାଜ୍ୟର ଦଳୀୟ ନେତା ଖୋଲାଖୋଲି ଭାବେ ସମର୍ଥନ ଜ୍ଞାପନ କରିଛନ୍ତି । ଦକ୍ଷିଣ ଠାରୁ ଉତ୍ତର ଭାରତ ପର୍ଯ୍ୟନ୍ତ ତାଙ୍କ ନେତୃତ୍ୱ ପ୍ରତି ଏଭଳି ଆଗୁଆ ସମର୍ଥନ ଶ୍ରୀ ଖାର୍ଗଙ୍କ ପାଇଁ ଅବଶ୍ୟ ଶୁଭସୂଚକ । କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ଅନ୍ୟତମ ପ୍ରାର୍ଥୀ ହେଲେ ଶଶି ଥରୁର । ୬୬ବର୍ଷ ବୟସ୍କ ଥରୁର ମ ଦେଶ ବିଦେଶରେ ଜଣେ ରାଜନେତା, କୂଟନୀତିଜ୍ଞ, ଲେଖକ ଓ ଚିନ୍ତକ ଭାବେ ସୁପରିଚିତ । ତାଙ୍କ ସ୍ପଷ୍ଟବାଦିତା, ନିରପେକ୍ଷ ଚିନ୍ତନ ଓ ମନ୍ତବ୍ୟ ସବୁ ଦଳର ନେତୃବର୍ଗଙ୍କୁ ପ୍ରଭାବିତ କରିଥାଏ। କିନ୍ତୁ ଅତୀତରେ ତାଙ୍କର ସ୍ୱାଧୀନ ଓ ସ୍ପଷ୍ଟ ମତ ଏକାଧିକ ଘଟଣାରେ କଂଗ୍ରେସ ଦଳକୁ ଅଡୁଆ ପରିସ୍ଥିତିରେ ପକାଇ ଥର ମଧ୍ୟ ନଜିର ରହିଛି। ଉଭୟ ଶ୍ରୀ ଖାର୍ଗ ଏବଂ ଶ୍ରୀ ଥରୁରଙ୍କୁ ଯଦି ନିରପେକ୍ଷ ଭାବେ ବିବେଚନା କରାଯାଏ, ତେବେ ସେମାନଙ୍କ ମଧ୍ୟରେ 'ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଦ୍ୱନ୍ଦିତା'କୁ 'ପ୍ରବୀଣ-ବନାମ-ତରୁଣ(ଯୁବ)' ଲଢ଼େଇ ବୋଲି ସହଜରେ କହିହେବ। କଂଗ୍ରେସ ଦଳ ଜଣେ ନୂତନ ଅଧ୍ୟକ୍ଷଙ୍କୁ ବର୍ତ୍ତମାନ ସ୍ଥିତିରେ ନିର୍ବାଚିତ କରିବା କେବଳ ଦଳ ପାଇଁ ଯେତିକି ଆବଶ୍ୟକ ନୁହେଁ, ଦଳକୁ ୨୦୨୪ ନିର୍ବାଚନ ଲାଗି ପ୍ରସ୍ତୁତ କରିବା ତାହାଠାରୁ ଅଧିକ ଜରୁରି। ୨୦୧୪ ପୂର୍ବରୁ ହିଁ ଦଳ ଭିତରେ ହତାଶାର ବୀଜ ବପନ ହୋଇସାରିଥିଲା । କେବଳ କେନ୍ଦ୍ର କିମ୍ବା ରାଜ୍ୟରେ ନିର୍ବାଚନ ହାରିବା କଂଗ୍ରେସ ପାଇଁ ଯେତିକି ଆତ୍ମସମୀକ୍ଷାର ଅବସର ଜୁଟାଇନାହିଁ, ତାହାଠାରୁ ଅଧିକ ଆବଶ୍ୟକ ରହିଛି ଦଳକୁ ଶୃଙ୍ଖଳିତ କରିବା ଓ କର୍ମୀଠାରୁ ନେତାଙ୍କ ମଧ୍ୟରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବା। ଅସନ୍ତୋଷ ଯୋଗୁଁ ଶତାଧିକ ନେତା ବିଗତ ବର୍ଷମାନଙ୍କରେ ଦଳ ଛାଡ଼ିଛନ୍ତି । ଗୋଷ୍ଠୀ ବିବାଦ ଏହାର ମୂଳ କାରଣ । ଏକାକ ରାଜ୍ୟରେ ଦଳୀୟ ଗୋଷ୍ଠୀ ବିବାଦ ହିଁ ହାତରୁ କ୍ଷମତା ଖସିବାର କାରଣ ପାଲଟିଛି । ଏହାର ସଦ୍ୟତମ ଉଦାହରଣ ରାଜସ୍ଥାନରେ ଅଶୋକ ଗେହଲଟ ଓ ସଚିନ ପାଇଲଟ ଗୋଷ୍ଠୀଙ୍କ ମଧ୍ୟରେ ଲାଗିଥିବା କନ୍ଦଳ। ତେଣୁ ଏବେ କଂଗ୍ରେସ ନିଜକୁ ସ୍ଥିତି ସଂକଟରୁ ବଞ୍ଚାଇବା ଭଳି ସମସ୍ୟାର ସମ୍ମୁଖୀନ । ସେଥିରେ ଖାର୍ଗ କିମ୍ବା ଥରୁର କିଏ ଦଳକୁ ସଞ୍ଜିବନୀ ପ୍ରଦାନ କରିପାରିବ, ସେକଥା ଅବଶ୍ୟ ବିଚାର୍ଯ୍ୟ । ଯିଏ ନୂଆ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୁଅନ୍ତୁ ପଛେ, ରିମୋଟ୍ କଣ୍ଟ୍ରାଲ ଠାରୁ ସେମାନେ କେତେଦୂର ମୁକ୍ତ ରହିବେ ଓ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରିବେ, ଗାନ୍ଧି ପରିବାରଙ୍କ ଭୂମିକା କ'ଣ ହେବ ତାହା ନିୟୁତ ଡଲାରର ପ୍ରଶ୍ନ । ଉଭୟ ପ୍ରାର୍ଥୀ ଏବେ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କ ଆଶୀର୍ବାଦରେ ନିର୍ବାଚନ ଲଢୁଥିବା ଦାବି କରନ୍ତି । ଅତୀତରେ ଏଭଳି ଅଧ୍ୟକ୍ଷ ନିର୍ବାଚନର ନାଟକ ଅଭିନୀତ ହୋଇଛି । ତାହା ସୁଭାଷ ବୋଷଙ୍କ ଠାରୁ ଆରମ୍ଭ କରି ଜିତେନ୍ଦ୍ର ପ୍ରସାଦଙ୍କ ପର୍ଯ୍ୟନ୍ତ ଲମ୍ବିଛି । ସେଥିରେ ନୂଆ ଅଧ୍ୟକ୍ଷ କେତେ ସ୍ୱାଧୀନ ଭାବେ କାର୍ଯ୍ୟ କରିବେ, କେତେ ମାତ୍ରାରେ ଦଳୀୟ ନେତୃବର୍ଗଙ୍କୁ ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ କରିବାକୁ ସକ୍ଷମ ହେବେ, ତାହା କେବଳ ସମୟ ହିଁ କହିବ।

## ଚଳଚିତ୍ରରେ ପକ୍ଷପାତିତା

**ଗୋଲଖ ଚନ୍ଦ୍ର ଦାସ**

ଦୀର୍ଘଦିନ ହେବ ଭାରତର ସିନେମା ଇଣ୍ଡଷ୍ଟ୍ରିର କପଟତା ଓ ପକ୍ଷପାତିତା ବିଷୟରେ ଆମେ ସମସ୍ତେ ଅବଗତ । ଯେପରି କେହି ନିଜର ସମ୍ମାନ ବିକ୍ରୟ କରୁଛନ୍ତି ଠିକ୍ ସେହିପରି କଳା ନାମରେ ସେମାନେ ଅଂସଖ୍ୟ ଅପମାନଜନକ ସାମଗ୍ରୀ ତିଆରି କରି ବିକ୍ରୟ କରୁଛନ୍ତି । ଦୂରରୁ ସୁନ୍ଦର ଦେଖାଯାଉଥିବା ବା ଚମକୁଥିବା ଏହି କାଳସର୍ପର ଚେହେରା ମଧ୍ୟରେ ଭରି ରହିଛି ହଳାହଳ ବିଷ । ସବୁ ଚଳଚିତ୍ର ଏପରି ପକ୍ଷପାତିତା କରନ୍ତି ନାହିଁ । ବହୁତ କମ୍ ଲୋକ ଅଛନ୍ତି ଯେଉଁମାନେ କି ନିଜ ସିନେମାରେ ସାମାଜିକ ଦୃଶ୍ୟକୁ ସଠିକ୍ ଭାବରେ ପ୍ରସ୍ତୁତି କରିଥାନ୍ତି । ବଲିଉଡର ଦୁଷିତ ଗର୍ଭରୁ ଆଉ ଏକ ଅପମାନ ଜନକ ଚଳଚିତ୍ର ଜନ୍ମ ନେଇଛି, ତାହାର ନାମ ହେଉଛି ଆଦିପୁରୁଷ ।

ଏହି ଚଳଚିତ୍ରର ଟ୍ରିଜର ପ୍ରସିଦ୍ଧ ହୋଇଥିଲେ ମଧ୍ୟ ଏହାକୁ ନେଇ ଅନେକ ଆପତି ଉଠିଛି । କିଛି ଲୋକ ଏହାକୁ ସମର୍ଥନ ମଧ୍ୟ କରୁଛନ୍ତି । ବାସ୍ତବରେ ଶ୍ରୀରାମଙ୍କ ଉପରେ ଏକ ମହାନ ଚଳଚିତ୍ର ନିର୍ମାଣ କରିବା ପ୍ରଶଂସନୀୟ । କିନ୍ତୁ ଏହାକୁ ପ୍ରସ୍ତୁତ କଲାବେଳେ ଯଦି ବାସ୍ତବତା ବ୍ୟତୀତ କଳ୍ପନାକୁ ଗୁରୁତ୍ୱ ଦିଆଯାଏ ତେବେ ସମାଜ ଉପରେ ମିଥ୍ୟା ଇତିହାସ ଲେଖିବା ପାପ ଲାଗିବ। ଚଳଚିତ୍ର ଆଦିପୁରଷ ଟ୍ରିଜରରୁ ଏହା ବିଶେଷ ସ୍ପଷ୍ଟ ହୋଇଛି । ପୌରାଣିକ ସନ୍ଦର୍ଭ ବ୍ୟତୀତ ଏହି ଚଳଚିତ୍ରରେ ଦେଖାଯାଇଥିବା କାଳ୍ପନିକ ଚରିତ୍ରର ଦୃଶ୍ୟ ଆପତି ଜନକ ।

ଏହି ଚଳଚିତ୍ରରେ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଙ୍କ ଶୌର୍ଯ୍ୟ ଏବଂ ଶିକ୍ଷାକୁ ଅମର୍ଯ୍ୟାଦା ରୂପେ ଉପସ୍ଥାପନ କରିବାର ପ୍ରୟାସ କରାଯାଇଛି । ଶ୍ରୀରାମଙ୍କର ସ୍ୱର୍ଣ୍ଣିମ ବ୍ୟକ୍ତିତ୍ୱର ଝଲକ ଏଥିରେ ଦେଖିବାକୁ ମିଳେ ନାହିଁ । ମାତା ସୀତା ପୁରୁଣା ସିନେମାର ମଧୁବାଲା ପରି ଦେଖାଯାଉଛନ୍ତି । ଭୁଦେବୀମାତାଙ୍କୁ ସ୍ଲିଭଲେସ୍ ପୋଷାକରେ ଦେଖାଇବା ଅତ୍ୟନ୍ତ ନିନ୍ଦନୀୟ । ଶ୍ରୀରାମଭକ୍ତ ଶ୍ରୀହନୁମାନଙ୍କ ଭକ୍ତି ଏବଂ ତପକୁ ଉପହାସ କରାଯାଇଛି । ଏହି ଚଳଚିତ୍ରରେ ହନୁମାନଜୀଙ୍କର ଚରିତ୍ର ସହିତ ଏହାର କୌଣସି ସମାନତା ନାହିଁ । ହନୁମାନଙ୍କର ସ୍ନେହପୂର୍ଣ୍ଣ ଭକ୍ତି ବଦଳରେ ତାଙ୍କୁ ଚମଡା ପୋଷାକ ପରିହିତ ବିନା ଗଦାରେ ଲୋକଲୋଚନକୁ ଅଣାଯାଇଛି । ମୁଣ୍ଡରେ ମୁକୁଟ ନାହିଁ । ହନୁମାନଙ୍କର ଦାଢି ଅଛି କିନ୍ତୁ ନିଶନାହିଁ । ହୁନୁମାନଙ୍କର ବେଶଭୂଷା କିପରି ହେବା ଉଚିତ ତାହା ହନୁମାନ ଚାଳିସାରେ ବର୍ଣ୍ଣନା କରାଯାଇଛି । ସ୍ୱାତିକ ସ୍ୱଭାବ ଆମର ଦେବତାମାନେ ଚମଡା ପୋଷାକରେ ଦେଖାଯାଉଛନ୍ତି । ଶିବଙ୍କ ଭକ୍ତ ପଣ୍ଡିତ ରାବଣଙ୍କୁ ମଧ୍ୟ ସମାଲୋଚନା କରାଯାଇଛି । ମଧ୍ୟଯୁଗୀୟ କ୍ରୁର ଶାସକ ଯିଏ ଭାରତ ଉପରେ ଆକ୍ରମଣ କରିବାକୁ ଆସିଛି ସେହିପରି ବେଶଭୂଷାରେ ରାବଣଙ୍କୁ ଦେଖାଯାଉଛି । ରାବଣର ସ୍ୱର୍ଣ୍ଣମୟୀ ଲଙ୍କାକୁ ଏକ ଖଳନାୟକର ଆଡ୍ଡା ରୂପେ ଦେଖାଯାଇଛି । ପୁଷ୍ପକବିମାନକୁ ମଧ୍ୟ ଏପରି ବର୍ଣ୍ଣନା କରାଯାଇଛି ଯେ ଏକ ଅଜବ ଜୀବ ପରି ଏଣେ ତେଣେ ଘୁରି ବୁଲୁଛି । ଏହାକୁ ଏକ ଆନିମେଟେଡ୍ ଭୟଙ୍କର ପକ୍ଷୀ ଭାବରେ ଚିତ୍ରଣ କରାଯାଇଛି । ଆମେ ସମସ୍ତେ ଜାଣିଛୁ ରାବଣ ଚାରି ବେଦକୁ ମୁଖସ୍ତ କରିପାରିଥିଲେ । ଶିବତାଣ୍ଡବର ରଚନା ରାବଣ କରିଛନ୍ତି। ରାବଣ ଅହଂକାରୀ ଥିଲେ କିନ୍ତୁ ପ୍ରଚଣ୍ଡ ଜ୍ଞାନୀ ଥିଲେ । ରାବଣର ବଧ ଶ୍ରୀରାମଙ୍କ ଦ୍ୱାରା ହୋଇଥିଲା କିନ୍ତୁ ଶ୍ରୀରାମ ରାବଣର ପାଣ୍ଡିତ୍ୟକୁ ପ୍ରଶଂସା କରିଥିଲେ । କ୍ରୁର ଶାସକ ଆଉରଙ୍ଗଜେବ ଯେପରି ବେଶଭୂଷା ପରିଧାନ କରିଥାଏ ଠିକ୍ ସେହିପରି ବେଶଭୂଷାରେ ଏହି ଚଳଚିତ୍ରର ନିର୍ମାତା ରାବଣଙ୍କୁ ଦେଖାଇଛନ୍ତି ।

ନିର୍ଦ୍ଦେଶକ ଓମ ରାଉତ ଅତୀତରେ ମଧ୍ୟ ଅନେକ ଭଲ ଚଳଚିତ୍ର ନିର୍ମାଣ କରିଛନ୍ତି । ତାଙ୍କର ଆଦିପୁରୁଷ ଚଳଚିତ୍ର ଏପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ରିଲିଜ ହୋଇନାହିଁ କିନ୍ତୁ ଏହାର ଦୁଇ ମିନିଟର ଟ୍ରିଜର ସନାତନ ଭାବନାକୁ ଆଘାତ ଦେଇଛି । ଯଦି ଏପରି ଖରାପ ବର୍ଣ୍ଣନା ବା ଦୃଶ୍ୟ ମାତ୍ର ଦୁଇ ମିନିଟର ଟ୍ରିଜରରେ ଥିଲା ତେବେ ଆପଣ କଳ୍ପନା କରନ୍ତୁ ସଂପୂର୍ଣ୍ଣ ଚଳଚିତ୍ରରେ ଚରିତ୍ରମାନଙ୍କର ବର୍ଣ୍ଣନା କିପରି କରାଯାଇଥିବ । ଏକ ମହାକାବ୍ୟ ଉପରେ ଚଳଚିତ୍ର ନିର୍ମାଣ କରିବା ପୂର୍ବରୁ ଚଳଚିତ୍ରର ନିର୍ମାତା, ପ୍ରଯୋଜକ, ଲେଖକ ଆଦି ସମସ୍ତେ ଧ୍ୟାନ ଦେବାକଥା । ମହାକାବ୍ୟ ଓ ଚଳଚିତ୍ରର ଚରିତ୍ରକୁ ନେଇ ଦ୍ୱନ୍ଦ ସୃଷ୍ଟି ହେବା ଅନୁଚିତ । ଏହା ଉପରେ ବିଶେଷ ଅଧ୍ୟୟନ କରିବା କଥା । ସମଗ୍ର ହିନ୍ଦୁ ସମାଜର ଆରାଧ ହେଉଛନ୍ତି ଭଗବାନ ଶ୍ରୀରାମ । ହିନ୍ଦୁ ଦେବାଦେବୀଙ୍କ ଉପରେ ଆଧାରିତ ଚଳଚିତ୍ର ଗୁଡିକ ଅଭିବ୍ୟକ୍ତିର ସ୍ୱାଧୀନତା ନାମରେ କାଳ୍ପନିକ ହେବା ଉଚିତ ନୁହେଁ, ବରଂ ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ କରି ଚଳଚିତ୍ର ନିର୍ମାଣ କରିବା ଉଚିତ ।

ଏହା ପ୍ରଥମ ଘଟଣା ନୁହେଁ, ବଲିଉଡ ଏହିପରି ଅନେକ ହିନ୍ଦୁ ବିରୋଧୀ ଚଳଚିତ୍ର ବଜାରକୁ ଛାଡିଛି। ଗତ ବର୍ଷ ଆସିଥିବା ତାଣ୍ଡବ, ହିନ୍ଦୁତ୍ୱ ବିରୋଧରେ ତାଣ୍ଡବ ରଚିଥିଲା । ଏହି ଚଳଚିତ୍ରରେ ଭୁଲ ଉପସ୍ଥାପନା ଯୋଗୁଁ ଅନେକ ବିତର୍କ ହୋଇଥିଲା । କିଛି ବର୍ଷ ପୂର୍ବେ ଅମୀର ଖାନଙ୍କ ଫିଲ୍ମି ପି.କେ ମଧ୍ୟ ଭାରତୀୟ ପରମ୍ପରା ପ୍ରତି ଆଘାତ ଦେଇଥିଲା । ଏଥିରେ ଗୁରୁଙ୍କୁ ନକାରାତ୍ମକ ଭାବରେ ଚିତ୍ରଣ କରାଯାଇଥିଲା । ଏହି ପିକେ ଚଳଚିତ୍ରରେ ଶିବଙ୍କ ରୂପକୁ ମଧ୍ୟ ପରିହାସ କରାଯାଇଥିଲା । କୌଣସି କୌଣସି ସ୍ଥାନରେ ତାଙ୍କୁ ମୋବାଇଲରେ କଥା ହେବାର ଦେଖାଯାଉଥିଲା । ଏପରି କରି ହିନ୍ଦୁ ରୀତିନୀତିକୁ ପରିହାସ କରାଯାଇଛି । ଆହୁରି ଅନେକ ଚଳଚିତ୍ର ଅଛି ଯେଉଁଥିରେ ଲଭ୍ ଜିହାଦ ଓ ହିନ୍ଦୁ ଫୋବିୟାକୁ ପ୍ରୋତ୍ସାହିତ କରାଯାଇଛି । ବଲିଉଡର କିଛି ନିର୍ଦ୍ଦେଶକ ବର୍ତ୍ତମାନ ୱେବ ସିରିଜ ମଧ୍ୟ କରୁଛନ୍ତି । ବିଭିନ୍ନ ଅନ୍ ଲାଇନ୍ ପ୍ଲାଟଫର୍ମରେ ଅନେକ ଖରାପ ୱେବ ସିରିଜର ଲାଇନ୍ ଲାଗିଛି। ଯେଉଁମାନେ କି ଭାରତୀୟ ସଂସ୍କୃତିର ଅପପ୍ରଚାର କରୁଛନ୍ତି ।

କଳାର ପ୍ରକୃତ ମୂଲ୍ୟ ସେତେବେଳେ ଜଣାପଡେ, ଯେତେବେଳେ ଏହା ଜନସାଧାରଣଙ୍କ ଭାବନାକୁ ସମ୍ମାନ ଦେଇଥାଏ । ଏବେ କଳାନାମରେ ଅଶ୍ଳୀଳତା ବିକ୍ରି ହେଉଛି। ନେଟଫ୍ଲିକ୍ସରେ ମୁକ୍ତିଲାଭ କରିଥିବା ଏ ସୁଇଟେବେଲୁ ବୟରେ ଏକ ମନ୍ଦିରର ସମ୍ମାନକୁ କ୍ଷତି ପହଁଚାଇବାକୁ ଚେଷ୍ଟା କରାଯାଇଛି । ବଲିଉଡର ବିଭିନ୍ନ ଚଳଚିତ୍ର ଓ ୱେବ ସିରିଜକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏଥିରେ ୫୮ ପ୍ରତିଶତ ଦୁର୍ନୀତିଗ୍ରସ୍ତ ରାଜନେତାଙ୍କୁ ବ୍ରାହ୍ମଣ ଭାବରେ ଦର୍ଶାଯାଇଛି । ବଲିଉଡ ଚଳଚିତ୍ରରେ ୬୨ ପ୍ରତିଶତ ଅସାଧୁ ବ୍ୟବସାୟୀଙ୍କୁ ବୈଶ୍ୟ ଉପନାମ ସହିତ ଦର୍ଶାଯାଇଛି । ଚଳଚିତ୍ରଗୁଡିକରେ ୭୪ ପ୍ରତିଶତ ଶିଖ୍ ମାନଙ୍କୁ ହାସ୍ୟ ଚରିତ୍ର ବା ଥଟ୍ଟାମଜ୍ଜା ଚରିତ୍ର ରୂପେ ବର୍ଣ୍ଣନା କରାଯାଇଛି । ଯେଉଁଠି ମହିଳାମାନେ ଅନୈତିକତାର ଶିକାର ହେଉଛନ୍ତି, ସହନଶୀଳ ଚରିତ୍ର ରୂପେ ବର୍ଣ୍ଣନା କରାଯାଉଛି, ସେବାର ଚିତ୍ରଣ କରାଯାଉଛି ସେଠାରେ ଖ୍ରୀଷ୍ଟିଆନ ମାନଙ୍କୁ ପ୍ରାଧାନ୍ୟ ଦିଆଯାଉଛି । ପ୍ରାୟ ୭୮ ପ୍ରତିଶତ ଚଳଚିତ୍ରରେ ସେମାନଙ୍କୁ ଏହିପରି ଚିତ୍ରଣ କରାଯାଉଛି । ୮୪ ପ୍ରତିଶତ ଚଳଚିତ୍ରରେ ମୁସଲମାନ ଚରିତ୍ରମାନେ ଅତ୍ୟନ୍ତ ସଚ୍ଚୋଟ ବୋଲି ଦର୍ଶାଯାଇଛି । ଯଦି କୌଣସି ମୁସଲମାନଙ୍କୁ ଖଳନାୟକ ଚରିତ୍ରକୁ ଉପସ୍ଥାପନ କରାଯାଏ ତେବେ ତାକୁ ସଚ୍ଚୋଟ ମୁସଲମାନ ଭାବେ ଚିତ୍ରଣ କରି ପରିସ୍ଥିତି ପଡିରେ ଭୁଲ ବାଟରେ ଯାଇଥାଏ ବୋଲି ଚିତ୍ରଣ କରାଯାଇଥାଏ। ଅନେକ ଚଳଚିତ୍ରରେ ହିନ୍ଦୁ ସାଧୁସନ୍ଥମାନଙ୍କୁ ଖଳନାୟକ ରୂପେ ପ୍ରଦର୍ଶିତ କରାଯାଇଛି । ଏବେ କଟ୍ଟରପନ୍ଥୀମାନଙ୍କ ନିୟନ୍ତ୍ରଣରେ ଚଳଚିତ୍ର ଶିଳ୍ପ । ବଲିଉଡର ଏକ ବିଶେଷ ଭାଗ ଏହା ଉପରେ କାର୍ଯ୍ୟ କରୁଛନ୍ତି । ସେମାନେ ଠିକ୍ ଜାଣିଛନ୍ତି ତାଙ୍କର ବେପାର କିପରି ବଢିବ, ତାଙ୍କର ଚଳଚିତ୍ର କିପରି ପ୍ରମୋସନ ପାଇବ । ସେଥିପାଇଁ ସେମାନେ ଭାରତୀୟ ସଂସ୍କୃତି ଉପରେ ଆଘାତ ଦେବାକୁ ପଛ ଘୁଂଚା ଦିଅନ୍ତି ନାହିଁ । ହିନ୍ଦୁତ୍ୱ ଉପରେ ପ୍ରଶ୍ନ ଉଠାଇବାକୁ ଡରନ୍ତି ନାହିଁ, ହିନ୍ଦୁ ଦେବାଦେବୀ ଓ ସାଧୁସନ୍ଥମାନଙ୍କୁ ଅପମାନିତ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । କାରଣ ହିନ୍ଦୁମାନଙ୍କ ବିରୋଧରେ ଯେତେ କହିଲେ ବି ସେମାନେ ବିରୋଧ କରିବେ ନାହିଁ କି ଚଳଚିତ୍ର ନିର୍ମାତାମାନଙ୍କୁ କାଠ ଗଡାକୁ ଟାଣିବେ ନାହିଁ । କନ୍ତୁ ସେମାନେ ମୁସଲମାନଙ୍କୁ କାଟୁନ କିମ୍ବା ବିଦ୍ରୁପ କରିବାକୁ ଡରନ୍ତି କାରଣ ମୁସଲମାନମାନଙ୍କ ଦେବତା କି ମୌଲବୀଙ୍କ ବିରୋଧରେ ଯିଏ ପଦେ କହିଦେବ ସେମାନଙ୍କ ବିରୋଧରେ ହଙ୍ଗାମା ସୃଷ୍ଟି କରିଦେବେ । ପୋଡା-ଜଳା, ହାଣ-କାଟ ପର୍ଯ୍ୟନ୍ତ କଥା ଯିବ। ସେଥିପାଇଁ ସେମାନଙ୍କ ପ୍ରତି ସାବଧାନ ରୁହନ୍ତି । ଏହି କାରଣରୁ କେତେକ ଚଳଚିତ୍ର ହିନ୍ଦୁ ଧର୍ମ ପ୍ରତି ପକ୍ଷପାତିତ ମନୋଭାବ ପ୍ରଦର୍ଶନ କରିଥାନ୍ତି ।


ଘିଗିଡିଆ, ବାରୁଅ, କେନ୍ଦ୍ରାପଡା
ମୋ-୯୮୬୧୦୨୮୫୫୩


## ଅସୁସ୍ଥ ଭାରତର ଭବିଷ୍ୟତ

**ସୌମେନ୍ଦ୍ର ଜେନା**

କଥାରେ କୁହାଯାଏ ସ୍ୱାସ୍ଥ୍ୟ ହିଁ ସଂପଦ । ମଣିଷ ସୁସ୍ଥ ରହିଲେ ଅଧିକ ଦିନ ବଞ୍ଚିଥାଏ । ସୁସ୍ଥ ମଣିଷ ସମାଜ ଓ ଦେଶର ବିକାଶରେ ଅଧିକ ସହଯୋଗ ଦେଇଥାଏ । ଅଧିକ ଦିନ ବଞ୍ଚୁଥିବା ଅନୁଭବୀ ଲୋକଙ୍କ ଦକ୍ଷତାକୁ ପୁଞ୍ଜିକରି ଦେଶର ଅର୍ଥନୀତି ଶକ୍ତିଶାଳୀ ହୋଇଥାଏ ବୋଲି କୁହାଯାଏ । ଜାପାନ ଅଧିକ ସୁସ୍ଥ ଲୋକଙ୍କ ପାଇଁ ଜନସଂଖ୍ୟାରେ ଛୋଟ ହେଲେ ମଧ୍ୟ ଅର୍ଥନୀତିରେ ଏସିଆର ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ବିଗତ ଶହେବର୍ଷରୁ ଅଧିକ କାଳ ହେଲା ଅଗ୍ରଣୀ ରହିଆସିଛି । କିନ୍ତୁ ସେ ତୁଳନାରେ ଭାରତର ସ୍ଥାନ ଅନେକ ପଛରେ ରହିଛି । ଯଦିଓ ଦୁଇ ଦୁଇଟି ବିଶ୍ୱଯୁଦ୍ଧରେ ସାମିଲ ହେବା, ଦୁଇ ଦୁଇଟି ବିଭାଜନର ରକ୍ତାକ୍ତ ସଂଘର୍ଷକୁ ସାମନା କରିବା, ସ୍ୱାଧୀନତା ପର ୫୦ବର୍ଷ ପର୍ଯ୍ୟନ୍ତ ପାଶ୍ଚାତ୍ୟ ଧନୀ ରାଷ୍ଟ୍ରଗୁଡିକର ଗୋଷ୍ଠୀରୁ ବାହାରେ ରହିବା, ପଡୋଶୀ ରାଷ୍ଟ୍ର ସହ ୪ଟି ଯୁଦ୍ଧରେ ସାମିଲ ହେବା, ଚାରି ଦଶନ୍ଧି ଧରି ସନ୍ତାସର ଛାୟା ଯୁଦ୍ଧକୁ ମୁକାବିଲା କରିବା, ସ୍ୱାଧୀନତା ପରେ ୫୦ବର୍ଷ କାଳ ଗୋଟିଏ ଦଳର ସରକାର ଦେଶକୁ ଶାସନ କରିଆସିବା ଯୋଗୁ ଭାରତରେ ବିକାଶର ଯେଉଁ ପ୍ରତିଯୋଗିତା ଦେଖାଦେବାର ଥିଲା ତାହା ସମ୍ଭବ ହେଲା ନାହିଁ । ଅତୀତର ଅହଂସର୍ବସ୍ୱ ଏବଂ ଦୂରଦୃଷ୍ଟିବିହୀନ ଦୁର୍ବଳ ନେତୃତ୍ୱ ଯୋଗୁ ଆଜି ଭାରତ ତୁଳନାତ୍ମକ ଦୃଷ୍ଟିରୁ ପଡୋଶୀ ରାଷ୍ଟ୍ର ଚୀନଠାରୁ ବହୁପଛରେ ପଡିଛି । ଯଦିଓ ଭାରତ ଓ ଚୀନ ପାଖାପାଖି ବର୍ଷରେ ସ୍ୱାଧୀନତା ପାଇଥିଲେ ମଧ୍ୟ ଭାରତର ଦୁର୍ବଳ ନେତୃବୃନ୍ଦ ଦେଶକୁ ପ୍ରଗତିର ଠିକଣା ପଥକୁ ଆଣି ନପାରିବା ହେତୁ ସ୍ୱାଧୀନତା ପର ୨୫ ବର୍ଷ ପର୍ଯ୍ୟନ୍ତ ଦେଶରେ ଗୋଟିଏ ବି ଔଷଧ ନିର୍ମାଣକାରୀ କାରଖାନା ମଥା ଟେକିପାରି ନଥିଲା । ଦେଶର ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଆବଶ୍ୟକ ଢାଞ୍ଚାଗତ ବ୍ୟବସ୍ଥା ନିର୍ମାଣ ନ ହେବା ଯୋଗୁ ଆଜି ଭାରତର ଅସୁସ୍ଥ ଜନଶକ୍ତି ଭାରତ ପାଇଁ ବୋଝ ସଦୃଶ ହୋଇଛନ୍ତି ।

ପୃଥିବୀରେ ଶସ୍ତା ଔଷଧର ଅନ୍ୟତମ ବଡ କେନ୍ଦ୍ର ବୋଲି କୁହାଯାଉଥିବା ଭାରତରେ ଏବେ ମଧ୍ୟ ଗ୍ରାମାଞ୍ଚଳରେ ୮୦ ପ୍ରତିଶତ ଡାକ୍ତରଙ୍କର ଅଭାବ ରହିଛି । ୧୯୪୭ରେ ଦେଶରେ ମାତ୍ର ୭୦୦ଟି ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର ଥିଲା ବେଳେ ଏବେ ତାହା ୩୬୦୦୦କୁ ଛୁଇଁଛି । ସେହିପରି ସେ ସମୟରେ ୭୦୦୦ ଡାକ୍ତରଖାନା ଥିଲାବେଳେ ଆଜି ୬୯୦୦୦ ଡାକ୍ତରଖାନାରେ ୨୦ଲକ୍ଷ ରୋଗୀଙ୍କ ପାଇଁ ଶଯ୍ୟା ରହିଛି । ପ୍ରତି ହଜାରେ ଲୋକଙ୍କ ପାଇଁ ୧୯୪୭ରେ ୦.୨୪ ରୋଗ ଶଯ୍ୟା ଥିଲାବେଳେ ଏବେ ୦.୫୫ ଶଯ୍ୟା ରହିଛି । ଦେଖିବାକୁ ଗଲେ ସ୍ୱାଧୀନତା ବେଳର ଜନସଂଖ୍ୟା ତୁଳନାରେ ବର୍ତ୍ତମାନର ଜନସଂଖ୍ୟା ପ୍ରାୟ ୪ଗୁଣ ବୃଦ୍ଧି ହୋଇଥିଲେ ହେଁ ଚିକିତ୍ସା ସୁବିଧା ସେହି ଅନୁପାତରେ ବଢି ନପାରି ମାତ୍ର ୨ଗୁଣରୁ ଅଧିକ କିଛି ବଢିଛି । ୨୦୦୧ର ହିସାବ ଅନୁସାରେ ୮୧.୨ ପ୍ରତିଶତ ଗ୍ରାମାଞ୍ଚଳର ଚିକିତ୍ସକ ଅଶିକ୍ଷିତ ରହିଥିଲେ। ୩୧ ପ୍ରତିଶତ ଗ୍ରାମାଞ୍ଚଳ ଚିକିତ୍ସକଙ୍କ ଶିକ୍ଷାଗତ ଯୋଗ୍ୟତା ୨୦୧୬ରେ ମାଧ୍ୟମିକ ସ୍ତରରେ ଥିଲା । ଦେଶରେ ୬୨୦୦୦ ସୁସ୍ଥତା କେନ୍ଦ୍ର ସ୍ଥାପନ କରାଯିବା ପାଇଁ ଲକ୍ଷ୍ୟ ଥିଲା ବେଳେ ମାତ୍ର ୪୦୦୦ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଛି । ଜିଡିପିର ମାତ୍ର ୧.୨ ପ୍ରତିଶତ ଭାରତରେ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ ହେବା ପୃଥିବୀରେ ବହୁତ କମ୍ । ପୃଥିବୀରେ ଜିଡିପିର ୬ ପ୍ରତିଶତ ଖର୍ଚ୍ଚ ପାଇଁ କୁହାଯାଉଥିଲା ବେଳେ ଚୀନ ୫ ପ୍ରତିଶତ ଖର୍ଚ୍ଚ କରୁଛି ଏବଂ ଭାରତ ମାତ୍ର ୨.୫ ରୁ ୩ ପ୍ରତିଶତ ଖର୍ଚ୍ଚ କରିବାକୁ ସକ୍ଷମ ହୋଇଛି । ପୃଥିବୀରେ ହାରାହାରି ୧୮.୫ ପ୍ରତିଶତ ଅସୁସ୍ଥ ଜନସଂଖ୍ୟା ଥିଲାବେଳେ ଭାରତରେ ଏହିସଂଖ୍ୟା ୬୫ ପ୍ରତିଶତ । କର୍କଟ, ଯକ୍ଷ୍ମା, ମଧୁମେହ ପରି ଜୀବନଧାରା ଆଧାରିତ ରୋଗୀଙ୍କ ସଂଖ୍ୟା ଦେଶରେ ଏବେ ସର୍ବାଧିକ ।

ଦେଖିବାକୁ ଗଲେ ଭାରତରେ ଆଧୁନିକ ଚିକିତ୍ସା ସୁବିଧା (ଏଲୋପାଥିକ) ଫେବୃଆରୀ ୧୮୩୫ରେ ଆରମ୍ଭ ହୋଇଥିଲା । କୋଲକାତା ମେଡିକାଲ କଲେଜର ୫୦ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୭ରୁ ୧୨ ଟଙ୍କା ମାସିକ ଷ୍ଟାଇପେଣ୍ଡ ଅର୍ଥ ଦେଇ ଶିକ୍ଷା ବ୍ୟବସ୍ଥା କରାଯାଇଥିଲା । ୧୯୪୭ବେଳକୁ ଦେଶରେ ୧୯ଟି ମେଡିକାଲ ସ୍କୁଲ ରହିଥିଲା, ମାତ୍ର ୪୭୦୦୦ ଡାକ୍ତର ରହିଥିଲେ । ସେ ସମୟରେ ଦେଶର ପ୍ରତି ୬୩୦୦ଲୋକଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଥିଲା ବେଳେ ଆଜି ପ୍ରତି ୧୦୭୮ ବ୍ୟକ୍ତିଙ୍କ ପାଇଁ ଜଣେ ଡାକ୍ତର ରହିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶ ଅନୁଯାୟୀ ଏହି ହାର ପ୍ରତି ୧୦୦୦ରେ ଜଣେ ରହିବା ଦରକାର । ସେହିପରି ଭାରତରେ ୧୦୦୦ ଜନସଂଖ୍ୟାରେ ମାତ୍ର ୨ଜଣ ସେବିକା (ନର୍ସ) ରହିଛନ୍ତି । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶ ଅନୁଯାୟୀ ଏହି ଅନୁପାତ ପ୍ରତିହଜାର ଜନସଂଖ୍ୟାରେ ୩ଜଣ ସେବିକା ରହିବା ଆବଶ୍ୟକ । ଯେଉଁ କାରଣରୁ ୨୦୧୯ରେ ଭାରତର ଡାକ୍ତରମାନଙ୍କୁ "ମୁଁ ଅଧିକ କାର୍ଯ୍ୟ ଚାପରେ ରହିଛି" ବୋଲି ଏକ ଘୋଷଣା ସହ ଆନ୍ଦୋଳନ କରିବାକୁ ହୋଇଥିଲା । ୧୯୪୭ରେ ଦେଶରେ ୪୨୫୨୪ଜଣ ଏଲୋପାଥିକ ଶିକ୍ଷିତ ଡାକ୍ତର ଥିଲାବେଳେ ଜୁନ୍ ୨୦୨୨ବେଳକୁ ସେହି ସଂଖ୍ୟା ୧୩ଲକ୍ଷ ୮ହଜାରରେ ପହଞ୍ଚିଛି (୧୩,୦୮,୦୦୯) । ଯଦି ଆୟୁଷ ଡାକ୍ତରଙ୍କ ୫୬୫୦୦୦ସଂଖ୍ୟାକୁ ମିଶାଯାଏ ତେବେ ଦେଶର ଡାକ୍ତର ସଂଖ୍ୟା ଜନସଂଖ୍ୟା ଅନୁପାତରେ ଡାକ୍ତର ପିଛା ୮୫୪ରହିବ । ୧୯୪୭ରେ ଦେଶରେ ୭୦୦୦ ସେବିକା ଥିଲାବେଳେ ଜୁନ ୨୦୨୨ ବେଳକୁ ଏହି ସଂଖ୍ୟା ୩୩ଲକ୍ଷ ୯୮ ହଜାରକୁ ଛୁଇଁଛି । ସେମିତି ପ୍ରତି ହଜାରରେ ୩ଜଣ ଦାନ୍ତ ଡାକ୍ତର ରହିବା ଆବଶ୍ୟକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି । କିନ୍ତୁ ଭାରତରେ ପ୍ରତି ୧୦୦୦ ଜନସଂଖ୍ୟାରେ ମାତ୍ର ୧.୯୬ଜଣ ଦାନ୍ତ ଡାକ୍ତର ରହିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପୃଥିବୀର ୧୯୫ଟି ଦେଶର ସ୍ୱାସ୍ଥ୍ୟ ସେବା ସୂଚକାଙ୍କରେ ଭାରତକୁ ୧୪୫ତମ ସ୍ଥାନରେ ରଖିଛି । ସ୍ୱାସ୍ଥ୍ୟସେବା ପ୍ରଦାନରେ ଭାରତର ପଡୋଶୀ ଚୀନ (୪୮), ଶ୍ରୀଲଙ୍କା (୭୧), ବଙ୍ଗଳାଦେଶ (୧୩୩) ଆଗରେ ରହିଛନ୍ତି । ପୃଥିବୀର ୨୦ ପ୍ରତିଶତ ରୋଗୀ ଭାରତରେ ହିଁ ରହିଛନ୍ତି । ସେମିତି ବିଶ୍ୱର ୬ ପ୍ରତିଶତ ରୋଗଶଯ୍ୟା, ୮ ପ୍ରତିଶତ ସେବିକା, ୮ ପ୍ରତିଶତ ଡାକ୍ତର ଭାରତରେ ରହିଛନ୍ତି । ହିସାବରେ ୧୯ଲକ୍ଷ ରୋଗୀଶଯ୍ୟା, ୯୫୦୦୦ ଆଇସିୟୁ ଶଯ୍ୟା, ୪୮୦୦୦ ଭେଣ୍ଟିଲେଟର ଯୁକ୍ତ ଶଯ୍ୟା ଭାରତରେ ରହିଛି । ବିଶ୍ୱର ୨ରୁ ୩ ପ୍ରତିଶତ ମ୍ୟାଲେରିଆ ରୋଗୀ ଏବଂ ୨୬ ପ୍ରତିଶତ ଯକ୍ଷ୍ମାରୋଗୀ ଭାରତରେ ରହିଛନ୍ତି । ଏସବୁ ମଧ୍ୟରେ ୧୯୪୭ରେ ମ୍ୟାଲେରିଆ ରୋଗୀଙ୍କ ମୃତ୍ୟୁହାର ଭାରତରେ ୧୦ଲକ୍ଷ ଥିଲାବେଳେ ୨୦୨୧ରେ ୭୭ରେ ସୀମିତ ରହିଛି । ୧୯୭୭ରୁ ବସନ୍ତ ରୋଗ ଦେଶରୁ ଯାଇଛି । ପୋଲିଓ ରୋଗୀ ୧୩ ଜାନୁଆରୀ ୨୦୧୧ ପରେ ଦେଖାଯାଉନାହାନ୍ତି ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)


## କବିତା କୋଣାର୍କ

### ସତ୍ୟମ ଶିବମ ସୁନ୍ଦରମ

**କୁନା ସେଠୀ**

ତ୍ରିଦେବ ମଧ୍ୟରେ ଏକା ମହାଦେବ
ହର ହର ଭୋଳାବାବା
ସୃଷ୍ଟି ପାଇଁ ସେ କେଉଁ ଯୁଗେ କେବେ
କେତେ ରୂପେ ହ୍ୟୁନ୍ତି ଉଭା ।

ସ୍ମଶାନ ବାସୀ ସେ ବ୍ୟାଘ୍ର ଚମ
ବେଶୀ
ଗରଳକୁ ପାନ କରି
ବିଶ୍ୱକୁ ଦିନେ ଯେ ଉଧାର କରିଲେ
ବିଶ୍ୱବାସୀଙ୍କୁ ସେ ଧରି ।

ଗଞ୍ଜେଇ ଖାଇ
ସେ ଭୋଳା ବାବା ରୂପେ
କୈଳାସରେ ବସି ରହି
ଦୁନିଆ ଖବର ଉପରେ ନଜର
ଦେଉଥାନ୍ତି ମନେ ବହି ।

ଚମ୍ପା, କିଆ ଓ କେତକୀ ରେ ଭରି
ଲାଗନ୍ତି ସୁନ୍ଦର ଭାରି
ଦେବ ଦେବ ସେତ ମହାଦେବ ପରା
ଲାଗନ୍ତି ଆପଣା ପରି ।

କୋପେ ବର ତାଙ୍କ ତପେ ବର ପୁଣି
ଦିଅନ୍ତି ଆଶିଷ ଢାଳି
ପଞ୍ଚାକ୍ଷର ନାମ ଜପୁଥିଲେ ଭାଇ
ପଡ଼ିବାନି କେବେ ବଳି ।

ଓମରେ ଆରମ୍ଭ ଓମରେ ଶେଷ ସେ
ହରିହର ଏକ ଆତ୍ମା
ତ୍ରିଦେବ ଏକାଠି ହୁଅନ୍ତି ଯେଉଁଠି
ଥରି ଉଠେ ଯେ ମହାତ୍ମା ।

ଭାବରେ ବନ୍ଧା
ସେ ଭୋଳାବାବା ପରା
ଭକ୍ତିରେ ପଡନ୍ତି ଦେଖା
ବିପଦରେ ପଡି ଡାକିଲେ ତାହାଙ୍କୁ
କରନ୍ତି ସଭିଙ୍କୁ ରକ୍ଷା ।

ବାବା ବାବା ବୋଲି ଡାକରା ଶୁଭୁଛି
ଗାଆଁ ଠୁ ସହର ଯାଏଁ
ମନ୍ଦିର ଭିତରେ ଓମକାର ଶୁଭେ
ସକାଳରୁ ସଞ୍ଜ ପ୍ରାୟେ ।

କେତେନାମେ ପୂଜା ପାଉଛନ୍ତି ସେତ
କେତେ ଯେ ଧାମରେ ରହି
ହର ହର ଡାକେ ଶୁଭେ ମହାଦେବ
ତୁମରି କରୁଣା ପାଇଁ ।

ହେ ଆତ୍ମା ସାରଥୀ ଜଗତ ଦେହରୁ
ଉଧାର କର ହେ ନର
ତୁମେ ଏକା ହରି ତୁମେ ହିଁ ତ ହର
ଦିଅ କି ନଦିଅ ବର ।


♥ ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ


### ରାସ୍ତା

**ନୂତନ କୁମାର ବେହେରା**



ଏଠି ଚାରିଆଡ଼େ ଲମ୍ବିଛି ଯେତେ ରାସ୍ତା
କ୍ୱଚିତ ସରଳ ସମତଳ ଆଗକୁ ସିଧା ସିଧା
ଅର୍ଦ୍ଧାଧିକରୁ ବେଶି ଅଙ୍କାବଙ୍କା ଟଙ୍କା
ଲାଗେ ଜଟିଳ ଶଂଙ୍କୁଳ ଚାଲିବାକୁ ଏକା

ଜୀବନ ଯାତ୍ରା ହୁଏନା ସୁଗମ ଆସେ ବାଧା
ସବୁ ସ୍ୱାର୍ଥର ଗଣ୍ଡିରେ ଛନ୍ଦାଛନ୍ଦି
ଚାଲିବାକୁ ସେ ରାସ୍ତାରେ ସାଥୀ ହୋଇ
ତୁମ ସାଥେ ଗଢ଼ିବାକୁ ହୁଏ ମିଛ ସମ୍ପର୍କ

ବୁଝାମଣାର ସହିତ କରି ମଧୁର ସନ୍ଧି
ଜୀବନର କିଛି ଅଦମିତ କାମନାକୁ ଇପ୍ସି
ତୁମର ମୋର ହୁଏ ଯେବେ ଯୁଗଳବନ୍ଦୀ
ମୋ ସ୍ୱାର୍ଥ କିଛି ତୁମର ମଧ୍ୟ କିଛି କିଛି

ମେଳ କରିଥାଉ ନେଇ ଦୃଢ଼ ନିଷ୍ପତ୍ତି
ମୁଁ କଲେ କିଛି ତ୍ୟାଗ ତୁମେ ବି କର
ସବୁ ତ ଚାଲେ ବିନିମୟରେ ପରସ୍ପରର
ଏଇ ତ ପ୍ରେମ ଭଲ ପାଇବାର ଦୁନିଆଁ ନୀତି

ତଥାପି ଆମ ମଧ୍ୟେ ଉଣା ହେଲେ କିଞ୍ଚିତ
ବିରକ୍ତିରେ ଆସେ ଅଭିଯୋଗ ଆପତ୍ତି

ଉଠେ ପାଚେରୀ ବନ୍ଦ ହୁଏ ଫାଟକ
ଚାଲୁଥିବାର ଖୋଲା ରାସ୍ତା ହୋଇଯାଏ ବନ୍ଦ
ଅତୀତ ନିଏ ସମାଧି ଭବିଷ୍ୟତ ହୁଏ ବନ୍ଦୀ
ଭୁଲ୍ ଠିକ୍ ର ଦ୍ୱନ୍ଦ୍ୱ ମଧ୍ୟରେ ହୁଏନା ବାଛି
ଶତ୍ରୁତା ଭୁଲି ପୁନଶ୍ଚ ବନ୍ଧୁତା ପାରୁନା ସ୍ଥାପି
ଏମିତି ଏକ ପ୍ରବାହିତ ସମୟ ସ୍ରୋତରେ

ମୁଁ ତୁମେ ଦୁହେଁ ସେ ସୁଅରେ ଏକ ଏକ
ଅସ୍ତିତ୍ୱ ନଥିବା ଶୁଖିଲା ପତ୍ର ସମ ଭାସମାନ
ସ୍ୱାର୍ଥର ଭଉଁରୀ କେଉଁଠି ବୁଡାଏ
କେଉଁଠି ପୁଣି ଜୁଆରରେ ନେଇ ଦିଏ ଯୋଡ଼ି

ଉଭୟେ ହୋଇ ପଡୁ ନିୟନ୍ତ୍ରଣ ହୀନ
କୂଳରେ ଲାଗୁ କି ନ ଲାଗୁ ଜୀବନ ଭେଳା
କେହି ତ ପାରୁନୁ ନିଜକୁ ନିଜେ ସଜାଡ଼ି
କେବଳ ଅନୁତାପ କରି ଚାଲୁ ମନ ଭିତରେ
ଅବଶୋଷ ରଖି ମୋହ ଆଉ କୋହରେ...।


♥ ବାରିପଦା, ମୟୂରଭଞ୍ଜ


### ଶରତ

**ରାହାସ କୁମାର ବେହେରା**

ଶରତ ଆସିଛି ଭାଦ୍ରବ, ଆଶ୍ୱିନେ
ଦେଖ ମନ ଲୋଭା ଶୋଭା
ରୂପସୀ ପ୍ରକୃତି ଆନନ୍ଦେ ନାଚୁଛି
ବାନ୍ଧିଛି ଫୁଲରେ ଗଭା ।

ମଥାରେ ଓଢ଼ଣୀ ନିର୍ମଳ ଆକାଶେ
ଖଣ୍ଡ ଖଣ୍ଡ ଧଳା ମେଘ
ବଗୁଲା ବଗୁଲୀ ଚାହିଁ ଡେଣା ଝାଡି
ଆଗ୍ରହେ ଉଡ଼ନ୍ତି ବେଗ।

ସାପୁଆ ନଈର ଅତଡା ବାଲିରେ
କାଶତାଣ୍ଡି ମାରେ ଆଖି
ଧୋବ ଫରଫର ଚିକଣ ଚେହେରା
ଦେଖି ଆତ୍ମାଯାଏ ନାଖି ।

ଶରତ ପବନ ଚନ୍ଦନ ଚନ୍ଦନ
ହୃଦୟକୁ କରେ ଚୋରି
କବିର ଭାବନା ଯୁଇ ଜାଇ ହେନା
ଯୋଡେ ଭାବନାର ଡୋରି ।

ସରସୀ ଜଳରେ କଇଁ ଧଇଁ ସଇଁ
ଫୁଲେଇ ଗେହ୍ଲେଇ ଝିଅ
ଲେଖୁଛି ଚିଟାଉ ଚିକଣ କଜଳେ
ଆବୋରି ମିଳନେ ମୋହ ।

ଭାରି ଭଲଲାଗେ ସକାଳ ସୂରୁଜ
କମଳ କଳିକା ଖୋଲି
ଦେଖେ ନିଜ ମୁଖ ପିଆସୀ ମୁକୁରେ
ହସିଦେଇ ଖିଲି ଖିଲି ।

ଜହ୍ନି ଫୁଲ ଯେବେ ଗେଲ କରେ ଭଲେ
ସଂଜରେ ଚଉରା ମୂଳେ
ଅତି ପ୍ରୀତ ହୋଇ ମନ ସଂଗାତୁଣୀ
ଗୀତ ଗାଇ ପୁଚି ଖେଳେ ।

ଭାରି ଭଲଲାଗେ ଫୁଲେଇ ଶରତ
କୁଆଁରୀ କୁଆଁରୀ ବାସେ
ଯେବେବେଳେ ଚାନ୍ଦ ରୂପା ପାଟ ପିନ୍ଧି
ସଜବାଜ ହୋଇ ଆସେ ।

ଏଇ ଶରତରେ ଯାନି ଯାତରାରେ
ମୋ ପ୍ରିୟା ମାନସୀ ବସି
ସମ୍ପର୍କର ସେତୁ ଅଠା କାଠି ଯୋଖି
ଲାଜେ ଚାହିଁ ଦିଏ ହସି ।

ଶରତ ସୁନ୍ଦରୀ ମରତ ଅପ୍ସରୀ
ଚିତ୍ରକର ଚିତ୍ରାଙ୍ଗଦା
ଭାବୁକ କଳ୍ପନା ସୁନ୍ଦରୀ ଲଳନା
ବିଭାବନା ଆନନ୍ଦିତା ।


♥ ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ: ୯୪୩୮୧୧୪୩୬୮

# ଧୀର୍ ପାଣି ପଥର୍ କାଟେ : ଧୀରେ ଧୀରେ ଆଗକୁ ବଢୁଛନ୍ତି ନିଧି



କୌଣସି କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଧୀରେ ସୁସ୍ଥେ ପରିସ୍ଥିତି ସହ ଖାପ ଖାଇବା ହିଁ ବୁଦ୍ଧିମାନର କାମ। ଏ ପରିପ୍ରେକ୍ଷୀରେ ଦକ୍ଷିଣୀ ଅଭିନେତ୍ରୀ ନିଧି ଅଗ୍ରୱାଲଙ୍କ ଉଦ୍ୟମ ସ୍ୱାଗତଯୋଗ୍ୟ। ପାଞ୍ଚ ବର୍ଷର ଅଭିନୟ ଜୀବନ ଭିତରେ ଆଠଟି ଚଳଚ୍ଚିତ୍ର ଓ ତିନିଟି ସଂଗୀତ ଭିଡିଓରେ ଅଭିନୟ କରିଥିବା ନିଧି ନିଜର ଏଇ ସ୍ୱଳ୍ପତା ପାଇଁ ଆଦୌ ବିବ୍ରତ ନୁହଁନ୍ତି। ବରଂ ଦର୍ଶକଙ୍କ ଚାହିଦା ଅନୁଯାୟୀ ଧୀରେ ଧୀରେ ସିନେମା ଜଗତ୍‌ରେ ନିଜର ଉପସ୍ଥିତି ଜାହିର କରିବାରେ ସେ ସନ୍ତୁଷ୍ଟ ଅଛନ୍ତି। ଫଳସ୍ୱରୂପ, ଗତବର୍ଷ ତାଙ୍କ ଅଭିନୀତ ଦୁଇଟି ତାମିଲ ଫିଲ୍ମ (‘ଈଶ୍ୱରମ୍’ ଓ ‘ଭୂମି’) ଆଶାତୀତ ଲୋକପ୍ରିୟତା ଆଣିଦେଇଥିବା ବେଳେ ଚଳିତବର୍ଷ ଗୋଟିଏ ତେଲୁଗୁ ସିନେମା (ହିରୋ)ରେ ସେ ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। ଆଗକୁ ମୁକ୍ତି ଅପେକ୍ଷାରେ ଥିବା ତାମିଲ ଫିଲ୍ମ ‘କଲଗ ତଲୈବନ’ ପାଇଁ ସେ ଖୁବ୍ ଉତ୍ସାହିତ ଥିବା ଜଣାପଡୁଛନ୍ତି।

ହାଇଦ୍ରାବାଦରେ ଏକ ହିନ୍ଦୀଭାଷୀ ମାରୱାଡ଼ି ପରିବାରରେ ୧୯୯୩ ଅଗଷ୍ଟ ୧୭ରେ ଜନ୍ମିତା ନିଧି ହିନ୍ଦୀ ସମେତ ତେଲୁଗୁ ଓ ତାମିଲ ଭାଷା ମଧ୍ୟ କହିବା, ବୁଝିବା ଓ ଲେଖିବାରେ ପାରଙ୍ଗମ। ବାଲେ, କଥକ ଓ ଉଦର ନୃତ୍ୟର ତାଲିମପ୍ରାପ୍ତା ନୃତ୍ୟାଙ୍ଗନା ନିଧି ସିନେ ଜଗତ୍‌ରେ ନିଜକୁ ଆବିଷ୍କାର କରିବେ ବୋଲି ସ୍ୱପ୍ନ ବି ଦେଖିନଥିଲେ। ବ୍ୟବସାୟୀ ପରିବାରର ଦାୟାଦୀ ହୋଇଥିବାରୁ ସ୍ୱାଭାବିକ ଭାବେ ସେ ବାଣିଜ୍ୟ ପରିଚାଳନାରେ ସ୍ନାତକ ଡିଗ୍ରି ହାସଲ ପରେ ନିଜର ପାରିବାରିକ ବାଣିଜ୍ୟ ପ୍ରତିଷ୍ଠାନ ସମ୍ଭାଳିବାଟା ନିଶ୍ଚିତ ଥିଲା। ମାତ୍ର ତାଙ୍କର ଯାଦୁକରୀ ଚାହାଣୀ ସାଙ୍ଗକୁ ଆକର୍ଷଣୀୟ ଅଙ୍ଗସୌଷ୍ଠବ ୨୦୧୬ରେ ହିନ୍ଦୀ ସିନେ ନିର୍ଦ୍ଦେଶକ ସବ୍ବିର ଖାଁଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ସେ ତାଙ୍କ ଚଳଚ୍ଚିତ୍ର ‘ମୁନ୍ନା ମାଇକେଲ’ରେ ନିଧିଙ୍କୁ ନାୟିକା ଭାବେ ଉପସ୍ଥାପନା କରିବାର ପ୍ରସ୍ତାବ ଦେଇଥିଲେ।

ଏ ପ୍ରକାର ଅପ୍ରତ୍ୟାଶିତ ସୁଯୋଗକୁ ନିଧି ହାତଛଡ଼ା କରିନଥିଲେ। ତାଙ୍କର ଏହି ପ୍ରଥମ ପଦାର୍ପଣକୁ ଦର୍ଶକ ଖୁବ୍ ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ୨୦୧୭ରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ‘ଜୀ ସିନେ ସମ୍ମାନ’ ମିଳିଥିଲା। ଏଥିରେ ସେ ଉତ୍ସାହିତ ହୋଇ ପାରିବାରିକ ବ୍ୟବସାୟକୁ ଭୁଲି ଅଭିନୟରେ ହିଁ ଜୀବନ ଗଢ଼ିବାକୁ ଦୃଢ଼ ପରିକର ହୋଇଥିଲେ। ଏହାପରେ ୨୦୧୮ରେ ସେ ‘ସବ୍ୟସାଚୀ’ ଚଳଚ୍ଚିତ୍ର ମାଧ୍ୟମରେ ତେଲୁଗୁ ରାଇଜକୁ ପ୍ରବେଶ କରିଥିଲେ। ଏହାର ବିପୁଳ ଗ୍ରହଣୀୟତା ତାଙ୍କୁ ତହିଁ ପରବର୍ଷ ଆଉ ଦୁଇଟି ତେଲୁଗୁ ସିନେମା ପାଇଁ ସୁଯୋଗ ଆଣିଥିଲା। ସେହିପରି ଗତବର୍ଷ ତାମିଲ ସିନେ ଦୁନିଆରେ ସେ ପାଦ ଦେଇଥିଲେ ‘ଈଶ୍ୱରମ୍’ ମାଧ୍ୟମରେ। ଆସନ୍ତାବର୍ଷ ପ୍ରାରମ୍ଭରେ ଆସିବାକୁ ଥିବା ତେଲୁଗୁ ଫିଲ୍ମ ‘ହରି ହର ବୀର ମଲ୍ଲୁ’ ପାଇଁ ସେ ଏବେ ସୁଟିଂରେ ବ୍ୟସ୍ତ ରହିଛନ୍ତି।

# ଫିଲ୍ମ ଇଣ୍ଡଷ୍ଟ୍ରିକୁ ବାଏ ବାଏ କହିଲେ ଆଉ ଜଣେ ଅଭିନେତ୍ରୀ




ଲାଇମ୍ ଲାଇଟ୍‌ରୁ ଦୂରେଇ ଗଲେ ଆଉ ଜଣେ ଅଭିନେତ୍ରୀ। ସନା ଖାନ ଏବଂ ଜାଏରା ୱାସିମଙ୍କ ପରେ ଭୋଜପୁରୀ ଅଭିନେତ୍ରୀ ଫିଲ୍ମ ଇଣ୍ଡଷ୍ଟ୍ରି ଛାଡିଛନ୍ତି। ଭୋଜପୁରୀ ଫଲ୍ମର ଜଣାଶୁଣା ଅଭିନେତ୍ରୀ ସାହର ଆଫଶା ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେଆର କରି ଏନେଇ ସୂଚନା ଦେଇଛନ୍ତି।

ଇସଲାମ ପାଇଁ ଏହି ଅଭିନେତ୍ରୀ ଫିଲ୍ମ ଦୁନିଆକୁ ବାଏ ବାଏ କହିଛନ୍ତି। ଏଭଳି ଘୋଷଣା କରି ସେ ନିଜର ଲକ୍ଷ ଲକ୍ଷ ପ୍ରଶଂସକଙ୍କୁ ନିରାଶ କରିଛନ୍ତି। ଇନଷ୍ଟାଗ୍ରାମରେ ଏହି ପୋଷ୍ଟ ଶେଆର କରି ସାହର ଆଫଶା ଲେଖିଛନ୍ତି, ‘ମୁଁ ଆପଣଙ୍କୁ ସମସ୍ତଙ୍କୁ କହିବାକୁ ଚାହେଁ ଯେ ମୁଁ ଫିଲ୍ମ ଇଣ୍ଡଷ୍ଟ୍ରି ଛାଡିବାକୁ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ମୋର ଏଥିସହ ଆଉ କୌଣସି ସମ୍ପର୍କ ନାହିଁ। ଇନଶାଲ୍ଲାହ, ମୁଁ ଇସଲାମିକ ଶିକ୍ଷା ଏବଂ ଅଲ୍ଲାହଙ୍କ ଆଶୀର୍ବାଦ ଅନୁଯାୟୀ ପରବର୍ତ୍ତୀ ଜୀବନରେ ବଞ୍ଚିବାକୁ ଇଚ୍ଛା କରୁଛି। ମୁଁ ଅଲ୍ଲାହଙ୍କ ଠାରେ ଅନୁତାପ କରେ ଏବଂ ମୁଁ ଅଲ୍ଲାହଙ୍କୁ କ୍ଷମା ମଧ୍ୟ ମାଗୁଛି। ଆଗକୁ ବଢିବାକୁ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ସବୁକିଛି ଶେଷ କରିବାକୁ ଚାହୁଁଛି।’ ସାହରଙ୍କ ପୂର୍ବରୁ ସନା ଖାନ୍ ମଧ୍ୟ ଏଭଳି ହିଁ ପୋଷ୍ଟ କରିଥିଲେ। ସାହରଙ୍କ ପୋଷ୍ଟରେ ସନା ଖୁସି ପ୍ରକଟ କରିଛନ୍ତି। ସାହର ଏବେ ସନା ଖାନଙ୍କ ସହ ମିଶି ଆଲ୍ଲାହାଙ୍କ ସେବାରେ ଲାଗି ପଡିଛନ୍ତି। ସୋଶାଲ ମିଡିଆରେ ଉଭୟଙ୍କ ଫଟୋ ମଧ୍ୟ ଭାଇରାଲ ହେବାରେ ଲାଗିଛି। ସାହର ଭୋଜପୁରୀ ସିନେମାର ଏକ ଜଣାଶୁଣା ନାଁ। ସେ ଖେସରୀ ଲାଲ ଯାଦବ, ପବନ ସିଂହଙ୍କ ଭଳି ବଡ ବଡ ଭୋଜପୁରୀ ଅଭିନେତାଙ୍କ ସହ କାମ କରିଛନ୍ତି। ସାହରଙ୍କ ଗୀତ ଏବଂ ଭିଡିଓ ଇଣ୍ଟରନେଟରେ ଖୁବ୍ ଭାଇରାଲ ମଧ୍ୟ ହୁଏ।

# ନୟନତାରାଙ୍କ ସହ ପ୍ରଥମ ଫିଲ୍ମ କରିବେ ଏମଏସ ଧୋନୀ



କ୍ରିକେଟ ପରେ ଏବେ ଫିଲ୍ମରେ ନିଜ କ୍ୟାରିୟର ଆରମ୍ଭ କରିବା ନେଇ ଚର୍ଚ୍ଚାରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀ। ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ନାମ ମନୋରଞ୍ଜନ ଇଣ୍ଡଷ୍ଟ୍ରି ସହିତ ଅନେକ ଥର ଯୋଡା ଯାଇଛି। କ୍ରିକେଟରେ କ୍ୟାରିୟର ଆରମ୍ଭ କରିବା ସମୟରେ ତାଙ୍କ ନାମ ବିଭିନ୍ନ ଅଭିନେତ୍ରୀମାନଙ୍କ ସହ ଯୋଡା ଯାଇଥିବାବେଳେ ଏବେ ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିବାକୁ ଯାଉଥିବା ଜଣାପଡ଼ିଛି।ସୂଚନା ମୁତାବକ, ୨୦୧୯ରେ ମହେନ୍ଦ୍ର ସିଂହ ଧୋନୀ, ଧୋନୀ ଏଣ୍ଟରଟେନମେଣ୍ଟ ନାମକ ଏକ ପ୍ରଡକ୍ସନ୍ ହାଉସ୍ ଆରମ୍ଭ କରିଥିଲେ। ଏହାକୁ ମହେନ୍ଦ୍ର ସିଂହ ଧୋନୀ ତାଙ୍କ ପତ୍ନୀ ସାକ୍ଷୀଙ୍କ ସହିତ ମିଶି ଚଳାଉଥିବା ବେଳେ ରିପୋର୍ଟରୁ ଜଣାପଡ଼ିଛି ଯେ ଧୋନୀ ବର୍ତ୍ତମାନ ତାଙ୍କ କମ୍ପାନିକୁ ଏକ ବଡ ସ୍ତରକୁ ନେବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ପାଇଁ ସେ ବଡ଼ ବଡ଼ ଫିଲ୍ମର ପ୍ରଯୋଜନା ଧୋନୀ ଏଣ୍ଟରଟେନମେଣ୍ଟ ଅଧୀନରେ କରିବେ ବୋଲି ଚର୍ଚ୍ଚା ହେଉଛି। ଧୋନୀ ତାମିଲ, ତେଲୁଗୁ ଓ ମଲୟାଲମ ଫିଲ୍ମର ପ୍ରଯୋଜନା ଦାୟିତ୍ୱ ନେବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ପ୍ରଥମ ଫିଲ୍ମ ସେ ସାଉଥ ସୁପରଷ୍ଟାର ନୟନତାରଙ୍କ ସହ କରିବେ ବୋଲି କୁହାଯାଉଛି। ଧୋନୀ ଏଣ୍ଟରଟେନମେଣ୍ଟର ପ୍ରଥମ ବଡ଼ ବଜେଟ ଫିଲ୍ମରେ ନୟନତାରା ନଜର ଆସିବେ ବୋଲି କୁହାଯାଉଥିବା ବେଳେ ଏବିଷୟରେ ଉଭୟ ଧୋନୀ ଓ ନୟନତାର ସ୍ପଷ୍ଟ କରିନାହାନ୍ତି। ହେଲେ ଖବର ସତ ହେଲେ ଉଭୟଙ୍କ ପ୍ରଶଂସକ ଏହି ପ୍ରୋଜେକ୍ଟ ପାଇଁ ଖୁବ ଉତ୍ସାହିତ ହେବେ ନିଶ୍ଚୟ।

# ଅର୍ଚ୍ଚନାଙ୍କ ଉପରେ ତିଆରି ହେଉଛି ଫିଲ୍ମ ‘ମାୟାବିନୀ’

ବୁଢ଼ିଆଣୀ ପରି ଜାଲ ବିଛାଉଥିଲା ଅର୍ଚ୍ଚନା। ଆଉ ଶିକାର କରୁଥିଲା କେଡେକେଡେ ଲୋକଙ୍କୁ। ବିଲ୍ଡର, ଫିଲ୍ମ ନିର୍ଦ୍ଦେଶକ, ବ୍ୟବସାୟୀ ଓ ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିଜ ମାୟାଜାଲରେ ଫସାଉଥିଲା ଅର୍ଚ୍ଚନା। ଏବେ ସେ ଗିରଫ ହେବା ପରେ ଘଟଣା ଉପରୁ ପର୍ଦ୍ଦା ହଟୁଛି। ଆଉ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ରାଜଧାନୀର ବ୍ଲାକମେଲ୍‌ର ଅର୍ଚ୍ଚନା ନାଗ। ସେ ଏବେ ଘରେ ଘରେ ପରିଚିତ। ଅର୍ଚ୍ଚନାଙ୍କ ରଙ୍ଗୀଲା ଲାଇଫଷ୍ଟାଇଲକୁ ନେଇ ତିଆରି ହେଉଛି ‘ମାୟାବିନୀ’। ଏଥିରେ ଲଭ୍, ସେକ୍ସ ଓ କ୍ଲାଇମ୍ୟାକ୍ସ ରହିଛି ବୋଲି ଫିଲ୍ମ ପ୍ରଯୋଜକ କହିଛନ୍ତି। ସମାଜରେ ଘଟୁଥିବା ଘଟଣାବଳୀକୁ ନେଇ ଚିତ୍ରନାଟ୍ୟ ତିଆରି କରୁଛନ୍ତି ଫିଲ୍ମ ପ୍ରଯୋଜକ ସିଦ୍ଧାର୍ଥ ମାର୍ଥା। ବର୍ତ୍ତମାନ ଓଡ଼ିଶାରେ ଚର୍ଚ୍ଚାରେ ଥିବା ଅର୍ଚ୍ଚନାଙ୍କ ଜୀବନୀ ଓ କାର୍ଯ୍ୟଶୈଳୀକୁ ନେଇ ତିଆରି କରୁଛନ୍ତି ଓଡ଼ିଆ ଫିଲ୍ମ ‘ମାୟାବିନୀ’। ଫିଲ୍ମର ସଂଳାପ ଲେଖାଚାଲିଛି। ଖୁବ୍‌ଶୀଘ୍ର ଶୁଟିଂ ଆରମ୍ଭ ହେବ। ଗୋଟିଏ ଫିଲ୍ମରେ ଯାହା ସବୁ ରହିବା କଥା ଏଥିରେ ରହିଛି। ଫିଲ୍ମ ରିଲିଜ୍ ହେଲେ, ରାଜ୍ୟର ସବୁ ମହିଳା ତାଙ୍କ ସ୍ୱାମୀଙ୍କୁ ଜବରଦସ୍ତି ଧରି ଫିଲ୍ମ ଦେଖାଉଇବାକୁ ନେବେ ବୋଲି ଶ୍ରୀ ମାର୍ଥା କହିଛନ୍ତି। ସୂଚନାରୁ ପ୍ରକାଶ, ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଉପରେ ସିଦ୍ଧାର୍ଥ ମାର୍ଥା ଫିଲ୍ମ ତିଆରି କରିଥିଲେ। ଏଥିରେ ବଲିଉଡ୍ ଷ୍ଟାର ଅତୁଲ କଲ୍‌କର୍ଣ୍ଣି ଅଭିନୟ କରିଛନ୍ତି। ହେଲେ ରିଲିଜ୍ ପୂର୍ବରୁ ବିବାଦରେ ଫସି ଯାଇଥିଲା ଫିଲ୍ମ। ଯେଉଁଥିପାଇଁ ରିଲିଜ ହୋଇପାରିନଥିଲା। କିଛି ବିବାଦୀୟ ସିନ୍ ଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏବେ ସେହି ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ଫିଲ୍ମର ନାଁ ରହିଛି ‘ମାଇଣ୍ଡ ଗେମ୍’।



# ବଲିଉଡରେ ଡେବ୍ୟୁ କରିବେ ଶିଖର ଧୱନ

ବଲିଉଡ ଆଉ କ୍ରିକେଟର ସମ୍ପର୍କ ବେଶ୍ ପୁରୁଣା। ଅନେକ କ୍ରିକେଟର୍ ଫିଲ୍ମରେ କାମ କରିସାରିଛନ୍ତି। ଅଜୟ ଜାଡେଜା, ରୋହିତ ଶର୍ମା, ହରଭଜନ ସିଂହ, ଅନୀଲ କୁମ୍ବଲେ ଓ ସଲିଳ ଅଙ୍କୋଲ ଭଳି ନାଁ ଏଥିରେ ସାମିଲ ଅଛି। ଏବେ ଏହି ତାଲିକାରେ ଆଉ ଜଣେ କ୍ରିକେଟରଙ୍କ ନାଁ ଯୋଡି ହେବାକୁ ଯାଉଛି। ନିକଟରେ ସାଉଥ ଆଫ୍ରିକା ବିପକ୍ଷରେ ଦିନିକିଆ ସରିଜରେ ଟିମ୍ ଇଣ୍ଡିଆର ଅଧିନାୟକତ୍ୱ କରିଥିବା ଶିଖର ଧୱନ ଖୁବଶୀଘ୍ର ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। କ୍ରିକେଟ୍ ପିଚ୍‌ରେ ଛଉକା ଛକା ମାରୁଥିବା ଏହି କ୍ରିକେଟର୍ ଏବେ ଫିଲ୍ମ ଦୁନିଆରେ ମଧ୍ୟ ନୂଆ ଇନିଂସ୍ ଆରମ୍ଭ କରିବାକୁ ଯାଉଛନ୍ତି। ଅପକମିଂ ଫିଲ୍ମ ‘ଡବଲ ଏକ୍ସେଲ’ ଜରିଆରେ ବଲିଉଡରେ ଏଣ୍ଟ୍ରି କରିବେ କ୍ରିକେଟର୍ ଗବର୍ ଓରଫ ଶିଖର ଧୱନ। ଏହି ଫିଲ୍ମରେ ସେ ସୋନାକ୍ଷୀ ସିହ୍ନା ଓ ହୁମା କୁରେଶିଙ୍କ ସହ ନଜର ଆସିବେ। ଫିଲ୍ମର ଏକ ଫଟୋ ଏବେ ସାମ୍ନାକୁ ଆସିଛି, ଯେଉଁଥିରେ ଧୱନ ହୁମା କୁରେଶିଙ୍କ ସହ ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ଏକ ସାକ୍ଷାତକାରରେ ଧୱନ ଏହି ଫିଲ୍ମକୁ ନେଇ କହିଛନ୍ତି ଯେ, ‘ଜଣେ ଖେଳାଳି ନିଜ ଦେଶ ପାଇଁ ଖେଳନ୍ତି। ଜୀବନ ସର୍ବଦା କଷ୍ଟଦାୟକ। ମୋର ସବୁଠୁ ବଡ ମନୋରଞ୍ଜନର ସାଧକ ହେଉଛି ଫିଲ୍ମ ଦେଖିବା। ଯେତେବେଳେ ମୁଁ ଏହି ଫିଲ୍ମର କାହାଣୀ ଶୁଣିଲି ସେତେବେଳେ ଏହା ମୋ ଉପରେ ଗଭୀର ପ୍ରଭାବ ପକାଇଥିଲା। ଏହା ସମଗ୍ର ସମାଜ ପାଇଁ ଅଦ୍ଭୁତ ବାର୍ତ୍ତା।’

# ଟ୍ୱିଟରକୁ ବାଏବାଏ କହିଲେ କରନ ଜୋହର

ନିୟମିତ ଭାବେ ସୋଶାଲ ମିଡିଆରେ ଟ୍ରୋଲ ହୋଇ ଆସୁଥିବା ବଲିଉଡ ଫିଲ୍ମ ନିର୍ମାତା କରନ ଜୋହର ଆଜି ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ସକାରାତ୍ମକ ଶକ୍ତି ପାଇବା ପାଇଁ ସୋଶାଲ ମିଡିଆ ପ୍ଲାଟଫର୍ମ ଟ୍ୱିଟରକୁ ଅଲବିଦା କହିଛନ୍ତି। ଶେଷ ଟ୍ୱିଟ୍ ?ରେ ସେ ସକାରାତ୍ମକ ଶକ୍ତି କଥା କହିଥିଲେ। ଅବଶ୍ୟ ବର୍ତ୍ତମାନ ତାଙ୍କ ଆକାଉଣ୍ଟ ଡିଲିଟ ହୋଇଯାଇଥିବାରୁ ଏହାକୁ ମଧ୍ୟ ଦେଖିବାକୁ ମିଳୁନି। ସୋମବାର ଶେଷ ଟ୍ୱିଟରେ କରନ କହିଛନ୍ତି ଯେ “କେବଳ ସକାରାତ୍ମକ ଶକ୍ତି ପାଇଁ କିଛି ସ୍ଥାନ ବାହାର କରୁଛି। ଏହା ସେ ଦିଗରେ ଗୋଟିଏ ପଦକ୍ଷେପ। ଗୁଡବାଏ ଟ୍ୱିଟର।” ଏହି ଟ୍ୱିଟ ପରେ କରନ ନିଜର ଟ୍ୱିଟର ଆକାଉଣ୍ଟକୁ ଡି-ଆକ୍ଟିଭେଟ କରି ଦେଇଛନ୍ତି। ଏବେ ତାଙ୍କ ଆକାଉଣ୍ଟ ଟ୍ୱିଟରରେ ଆଉ ନାହିଁ। କରନଙ୍କ ଏହି ନିଷ୍ପତ୍ତିକୁ ଅନେକ ଲୋକ ପସନ୍ଦ କରିଛନ୍ତି। ଜଣେ ଲେଖିଛନ୍ତି, “କୌଣସି ସୋଶାଲ ମିଡିଆ ପ୍ଲାଟଫର୍ମ ଠାରୁ ସକାରାତ୍ମକ ଶକ୍ତି ଓ ସ୍ଥାନ ଅଧିକ ଗୁରୁତ୍ୱପୂର୍ଣ୍ଣ। ଚିୟର୍ସ କରନ ଜୋହର। ବହୁତ ଭଲ ପଦକ୍ଷେପ।” ଆଉ ଜଣେ ଲେଖିଛନ୍ତି, “ଗୁଡବାଏ କରନ। ଝଲକ ଦିଖଲା ଜାରେ ଦେଖାହେବ।” କରନ ଟ୍ୱିଟର ଛାଡ଼ିଥିଲେ ମଧ୍ୟ ଇନଷ୍ଟାଗ୍ରାମରେ ରହିଛନ୍ତି।

# ଓସ୍କାର ଏଣ୍ଟ୍ରୀ ଭାରତୀୟ ଫିଲ୍ମର ରିଲିଜ୍ ପୂର୍ବରୁ ଚାଲିଗଲେ ଶିଶୁ କଳାକାର






ଏକମାତ୍ର ଭାରତୀୟ ଫିଲ୍ମ ଭାବେ ଓସ୍କାର ୨୦୨୩ରେ ପ୍ରବେଶ କରିଥିବା ଗୁଜରାଟୀ ଫିଲ୍ମ ‘ଛେଲୋ ଶୋ’ ବା ଲାଷ୍ଟ ଫିଲ୍ମ ଶୋ’ ଆଉ କିଛି ଦିନ ପରେ ରିଲିଜ୍ ହେବ। ହେଲେ ଫିଲ୍ମର ରିଲିଜ୍ ପୂର୍ବରୁ ଆସିଛି ଦୁଃଖଦ ଖବର। ଏହି ଫିଲ୍ମରେ ଥିବା ୬ ଜଣ ଶିଶୁ କଳାକାରଙ୍କ ମଧ୍ୟରୁ ୧୫ ବର୍ଷୀୟ ରାହୁଲ କୋଲି ଆଉ ନାହାନ୍ତି। ଫିଲ୍ମଟି ଓସ୍କାର ପୁରସ୍କାର ଦୌଡ଼ରେ ସାମିଲ ହୋଇଥିବାରୁ ଏହାର ୬ ଶିଶୁକଳାକାର ରାତିରାତି ଷ୍ଟାର ବନି ଯାଇଥିଲେ। କିନ୍ତୁ ରାହୁଲ ଅକ୍ଟୋବର ୨ ତାରିଖରୁ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ରାହୁଲ ମାରାତ୍ମକ ଲିକୋମିଆ(**Leukemia**) ରୋଗରେ ପୀଡ଼ିତ ଥିଲେ। ଏହା ଏକ ରକ୍ତ ଜନିତ କର୍କଟ ରୋଗ। ଏଥିପାଇଁ ୪ ମାସ ହେଲା ତାଙ୍କର ଚିକିତ୍ସା ଚାଲିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ରାହୁଲଙ୍କ ପାଇଁ ସୋମବାର ଗୁଜରାଟର ଜାମନଗର ସ୍ଥିତ ହାପାରେ ଶୋକସଭା ଆୟୋଜନ କରାଯାଇଥିଲା। ତାଙ୍କ ବାପା ରାମୁ କୋଲି ଜଣେ ଅଟୋ ଚାଳକ। ପୁଅର ଦେହାନ୍ତ ସମ୍ପର୍କରେ ସେ କହିବା ବେଳେ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ତାଙ୍କ କହିବା କଥା ହେଉଛି ରାହୁଲ କୋଲି ପ୍ରଥମେ ଜ୍ୱର ଅନୁଭବ କରିଥିଲେ। ପରିବାର ଲୋକ ଏହାକୁ ସାଧାରଣ ଜ୍ୱର ଭାବି ଚିକିତ୍ସା ମଧ୍ୟ କରିଥିଲେ। ହେଲେ କିଛି ସମୟ ଜ୍ୱର ଛାଡୁଥିବା ବେଳେ ପୁଣି ଏହା ଫେରୁଥିଲା। ତାଙ୍କ ଅବସ୍ଥା ଧୀରେଧୀରେ ଗୁରୁତର ହେବାରୁ ପରିବାର ଲୋକେ ପ୍ରଥମେ ତାଙ୍କୁ ଜାମନଗର ହସ୍ପିଟାଲକୁ ନେଇଥିଲେ। ସେଠାରେ କୌଣସି ସୁଫଳ ନ ମିଳିବାରୁ ଶେଷରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଅହମଦାବାଦ ଅଣା ଯାଇଥିଲେ। ରବିବାର ଅକ୍ଟୋବର ୨ ତାରିଖ ସକାଳେ ରାହୁଲ ବ୍ରେକଫାଷ୍ଟ କରିଥିଲେ। ଖାଦ୍ୟ ଖାଇବାର କିଛି ଘଣ୍ଟା ପରେ ତାଙ୍କୁ ଭୀଷଣ ଜ୍ୱର ହୋଇଥିଲା। ସେ ୩ ଥର ରକ୍ତବାନ୍ତି ମଧ୍ୟ କରିଥିଲେ। ଶେଷରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ବାପା ରାମୁ ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, “ଏହି ଖବର ଆମ ପରିବାର ସଂପୂର୍ଣ୍ଣ ଭାବେ ଭାଙ୍ଗି ଦେଇଛି। କିନ୍ତୁ ଆମେ ତା’ର ଫିଲ୍ମ ଲାଷ୍ଟ ଫିଲ୍ମ ଶୋ’କୁ ଦେଖିବୁ। ଶୁଦ୍ଧିକ୍ରିୟା ଶେଷ ହେବା ପରେ ଆମେ ସମସ୍ତେ ଫିଲ୍ମକୁ ଦେଖିବୁ। ମୋର ୩ ପିଲାଙ୍କ ମଧ୍ୟରୁ ରାହୁଲ ବଡ଼। ଆମେ ଗରିବ। କିନ୍ତୁ ରାହୁଲର ସ୍ୱପ୍ନ ପୂରଣ କରିବାକୁ ଆମେ ଚେଷ୍ଟା କରିଥିଲୁ। ତା’ର ଚିକିତ୍ସା ପାଇଁ ମୁଁ ମୋର ଅଟୋ ମଧ୍ୟ ବିକି ଦେଇଥିଲି। ହେଲେ ଫିଲ୍ମ କୁ ଏକଥା ଜାଣିବା ପରେ ସେମାନେ ମୋତେ ଅଟୋ ପୁଣି ଆଣି ଦେଇଥିଲା।” ଲାଷ୍ଟ ଫିଲ୍ମ ଶୋ’ର ନିର୍ଦ୍ଦେଶକ ପାନ ନଳୀନ ମଧ୍ୟ ଏହି ଘଟଣାରେ ମର୍ମାହତ ହୋଇଛନ୍ତି। ସେ କହିଛନ୍ତି, ଆମେ ସମସ୍ତେ ପରିବାର ଲୋକଙ୍କ ସହ ରାହୁଲ ପାଖରେ ରହିଥିଲୁ। କିନ୍ତୁ ଶେଷରେ ତାଙ୍କୁ ରକ୍ଷା କରିବା ସମ୍ଭବ ହୋଇପାରିଲାନାହିଁ। ଏହାଠାରୁ ବଡ଼ ଦୁଃଖ ଖବର କିଛି ହୋଇ ନପାରେ। ସୂଚନାଯୋଗ୍ୟ, ଗୁଜରାଟୀ ଫିଲ୍ମ ଛେଲୋ ଶୋର ଇଂରାଜୀ ଟାଇଟଲ ହେଉଛି ଲାଷ୍ଟ ଫିଲ୍ମ ଶୋ’। ଆସନ୍ତାବର୍ଷ ମାର୍ଚ୍ଚ ମାସରେ ୯୫ତମ ଏକେଡେମୀ ପୁରସ୍କାର ଉତ୍ସବ (ଓସ୍କାର)ରେ ଏହି ଫିଲ୍ମ ସାମିଲ ହୋଇଛି। ବେଷ୍ଟ ଇଣ୍ଟରନ୍ୟାଶଲ ଫିଚର ଫିଲ୍ମ ବର୍ଗରେ ଛେଲୋ ଶୋ’କୁ ଚୟନ କରାଯାଇଛି। ଛେଲୋ ଶୋ’ ଆସନ୍ତା ଅକ୍ଟୋବର ୧୪ରେ ଇଂରାଜୀ ଭାଷାର ଟାଇଟଲ ‘ଲାଷ୍ଟ ଫିଲ୍ମ ଶୋ’ ନାଁରେ ସାରା ଦେଶର ଥିଏଟରରେ ମୁକ୍ତିଲାଭ କରିବ।

ଜୁନ ୨୦୨୧ରେ ଏହାର ବିଶ୍ୱ ପ୍ରିମିୟର ହୋଇଥିଲା। ପାନ ନଳୀନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଭବିନ ରାବରୀ, ଭବେଶ ଶ୍ରୀମାଲି, ରିଚା ମୀନା, ଦିପେନ ରାଭଲ ଓ ପରେଶ ମେହେଟ୍ଟା ପ୍ରମୁଖ ରହିଛନ୍ତି। ଛେଲୋ ଶୋ’ ହେଉଛି ଜଣେ ୯ ବର୍ଷର ଛୋଟ ପିଲାର ଜୀବନର କାହଣୀକୁ ନେଇ ଗତିଶୀଳ। ପିଲାଟି ଦିନରୁ ସିନେମା ପ୍ରତି ତା’ର ଅହେତୁକ ଆଗ୍ରହ ରହିଛି।

ସେ ଫିଲ୍କ ତିଆରି କରିବାକୁ ଲକ୍ଷ୍ୟ ନେଇ ଆଗକୁ ବଢୁଛି। ଏହି ସମୟରେ ତା’ ସହ କ’ଣ ସବୁ ଘଟୁଛି ଓ ସେ କେମିତି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚୁଛି, ସେସବୁ ସିନେମାରେ ନିର୍ଦ୍ଦେଶକ ଦେଖାଇବାକୁ ଚେଷ୍ଟା କରିଛନ୍ତି। ରୟ କପୁର ଓ ଅରେଞ୍ଜ ଷ୍ଟୁଡିୟ ପକ୍ଷରୁ ଫିଲ୍ମଟିକୁ ପ୍ରଯୋଜନା କରାଯାଇଛି।

# ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ଫ୍ରେଂଚ୍ ପ୍ରତିନିଧି ମଣ୍ଡଳ

ଭୁବନେଶ୍ୱର ,୧୩/୧୦ (ନି.ପ୍ର): କଲିକତାରେ ଥିବା କନସୋଲାଟ୍ ଜେନେରାଲ ଡେଡିଅର ତାଲ୍‌ପେନ୍ ଙ୍କ ନେତୃତ୍ୱରେ ଫ୍ରେଂଚ୍ ପ୍ରତିନିଧିମଣ୍ଡଳ ବୁଧବାର ପୂର୍ବାହ୍ନରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଲୋକସେବା ଭବନ ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଶିକ୍ଷାକ୍ଷେତ୍ରରେ ଓଡ଼ିଶା ଏବଂ ଫ୍ରାନ୍ସ ମଧ୍ୟରେ ଫ୍ରେଂଚ୍ ଏବଂ ଓଡ଼ିଆ ଭାଷାର ପ୍ରଚଳନ ଏବଂ ସାଂସ୍କୃତିକ କ୍ଷେତ୍ରରେ ଆଦାନ ପ୍ରଦାନ ଓ ଉନ୍ନତି ପାଇଁ ଆଲୋଚନା ହୋଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମ ଏବଂ ୫-'ଟି' ରୂପାନ୍ତରଣ କାର୍ଯ୍ୟକ୍ରମର ସେମାନେ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଫ୍ରେଂଚ୍ ଡେଲିଗେସନ୍‌ରେ ଆସିଥିବା ଏମାନୁଏଲ୍ ଲେବୁନ୍-ଡାମିଏନ୍‌ସ, ଫାତିହା କାମୋସି, ଆଲିଶଗନି ଓ ଅଞ୍ଜିତା ରାୟଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା ବିଦ୍ୟୁତ ଠିକା କର୍ମଚାରୀ ମହାସଂଘର ଗଣଧାରଣା

ଭୁବନେଶ୍ୱର ,୧୩/୧୦ (ନି.ପ୍ର): ୟୁନିଟ୍-୮ ସ୍ଥିତ ପାୱାରହାଉସ୍ ଅଫିସ୍ ସାମ୍ନାରେ ଅଲ୍ ଓଡ଼ିଶା ବିଦ୍ୟୁତ୍ ଠିକା କର୍ମଚାରୀ ମହାସଂଘର ଗଣଧାରଣା ବସିଛନ୍ତି। ମହାସଂଘର ୪ଦଫା ଦାବି ନେଇ ସରକାରଙ୍କୁ ଏବଂ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତି କରାଇବା ପରେ ମଧ୍ୟ ଦାବି ପୂରଣ ନ ହେବା ଯୋଗୁଁ ଆଜି ସାରା ଓଡ଼ିଶାରୁ ବିଦ୍ୟୁତ୍ ଠିକା କର୍ମଚାରୀମାନେ ରାଜଧାନୀରେ ଗଣଧାରଣା ଦେଇଛନ୍ତି। ଦୀର୍ଘ ୧୦ ରୁ ୧୨ ବର୍ଷ ହେଲା ଠିକା କର୍ମଚାରୀମାନେ ବିଭିନ୍ନ ଠିକାଦାରଙ୍କ ଅଧିନରେ ନିଯୁକ୍ତି ପାଇ ଖୁବ୍ କମ୍ ଦରମାରେ ଜନସାଧାରଣଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଆସୁଥିବା ବେଳେ ସରକାର ସେମାନଙ୍କ ଦୁଃଖ ଶୁଣୁ ନଥିବାରୁ ଆଜି ଧାରଣା ଦେବାକୁ ପଡ଼ିଲା ବୋଲି ବିଦ୍ୟୁତ୍ ଶ୍ରମିକମାନେ କ୍ଷୋଭର ସହିତ ପ୍ରକାଶ କରିଛନ୍ତି। ଠିକାଦାରମାନେ ଆମର ୧୦ ରୁ ୧୨ କୋଟି ଟଙ୍କା ଖାଇଦେଇଛନ୍ତି। ସେସୁ ଅଫିସର ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରା ହୋଇ ଆମ ପଇସା ଖାଇଛନ୍ତି। ଏଣିକି ଆମେ ଆଉ ପରିଶ୍ରମ କରି ଆମ ପଇସାକୁ ଠିକାଦାର ଓ ଅଫିସରମାନଙ୍କୁ ଖାଇବାକୁ ସୁଯୋଗ ଦେବୁନାହିଁ ବୋଲି ବିଦ୍ୟୁତ୍ ଶ୍ରମିକମାନେ ପ୍ରକାଶ କରିଛନ୍ତି। ସେମାନଙ୍କର ୪ଦଫା ଦାବିଗୁଡ଼ିକ ମଧ୍ୟରେ ସରକାର (୧) ଠିକାଦାରମାନଙ୍କୁ ଯେଉଁ ଟଙ୍କା ଦେଉଛନ୍ତି, ସେ ଟଙ୍କା ସିଧାସଳଖ ଆମକୁ ଦିଆଯାଉ। (୨) ଆମକୁ ସରକାରୀ ଚାକିରୀର ମାନ୍ୟତା ଦିଆଯାଉ (୩) ସମାନ କାମକୁ ସମାନ ଦରମା ପ୍ରଦାନ କରଯାଉ। (୪) ଶ୍ରମିକମାନଙ୍କୁ ସରକାର ଓଟିପିସିଡିଏଲ୍ ନିଜ ଅଧିନରେ ରଖନ୍ତୁ ଏବଂ ଶ୍ରମିକମାନଙ୍କୁ ନିୟମିତ କରାଯାଉ। ଆମ୍ଭେମାନେ ଏହି ୪ଟି ଦାବି ପୂରଣ ପାଇଁ ଦୀର୍ଘ ୬ ବର୍ଷ ହେଲା ପୂର୍ବରୁ ସେସୁ, ଗ୍ରୀଡ୍‌କୋ, ଓପିଟିସିଏଲ୍ ଓ ଏବେର ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ ଏପରିକି ସରକାରଙ୍କୁ ମଧ୍ୟ ଆମ ଦାବି ପ୍ରତି ବିଚାର କରିବା ପାଇଁ ଜଣାଇଥିଲେ ମଧ୍ୟ ତିନି ମାସ ଭିତରେ ଓ ଚାରି ମାସ ଭିତରେ କରିଦେବୁ କହି ବାରମ୍ବାର ପ୍ରତାରଣା ଦେଇଚାଲିଛନ୍ତି ଏବଂ ଏବେକାର ଟିପିସିଓଡିଏଲ୍ କର୍ତ୍ତୃପକ୍ଷ ଯଦି ଆମ ଦାବି ବିଚାର ନ କରନ୍ତି, ତେବେ ଆମେ ଦାବି ପୂରଣ ନ ହେବାଯାଏ ଧାରଣାରୁ ଉଠିବୁ ନାହିଁ ବୋଲି କହିଛନ୍ତି ମହାସଂଘର ସଭାପତି ଧୋବେଇ ସାହୁ। ସେହିପରି ଆମେ ଗ୍ରୀଡ୍‌କୋ, ସେସୁ ଅମଳରୁ କାମ କରିଆସୁଥିଲେ ମଧ୍ୟ କୌଣସି କର୍ତ୍ତୃପକ୍ଷ ଆମ କଥା ଶୁଣୁ ନଥିଲେ ଏପରି କି ଲେବର କମିଶନରଙ୍କ ପାଖରେ ଆମ ଚିଠି ବିଚାର ନ ହୋଇ ପଡ଼ିରହିଛି ଏବଂ କୌଣସି ସୁଫଳ ଆଜି ପର୍ଯ୍ୟନ୍ତ ମିଳିନଥିବାରୁ ଦୁଃଖ ପ୍ରକାଶ କରିବା ସଙ୍ଗେସଙ୍ଗେ ଯଦି ସରକାର ଆମ ଦାବି ନ ଶୁଣନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ଏବଂ ସାରା ଓଡ଼ିଶାରେ ବିଦ୍ୟୁତ୍ ଯୋଗାଣ ସମ୍ପୂର୍ଣ୍ଣ ଠପ କରିଦେବୁ ବୋଲି ଚେତାବନି ଦେଇଛନ୍ତି ମହାସଂଘର ସାଧାରଣ ସମ୍ପାଦକ ବିମଳ ଚନ୍ଦ୍ର ନାୟକ।

# ରାଜ୍ୟରେ ଆଜି ଦୈନିକ କରୋନା ସଂକ୍ରମଣ ଶହେ ତଳେ

ଭୁବନେଶ୍ୱର ,୧୩/୧୦ (ନି.ପ୍ର): ଆଜି ପୁଣି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଶହେ ତଳେ ରହିଛି। ଗତକାଲି ୧୦୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୭୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩୧ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧୦ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୧୭ଟି ଜିଲ୍ଲାରୁ ୭୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୨, ବରଗଡ଼ରୁ ୧, ବଲାଙ୍ଗୀରରୁ ୧, କଟକରୁ ୮ ଜଣ, ଦେବଗଡ଼ରୁ ୧, ଜଗତସିଂହପୁରରୁ ୫, ଯାଜପୁରରୁ ୨, ଝାରସୁଗୁଡ଼ାରୁ ୨, କଳାହାଣ୍ଡିରୁ ୨, ଖୋର୍ଦ୍ଧା ଜିଲ୍ଲାରୁ ୭, କୋରାପୁଟରୁ ୨, ନବରଙ୍ଗପୁରରୁ ୬, ନୟାଗଡ଼ରୁ ୨, ନୂଆପଡ଼ାରୁ ୨, ପୁରୀରୁ ୪, ସମ୍ବଲପୁରରୁ ୯ ଜଣ, ସୁନ୍ଦରଗଡ଼ରୁ ୨୦ ଜଣ ଓ ଷ୍ଟେଟପୁଲରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୩୫, ୨୩୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୩, ୨୫, ୩୮୧ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୫୯୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ବିଜେପି ମହିଳା ମୋର୍ଚ୍ଚା ତରଫରୁ ରାଜମାତା ବିଜୟାରାଜେ ସିନ୍ଧିଆଙ୍କ ଜନ୍ମ ଜୟନ୍ତୀ ପାଳିତ

ଭୁବନେଶ୍ୱର ,୧୩/୧୦ (ନି.ପ୍ର): ରାଜମାତା ସିନ୍ଧିଆ ଅନୁଶାସନ ଓ ବିଚାରଧାରାର ସଂସ୍କାର ଆଣିଥିଲେ। ଭାରତୀୟ ଜନତା ପାର୍ଟିର ମହିଳାମାନଙ୍କ ଭୂମିକାକୁ ଗୁରୁତ୍ୱରେ ଆଣିଥିବା ଓ ସମାଜରେ ମହିଳାଙ୍କୁ ପର୍ଦ୍ଦାରୁ ବାହାର କରି ମୁଖ୍ୟସ୍ରୋତରେ ଯୋଡି ସଶକ୍ତିକରଣ କରିବା ରାଜମାତାଙ୍କ ଅବଦାନ ଅତୁଳନୀୟ। ଯାହା ମହିଳାଙ୍କୁ ନେଇ ତାଙ୍କର ସ୍ୱପ୍ନ ଥିଲା ପରବର୍ତ୍ତୀ ସମୟରେ ବାଜପେୟୀଙ୍କ ସରକାରରେ ମହିଳା ସଶକ୍ତିକରଣ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ସାକାର ହେଲା। ମହିଳାମାନେ ରାଜନୈତିକ, ଆର୍ଥିକ, ସାମାଜିକ କ୍ଷେତ୍ରରେ କିପରି ସ୍ୱାବଲମ୍ବୀ ହେବେ ସେନେଇ ରାଜମାତା ସଦାସର୍ବଦା ଚେଷ୍ଟା କରୁଥିଲେ। ନିସ୍ୱାର୍ଥପରତା, ତ୍ୟାଗ ଓ ବଳୀଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ କାର୍ଯ୍ୟାଳୟଠାରେ ରାଜମାତା ସ୍ୱର୍ଗତଃ ବିଜୟରାଜେ ସିନ୍ଧିଆ ଜନ୍ମ ଜୟନ୍ତୀ ପାଳନ ଅବସରରେ ମତପ୍ରକାଶ ପାଇଛି।

ରାଜମାତା ସ୍ୱାଭାବରେ ଥିଲେ ଅତି ସରଳ। ରାଜମାତା ରାଜନୀତିରେ ଏକ ନୂଆ କିର୍ତ୍ତୀମାନ ସ୍ଥାପନା କରିଥିଲେ। ଭାରତୀୟ ଜନତାପାର୍ଟିର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆଜି ରାଜମାତା ବିଜୟାରାଜେ ସିନ୍ଧିଆଙ୍କ ୧୦୩ତମ ଜନ୍ମ ଜୟନ୍ତୀ। ରାଜମାତା ମଧ୍ୟପ୍ରଦେଶଠାରେ ୧୨ ଅକ୍ଟୋବର ୧୯୧୯ ମସିହାରେ ଜନ୍ମ ହୋଇଥିଲେ। ଶ୍ରୀମତୀ ସିନ୍ଧିଆ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା ସଦସ୍ୟା ଥିଲେ। ରାଜମାତାଙ୍କ ବିଚାରଧାରାକୁ ଆଦର୍ଶ ଭାବେ ଗ୍ରହଣ କରି କାର୍ଯ୍ୟ କରାଯାଉଛି। ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ଆୟୋଜନରେ ହୋଇଥିବା ଶ୍ରଦ୍ଧାଞ୍ଜଳୀ ସଭାରେ ମଂଚ ସଂଚାଳନ କରିଥିଲେ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଶ୍ରୀମତୀ କାନନବାଳା ପଟ୍ଟନାୟକ। ଏହି ଅବସରରେ ବରିଷ୍ଠ ନେତା ତଥା ବୁଦ୍ଧିଜୀବୀ ପ୍ରକୋଷ୍ଠ ସଂଯୋଜକ ସର୍ଜନ ଶର୍ମା, ପୂର୍ବତନ ସାଂସଦ ତଥା ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡା, ଅନିତା ଶୁଭଦର୍ଶୀନି ପଟ୍ଟନାୟକ, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ଡ.ଯତିନ ମହାନ୍ତି, ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଂପାଦିକା ଐଶ୍ୱର୍ଯ୍ୟା ବିଶ୍ୱାଳ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ନିୟତି ଗିରି, କସ୍ତୁରୀ ମିଶ୍ର, ମହିଳା ମୋର୍ଚ୍ଚା ସଂପାଦିକା ରଶ୍ମିରେଖା ଦାସ, ମହିଳାମୋର୍ଚ୍ଚ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମିମୟୀ ପଟ୍ଟନାୟକ, ଡ. ପ୍ରିତୀପ୍ରତିଭା ଭୋଳ, ଭୁବନେଶ୍ୱର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ମନ୍ଦାକିନି ପାତ୍ର ଓ ସାଧାରଣ ସଂପାଦିକା ଲିପା ଦାଶଙ୍କ ଅନ୍ୟାନ୍ୟ ବିଶିଷ୍ଟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କରିବ ରାସ୍ତାପାର୍ଶ୍ୱ କେନ୍ଦ୍ରର ରକ୍ଷଣାବେକ୍ଷଣା ଓ ପରିଚାଳନା

ଭୁବନେଶ୍ୱର ,୧୩/୧୦ (ନି.ପ୍ର): ରାଜ୍ୟର ବିଭିନ୍ନ ରାଜପଥ ଓ ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ପାର୍ଶ୍ୱରେ ସ୍ଥାପିତ ହୋଇଥିବା ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ରର ରକ୍ଷଣାବେକ୍ଷଣ ଓ ପରିଚାଳନା ସଂପୃକ୍ତ ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଫେଡେରେସନ୍ ମାଧ୍ୟମରେ କରାଯିବ। କେନ୍ଦ୍ରଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣା ବିଭାଗ ଦ୍ୱାରା ସଂପୃକ୍ତ ପରିଚାଳକ ସଂଘର ସକ୍ରିୟ ସହଯୋଗରେ ହେବ। ଆଜି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ମୁଖ୍ୟ ସଡ଼କ ପାର୍ଶ୍ୱରେ ୮୪ଟି ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ର ସ୍ଥାପନ କରାଯାଇଛି। ଏସବୁ କେନ୍ଦ୍ରରେ ଗାଡ଼ି ପାର୍କିଂ, ମହିଳା ଓ ପୁରୁଷ ଶୌଚାଳୟ, ପ୍ରସାଧନ ଓ ବସିବା ସ୍ଥାନ, ଚା, କଫି ଓ ଜଳଖିଆ ଆଦି ସ୍ଥାନ ନିର୍ମାଣ ହୋଇଛି। ତହିଁରୁ ୩୫ଟି କେନ୍ଦ୍ର ପର୍ଯ୍ୟଟନ ବିଭାଗ ଓ ୪୯ଟି କେନ୍ଦ୍ର ପୂର୍ତ୍ତ ବିଭାଗ ଜରିଆରେ ନିର୍ମାଣ କରାଯାଇଛି। ଏହାସହ ପ୍ରକୃତି ପର୍ଯ୍ୟଟନ-ସ୍ଥଳୀମାନଙ୍କରେ ଜଙ୍ଗଲ ଓ ପରିବେଶ ବିଭାଗ ମାଧ୍ୟମରେ ପର୍ଯ୍ୟଟନ ସୁବିଧା କେନ୍ଦ୍ର ନିର୍ମାଣ ହୋଇଛି। କେନ୍ଦ୍ରଗୁଡ଼ିକୁ ପର୍ଯ୍ୟଟକମାନଙ୍କ ପାଇଁ ଅଧିକ ସହଜ, ଆତିଥ୍ୟପୂର୍ଣ୍ଣ ଓ ନିରାପଦ କରାଯିବ। ଏଥିପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ପୂର୍ତ୍ତ, ପର୍ଯ୍ୟଟନ ଓ ମିସନ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଭ୍ରମଣକାରୀ ଓ ପର୍ଯ୍ୟଟକମାନେ ସାଧାରଣତଃ ଯିବାଆସିବା କରୁଥିବା ରାସ୍ତା ନିକଟସ୍ଥ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେସବୁର ସଂକ୍ଷିପ୍ତ ବିବରଣୀ ଭିତ୍ତିକ ତାଲିକା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି। ଏସବୁ ସୁନ୍ଦର ସ୍ଥାନର ମଧ୍ୟ ବିକାଶ ସହିତ ଛୋଟ ପାର୍କିଂର ବ୍ୟବସ୍ଥା ରହିଲେ ପର୍ଯ୍ୟଟକମାନେ ଦୀର୍ଘଯାତ୍ରାର କ୍ଲାନ୍ତିରୁ ବିରାମ ନେଇ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ଓଡ଼ିଶା ଭ୍ରମଣ ସେମାନଙ୍କ ପାଇଁ ଅଧିକ ଉପଭୋଗ୍ୟ ଓ ସ୍ମରଣୀୟ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

# ଭୁବନେଶ୍ୱରରେ ଡକ୍ଟର ରାମ ମନୋହର ଲୋହିଆଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବି

ଭୁବନେଶ୍ୱର ,୧୩/୧୦ (ନି.ପ୍ର): ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ପ୍ରଖର ସମାଜବାଦୀ ଚିନ୍ତାନାୟକ ଓ ଭାରତବର୍ଷରେ ସାମାଜିକ ନ୍ୟାୟ ଆନ୍ଦୋଳନର ଆଦ୍ୟ ବିନ୍ଧାଣୀ ଡକ୍ଟର ରାମ ମନୋହର ଲୋହିଆଙ୍କର ୫୫ତମ ଶ୍ରାଦ୍ଧବାର୍ଷିକୀ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି କାର୍ଯ୍ୟାଳୟ - ଲୋହିଆ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଅଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଏହି ମହା ସମାରୋହରେ ଭୁବନେଶ୍ୱରଠାରେ ଡକ୍ଟର ଲୋହିଆଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା, ରାଜ୍ୟ ପଛୁଆବର୍ଗ କମିଶନ ତୁରନ୍ତ ଓଡ଼ିଶାରେ ପଛୁଆବର୍ଗ ଜାତି ଜନଗଣନା ଆରମ୍ଭ କରିବା, ରାଜ୍ୟ ସରକାରଙ୍କ ପକ୍ଷରୁ ଆଗାମୀ ଦିନମାନଙ୍କରେ ବିଭିନ୍ନ ପର୍ଯ୍ୟାୟରେ ପୂରଣ ହେବାକୁ ଯାଉଥିବା ୨ଲକ୍ଷ ୨୬ ହଜାର ୫୩୧ ଖାଲି ପଦବୀରେ ୨୭ଭାଗ ସ୍ଥାନ ସଂରକ୍ଷଣ ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ରଖିବା, ମେଡିକାଲ୍, ଇଂଜିନିୟରିଂ ସମେତ ନାମ ଲେଖା କ୍ଷେତ୍ରରେ ପଛୁଆବର୍ଗ ଛାତ୍ରଛାତ୍ରୀଙ୍କୁ ୨୭ଭାଗ ସ୍ଥାନ ସଂରକ୍ଷଣ ଦେବାକୁ ବିଭିନ୍ନ ବକ୍ତାମାନେ ଦାବି କରିଥିଲେ। ଓଡ଼ିଶା ବିଧାନସଭା ପକ୍ଷରୁ ଗତବର୍ଷ ପଛୁଆବର୍ଗଙ୍କ ପାଇଁ ପାରିତ ହୋଇଥିବା ବିଧେୟକକୁ ତୁରନ୍ତ ଭାରତ ସରକାର ସମ୍ବିଧାନର ୯ମ ଅନୁଚ୍ଛେଦ ଅନ୍ତର୍ଭୁକ୍ତ କରିବାକୁ ସମାଜବାଦୀ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏହି ଉପଲକ୍ଷେ ପ୍ରକାଶିତ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି, ରାଜ୍ୟରେ ପଛୁଆବର୍ଗ ଦୀର୍ଘଦିନ ଧରି ନାମଲେଖା ଓ ନିଯୁକ୍ତି କ୍ଷେତ୍ରରେ ସେମାନଙ୍କର ସାମ୍ବିଧାନିକ ହକ୍‌ରୁ ବ୍‌ତ ହୋଇଆସୁଛନ୍ତି। ଫଳରେ ଏହି ବର୍ଗର ଛାତ୍ରଛାତ୍ରୀମାନେ ପ୍ରତିବର୍ଷ ହାରାହାରି ୫୫୦ଟି ମେଡିକାଲ୍ ସିଟ୍ ଓ ୨୫୦୦ ଇଂଜିନିୟରିଂ ସିଟ୍‌ରେ ନାମଲେଖାରୁ ବ୍‌ତ ହେବାରେ ଲାଗିଛନ୍ତି। ସେହିଭଳି ରାଜ୍ୟରେ ଖାଲିପଡ଼ିଥିବା ୨ଲକ୍ଷ ୨୬ ହଜାର ୫୩୧ଟି ପଦବୀରେ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ନିଯୁକ୍ତି ଦେବାପାଇଁ ଯୋଜନା କରୁଛନ୍ତି। ୨୭ ଭାଗ ସ୍ଥାନ ସଂରକ୍ଷଣ ନିଯୁକ୍ତି କ୍ଷେତ୍ରରେ ଲାଗୁ ନ ହେବା ଯୋଗୁଁ ରାଜ୍ୟର ପାଖାପାଖି ୩୫୬୬୧ଟି ପଦବୀ ହରାଇବାକୁ ଯାଉଛନ୍ତି। ଏଠାରେ ଉଲ୍ଲେଖଥାଉକି, ବର୍ତ୍ତମାନ ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ସରକାର ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ଦେଉଛନ୍ତି। ସ୍ୱାଧୀନତାର ଭାରତ ବର୍ଷରେ ଡକ୍ଟର ରାମ ମନୋହର ଲୋହିଆ ଥିଲେ ସାମାଜିକ ନ୍ୟାୟ ଆନ୍ଦୋଳନର ଅଗ୍ରଦୂତ। ତେଣୁ ତାଙ୍କର ୫୫ତମ ଶ୍ରାଦ୍ଧବାର୍ଷିକୀ ଦିବସରୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ରାଜ୍ୟରେ ପଛୁଆବର୍ଗଙ୍କର ଲଢେଇକୁ ଜୋର୍‌ଦାର କରିବା ପାଇଁ ସଂକଳ୍ପ ନେଇଛି। ଆଗାମୀ ଦିନରେ ରାଜ୍ୟର ଗାଁ ଗହଳିକୁ ଓବିସି ଆନ୍ଦୋଳନକୁ ନିଆଯିବ ବୋଲି ପାର୍ଟିର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ତାଙ୍କ ସଭାପତି ଅଭିଭାଷଣରେ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ମାନଗୋବିନ୍ଦ ନାଥ ମିଶ୍ର, ସୁରେଶ ତ୍ରିପାଠୀ, ବିଜୟ ବେହେରା, ବିଜୟ ଭୋଳ, ନାରୀନେତ୍ରୀ ରୀତା ପଟ୍ଟନାୟକ ଓ ଯୁବନେତା ଦୀପଦାସ ଯାଦବ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଶେଷରେ ଯୁବନେତା ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଏବେ ସୁଦ୍ଧା ୮୪ ଟି ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ର ସ୍ଥାପନ

## ରାସ୍ତା ପାର୍ଶ୍ୱ ସୁନ୍ଦରସ୍ଥାନ ଗୁଡ଼ିକର ଚିହ୍ନଟ ଓ ବିକାଶ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର ,୧୩/୧୦ (ନି.ପ୍ର): ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି କ୍ଷେତ୍ରରେ ଅନ୍ୟଏକ ପଦକ୍ଷେପ ଭାବେ ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ର ଗୁଡ଼ିକର ଉତମ ପରିଚାଳନା ଓ ରକ୍ଷଣାବେକ୍ଷଣ ନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଆଜି ରାଜ୍ୟ ଲୋକସେବା ଭବନ ସଭାଗୃହରେ ଏ ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ସେ ଏହି ନିର୍ଦ୍ଦେଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାପଡ଼ିଥିଲା ଯେ ରାଜ୍ୟର ବିଭିନ୍ନ ରାଜପଥ ଏବଂ ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ପାର୍ଶ୍ୱରେ ବର୍ତ୍ତମାନ ସୁଦ୍ଧା ୮୪ ଟି ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ର ସ୍ଥାପନ କରାଯାଇଛି। ଏସବୁ କେନ୍ଦ୍ରରେ ଗାଡି ପାର୍କିଂ, ମହିଳା ଓ ପୁରୁଷ ଶୌଚାଳୟ, ପ୍ରସାଧନ ସ୍ଥାନ, ବସିବା ସ୍ଥାନ, ଚା କଫି ଓ ଜଳଖିଆ ଆଦି ସ୍ଥାନ ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ୩୫ ଟି କେନ୍ଦ୍ର ପର୍ଯ୍ୟଟନ ବିଭାଗ ଏବଂ ୪୯ ଟି କେନ୍ଦ୍ର ପୂର୍ତ୍ତବିଭାଗ ମାଧ୍ୟମରେ ନିର୍ମାଣ କରାଯାଇଛି। ଏହାଛଡ଼ା ପ୍ରକୃତି ପର୍ଯ୍ୟଟନ-ସ୍ଥଳୀମାନଙ୍କରେ ଜଙ୍ଗଲ ଓ ପରିବେଶ ବିଭାଗମାଧ୍ୟମରେ ମଧ୍ୟ ପର୍ଯ୍ୟଟନ-ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି।

ବୈଠକରେ ମୁଖ୍ୟତଃ ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ରଗୃଡ଼ିକର ନିରନ୍ତର ପରିଚାଳନା ଏବଂ ସ୍ଥାନୀୟ ଲୋକଙ୍କ ସଂପୃକ୍ତି ଆଦିକୁ ବିଚାର କରି ସଂପୃକ୍ତ ବ୍ଲକ୍ ଓ ଗ୍ରାମ ପଂଚାୟତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଫେଡେରେସନ୍ ମାଧ୍ୟମରେ ଏହିସବୁ କେନ୍ଦ୍ରର ପରିଚାଳନା ନିମନ୍ତେ ନିତୀଗତ ନିଷ୍ପତି ନିଆଯାଇଥିଲା। କେନ୍ଦ୍ରଗୁଡ଼ିକର ମରାମତି ଏବଂ ରକ୍ଷଣାବେକ୍ଷଣ ବିଭାଗ ଦ୍ୱାରା ସଂପୃକ୍ତ ପରିଚାଳକ ସଂଘର ସକ୍ରିୟ ସହଯୋଗରେ କରାହେବ। କେନ୍ଦ୍ରଗୁଡ଼ିକୁ ପର୍ଯ୍ୟଟକମାନଙ୍କ ନିମନ୍ତେ ଅଧିକ ସହଜ, ଆତିଥ୍ୟପୂର୍ଣ୍ଣ ଏବଂ ନିରାପଦ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ପୂର୍ତ୍ତ, ପର୍ଯ୍ୟଟନ ଏବଂ ମିଶନଶକ୍ତି ବିଭାଗଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ଭ୍ରମଣକାରୀ ଏବଂ ପର୍ଯ୍ୟଟକମାନେ ସାଧାରଣତଃ ଯିବା ଆସିବା କରୁଥିବା ରାସ୍ତା ନିକଟସ୍ଥ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ସ୍ଥାନ ଗୁଡିକୁ ଚିହ୍ନଟ କରି ସେସବୁର ଏକ ସଂକ୍ଷିପ୍ତ ବିବରଣୀ ଭିତିକ ତାଲିକା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗ୍ରାମ ଉନ୍ନୟନ ଓ ପୂର୍ତ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସୁନ୍ଦର ସ୍ଥାନ ଗୁଡିକର ବିକାଶ ପାଇଁ ମଧ୍ୟ ନିଷ୍ପତି ହୋଇଥିଲା। ଶୌଚାଳୟ, ବସିଥିବା ସ୍ଥାନ ଏବଂ ଛୋଟ ପାର୍କିଂ ସ୍ଥାନ ଆଦିର ସୁବିଧା କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏହା କରାଗଲେ ପର୍ଯ୍ୟଟକମାନେ "ଦୀର୍ଘ ଯାତ୍ରାର କ୍ଲାନ୍ତିରୁ ସାମାନ୍ୟ ବିରାମ ନେଇ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିଦର୍ଶନ କରିପାରିବେ", ଏବଂ ଓଡ଼ିଶା ଭ୍ରମଣ ସେମାନଙ୍କ ପାଇଁ ଅଧିକ ଉପଭୋଗ୍ୟ ଓ ସ୍ମରଣୀୟ ହେବ ବୋଲି ଶ୍ରୀ ମହାପାତ୍ର କହିଥିଲେ। ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ମିଶନ ଶକ୍ତି ଶାସନ ସଚିବ ଶ୍ରୀମତୀ ସୁଜାତା କାର୍ତ୍ତିକେୟାନ୍, ପର୍ଯ୍ୟଟନ ନିର୍ଦ୍ଦେଶକ ସଚ୍ଚିନ୍ ରାମଚନ୍ଦ୍ର ଯାଦବଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସୋଆର ୧୬ ଗବେଷକ

ଭୁବନେଶ୍ୱର ,୧୩/୧୦ (ନି.ପ୍ର): ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ୧୬ ଜଣ ବିଶିଷ୍ଟ ଗବେଷକ ସ୍ଥାନ ପାଇଛନ୍ତି। ୨୦୨୨ ନିମନ୍ତେ ଆମେରିକାର ପ୍ରତିଷ୍ଠିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ବୈଜ୍ଞାନିକମାନଙ୍କ ତାଲିକାରେ ସୋଆର ଏହି ଗବେଷକମାନେ ଅଛନ୍ତି। ତେବେ ୨୦୨୧ରେ ୧୩ ଜଣ ଗବେଷକ ଏହି ତାଲିକାରେ ସ୍ଥାନ ପାଇଥିଲେ। ତେବେ ଏମାନଙ୍କ ମଧ୍ୟରୁ ଗତ ତିନି ବର୍ଷ ଧରି ଏହି ତାଲିକାରେ ନିଜ ନିଜ ସ୍ଥାନ ବଜାୟ ରଖିଥିବା ଗବେଷକମାନେ ହେଲେ ବିଶିଷ୍ଟ ସ୍ନାୟୁ ଶଲ୍ୟ ବିଶେଷଜ୍ଞ ତଥା ବର୍ତ୍ତମାନ ସୋଆର କୁଳପତି ପ୍ରଫେସର ଅଶୋକ କୁମାର ମହାପାତ୍ର, ପ୍ରଫେସର ପ୍ରଦୀପ୍ତ କିଶୋର ଦାଶ, ପ୍ରଫେସର କୁଳମଣି ପରିଡ଼ା, ପ୍ରଫେସର ଲାଲା ବିହାରୀ ଶୁକ୍ଳା, ପ୍ରଫେସର ଆର.ଏନ୍.ପି. ଚୌଧୁରୀ, ପ୍ରଫେସର ଗୌତମ ରଥ, ପ୍ରଫେସର ନିହାରବାଳା ଦେବୀ, ଡଃ ମନୋଜ କୁମାର ନାୟକ ଓ ଡଃ ସତ୍ୟ ରଞ୍ଜନ ମିଶ୍ର। ସେହିପରି ୨୦୨୧ ତାଲିକାରେ ସ୍ଥାନ ପାଇଥିବା ସୋଆର ଗବେଷକ ଡଃ ମନୋହର ମିଶ୍ର, ଡଃ ରାଜଶ୍ରୀ ଦାଶ ଏବଂ ଡଃ ସୁଲଗ୍ନା ପଟ୍ଟନାୟକ ଚଳିତବର୍ଷ ଏହି ତାଲିକାରେ ସ୍ଥାନିତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏମାନଙ୍କ ସହିତ ଅନ୍ୟ ଚାରି ଜଣ ଗବେଷକ ପ୍ରଫେସର ରବୀନ୍ଦ୍ରନାଥ ପାଢ଼ୀ, ପ୍ରଫେସର ବିନୋଦ କୁମାର ସାହୁ, ଡ. ସୁସଂଗିନୀ ନାୟକ ଓ ଡ. ଦୀପ୍ତିପ୍ରଭା ସାହୁ ପ୍ରଥମ ଥର ପାଇଁ ଏହି ସମ୍ମାନ ପାଇଛନ୍ତି। ପ୍ରଫେସର ରାଜଶ୍ରୀ ଦାଶ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ ପ୍ରଫେସର ଭାବେ କାର୍ଯ୍ୟରତ ଥିବା ବେଳେ ଡ. ମିଶ୍ର ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟ କରନ୍ତି। ଡଃ ପଟ୍ଟନାୟକ ଆଇଟିଇଆରର ଜଣେ ପୂର୍ବତନ ରିସର୍ଚ୍ଚ ସ୍କଲାର। ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ଏହି ସମ୍ମାନଜନକ ତାଲିକାରେ ସ୍ଥାନ ପାଇଥିବା ଯୋଗୁଁ ସମସ୍ତ ୧୬ ଜଣ ଗବେଷକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ରହିଥିବା ଗବେଷଣା କାର୍ଯ୍ୟକୁ ଏହି ସମ୍ମାନ ଅଧିକ ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି। ଚଳିତବର୍ଷ ଏହି ତାଲିକାରେ ସ୍ଥାନ ପାଇଥିବା ପ୍ରଫେସର ଅଶୋକ କୁମାର ମହାପାତ୍ର ଜାତୀୟ ସ୍ତରରେ ଜଣେ ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ହୋଇଥିବା ବେଳେ ପ୍ରଫେସର ପ୍ରଦୀପ୍ତ କିଶୋର ଦାଶ ଶକ୍ତି କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ଗବେଷକ। ପ୍ରଫେସର ପରିଡ଼ା ଏବଂ ପ୍ରଫେସର ଶୁକ୍ଳା ଯଥାକ୍ରମେ ଫିଜିକାଲ୍ କେମିଷ୍ଟ୍ରି ଓ ମାଇନିଂ ଆଣ୍ଡ ମେଟାଲର୍ଜି କ୍ଷେତ୍ରରେ ଗବେଷଣାରତ। ପ୍ରଫେସର ଚୌଧୁରୀ ଆପ୍ଲାଏଡ୍ ଫିଜିକ୍ସ ଏବଂ ପ୍ରଫେସର ଦେବୀ ମାଇନିଂ ଆଣ୍ଡ ମେଟାଲର୍ଜି କ୍ଷେତ୍ରରେ ଗବେଷଣା ଜାରି ରଖିଛନ୍ତି। ଗବେଷଣାକୁ ଅଧିକ ଗୁରୁତ୍ୱ ଦେଉଥିବା ସୋଆରେ ୧୬ଟି ଗବେଷଣା କେନ୍ଦ୍ର ଏବଂ ୫୮ଟି ଗବେଷଣା ଲାବୋରାଟୋରି ରହିଛି।

# ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ମାମଲାରେ ମନ୍ତ୍ରୀ ସମୀର ଦାଶଙ୍କ ଇସ୍ତଫା ଦାବି କଲା ବିଜେପି ବୁଦ୍ଧିଜୀବି ପ୍ରକୋଷ୍ଠ

ଭୁବନେଶ୍ୱର ,୧୩/୧୦ (ନି.ପ୍ର): ବିଜେଡି ନେତା ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ମାମଲାରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ଇସ୍ତଫା ଦାବିରେ ବିଜେପି ବୁଦ୍ଧିଜୀବୀ ପ୍ରକୋଷ୍ଠ ପକ୍ଷରୁ ଗଭର୍ଣ୍ଣର ହାଉସ ଛକ ନିକଟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦିଆଯାଇଛି। ବିଜେପିର ବରିଷ୍ଠ ନେତା ତଥା ବୃଦ୍ଧିଜୀବୀ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ସର୍ଜନ ଶର୍ମା କହିଛନ୍ତି ବହୁଚର୍ଚ୍ଚିତ ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ପାରିବାରିକ ଅଶାନ୍ତି ଏବଂ ତାଙ୍କ ଆତ୍ମହତ୍ୟା ପାଇଁ ରାଜ୍ୟର ଶିକ୍ଷାମନ୍ତ୍ରୀ ସମୀର ଦାଶ ଦାୟୀ ବୋଲି ମୃତ୍ୟୁ ପୂର୍ବରୁ ସ୍ୱର୍ଗତଃ ସାହୁ ନିଜେ କହିଛନ୍ତି। ଏ ସଂପର୍କରେ ସ୍ୱର୍ଗତଃ ସାହୁଙ୍କ ଏକ ଅଡିଓ ଭାଇରାଲ ମଧ୍ୟ ହୋଇଛି। କ୍ଷମତା ଓ ପୋଲିସର ଅପବ୍ୟବହାର କରି ସମସ୍ତ ତଥ୍ୟ ଓ ପ୍ରମାଣ ନଷ୍ଟ କରାଯାଉଛି। ପୋଲିସ ହେପାଜତରେ ଥିବା ସତ୍ୱେ ସ୍ୱର୍ଗତଃ ସାହୁଙ୍କ ଜବତ ହୋଇଥିବା ମୋବାଇଲରୁ ଆପେ ଆପେ ପୋଷ୍ଟ ଡିଲିଟ୍ ହୋଇଯିବା ତଦନ୍ତର ନିରପେକ୍ଷତାକୁ ନେଇ ବିରାଟ ସନ୍ଦେହ ସୃଷ୍ଟି ହୋଇଛି। ଐତିହ୍ୟ, ଭାଷା, ସାହିତ୍ୟ ପାଇଁ ବିଶ୍ୱ ଦରବାରରେ ବଳିଷ୍ଠ ପରିଚୟ ସୃଷ୍ଟି କରି ଗୌରବ ହାସଲ କରିଥିବା ସମଗ୍ର ଓଡିଆ ଜାତି ଆଜି ଭାରତ ତଥା ବିଶ୍ୱରେ ଲଜ୍ଜିତ ଓ ନିନ୍ଦିତ ହୋଇଛି ବୋଲି ଶ୍ରୀ ଶର୍ମା କହିଛନ୍ତି। ଦୀର୍ଘ ୨୩ ବର୍ଷ ଧରି ଶାସନ କ୍ଷମତାରେ ଥିବା ଶାସକ ବିଜେଡିର ନେତା ଓ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଏବଂ ପୃଷ୍ଠପୋଷକତାରେ ବିଭିନ୍ନ ଅପରାଧ ସଙ୍ଗଠିତ ହେଉ ନାହିଁ କି? ନିଜ ନିର୍ମଳ ଭାବମୂର୍ତ୍ତି ପାଇଁ ସଚେତନ ମୁଖ୍ୟମନ୍ତ୍ରୀ ଅଭିଯୁକ୍ତ ମନ୍ତ୍ରୀମାନଙ୍କୁ ସୁରକ୍ଷା ଯୋଗାଉଛନ୍ତି କାହିଁକି? ଛାତ୍ରଛାତ୍ରୀ, ଅଭିଭାବକ ଏବଂ ବୁଦ୍ଧିଜୀବୀମାନେ ଏଭଳି ଘଟଣାକୁ ନେଇ ଚିନ୍ତିତ ଥିବାବେଳେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇନଥିବା ଅଭିଯୁକ୍ତ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନିଜ ମନ୍ତ୍ରୀମଣ୍ଡଳରୁ ତୁରନ୍ତ ବିଦା କରିବା ଉଚିତ୍ ବୋଲି ଶ୍ରୀ ଶର୍ମା କହିଛନ୍ତି। ଏହି ପରିପ୍ରେକ୍ଷୀରେ ଲୁଣ୍ଠିତ ଗୌରବକୁ ଫେରାଇ ଆଣିବା ପାଇଁ ଗଭର୍ଣ୍ଣର ହାଉସ ଛକ ନିକଟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଆଜି ଧାରଣା ଦେଇଛନ୍ତି। ଏହି ଧାରଣାରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଦର୍ଶନ ନାୟକ, ଅବସରପ୍ରାପ୍ତ ଶିକ୍ଷା ବିଭାଗ ନିର୍ଦ୍ଦେଶକ ତଥା ବିଜେପି ବାର୍ତ୍ତା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, କୃଷକ ମୋର୍ଚ୍ଚା ମିଡିଆ କୋଡିନେଟର ହିତେଶ ମହାପାତ୍ର, ଦୀପେନ୍ଦ୍ର ଝା, ଡ.ରାଧାନାଥ ପ୍ରହରାଜ, ଜୟପ୍ରକାଶ ମିଶ୍ର, କିଶୋର ଜେନା, ଅଜିତ୍ କୁମାର ଦାସ, ଉପେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅସୁସ୍ଥ ଭାରତର ଭବିଷ୍ୟତ

(ପୃଷ୍ଠା-୪ର ଅବଶିଷ୍ଟାଂଶ)ଶିଶୁ ଟୀକାକରଣରେ ଭାରତରେ ୭୬ ପ୍ରତିଶତ ଶିଶୁ ଟୀକା ନେଇଛନ୍ତି । ସେମିତି ୧୨ ଅକ୍ଟୋବର ୨୦୨୨ ସୁଦ୍ଧା ଦେଶରେ କୋରୋନା ଟୀକାକରଣ ୨୧୯.୯କୋଟି (୨୧୯,୦୯,୬୯,୫୭୨) ରେ ପହଞ୍ଚିଛି । ଦେଶରେ ୫୦୦୦ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଥିଲା ବେଳେ ତନ୍ମଧ୍ୟରେ ୪୦୦୦ ଷ୍ଟାର୍ଟଅପ୍ ରହିଛନ୍ତି । ବିଶ୍ୱର ଚିକିତ୍ସା କ୍ଷେତ୍ରରେ ହେଉଥିବା ଗବେଷଣା ନିବନ୍ଧ ମଧ୍ୟରୁ ୭.୭ ପ୍ରତିଶତ (୩୮,୫୯୫) ଭାରତରେ ପ୍ରକାଶ ପାଇଥାଏ ।

ଭାରତର ଆଧୁନିକ ସ୍ୱାସ୍ଥ୍ୟ ଗବେଷଣାର ଇତିହାସ ପ୍ରାୟ ୪୦ ବର୍ଷରୁ କିଛି ଅଧିକ କାଳର । ୧୯୭୮ରେ ବେସରକାରୀ ସଂସ୍ଥା ବାଇଓକନ୍ ସର୍ବପ୍ରଥମେ ବେଙ୍ଗାଲୁରୁଠାରେ ଆରମ୍ଭ ହୋଇଥିଲା । ୧୯୮୧ରେ ସିଏସ୍ଆଇଆର ପକ୍ଷରୁ ହାଇଦ୍ରାବାଦରେ ସେଣ୍ଟର ଫର ସେଲୁଲାର ଏଣ୍ଡ ମୋଲେକ୍ୟୁଲାର ବାଇଓଲୋଜି ଖୋଲିଥିଲା । ୧୯୮୪ରେ ଚଣ୍ଡିଗଡଠାରେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଇକ୍ରୋବିଆଲ୍ ଟେକ୍ନୋଲୋଜି ସ୍ଥାପନା ହୋଇଥିଲା । ୧୯୮୬ରେ ଭାରତ ସରକାର ଏକ ମନ୍ତ୍ରଣାଳୟ ଡିପାର୍ଟମେଣ୍ଟ ଅଫ୍ ବାଇଓ ଟେକ୍ନୋଲୋଜି ଖୋଲିଥିଲେ । ୧୯୯୪ରେ ଦେଶର ପ୍ରଥମ ସ୍ୱାସ୍ଥ୍ୟ ଗବେଷଣା ଅନୁଷ୍ଠାନ ସିନ୍‌ଜେନ ଗବେଷଣା ଓ ବିକାଶ କ୍ଷେତ୍ରରେ କାର୍ଯ୍ୟାରମ୍ଭ କଲା । ୧୯୯୭ରେ ସେଣ୍ଟର ଫର ବାଇଓଲୋଜିକାଲ ଟେକ୍ନୋଲୋଜି ସ୍ଥାପିତ ହୋଇଥିଲା,ଯାହା ଜେନୋମିକ୍ସ ଏବଂ ବାଇଓଇନଫରମାଟିକ୍ସ କ୍ଷେତ୍ରରେ କାର୍ଯ୍ୟକଲା । ୨୦୧୧ରେ ବାଇଓଟେକ୍ନୋଲୋଜି ଇଣ୍ଡଷ୍ଟ୍ରୀ ରିସର୍ଚ୍ଚ ଆସିଷ୍ଟାନ୍ସ କାଉନ୍‌ସିଲ ଗଠିତ ହେଲା । ୨୦୦୭ରେ ନେସ୍‌ନାଲ ବାଇଓଟେକ୍ନୋଲୋଜି ଡେଭଲପମେଣ୍ଟ ଷ୍ଟ୍ରାଟେଜୀ ଆରମ୍ଭ ହୋଇଥିଲା । ଲକ୍ଷ୍ନୌରେ ବାଇଓଟେକ୍ ପାର୍କ ଖୋଲିଥିଲା । ୨୦୦୯ରେ ନେସନାଲ ବାଇଓଟେକ୍ନୋଲୋଜି ରେଗୁଲେଟୋରୀ ଅଥରିଟୀ ବିଲ୍ ଅଣାଯାଇ ବାଇଓଟେକ୍ନୋଲୋଜୀ ଇଣ୍ଡଷ୍ଟ୍ରୀ ପାର୍ଟନରସିପ୍ ପ୍ରୋଗ୍ରାମ ଆରମ୍ଭ କରାଯାଇଥିଲା ।୨୦୧୦ରେ କାଡିଲା ହେଲ୍‌ଥକେୟାର, ସେରମ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ଏବଂ ଭାରତ ବାଇଓଟେକ୍ ପକ୍ଷରୁ ସ୍ୱାଇନ ଫ୍ଲୁ ପାଇଁ ଏଚ୍୧ଏନ୍୧ଟୀକା ଉତ୍ପାଦନ କରାଗଲା । ୨୦୧୨ରେ ଚିକିତ୍ସା- ଗବେଷଣା କ୍ଷେତ୍ରରେ ଭାରତ ୧୨ ସ୍ଥାନ ଦଖଲ କଲା । ଜାପାନ ଓ କୋରିଆପରେ ଏସିଆ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଭାରତ ତୃତୀୟ ସ୍ଥାନରେ ରହିଲା । ୨୦୧୩ରେ ହେପାଟାଇଟିସ୍ ଟୀକା ପ୍ରସ୍ତୁତିରେ ଭାରତ ସମସ୍ତଙ୍କଠାରୁ ଆଗରେ ରହିଲା ।୨୦୧୫ରେ ଭାରତକୁ ବାଇଓଟେକ୍ ବା ଚିକିତ୍ସା ଗବେଷଣା ଜ୍ଞାନ କୌଶଳ କ୍ଷେତ୍ରରେ ଅଗ୍ରଣୀ ହେବାପାଇଁ ପଞ୍ଚବାର୍ଷିକ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ୨୦୧୬ରେ ରେଜିଓନାଲ ସେଣ୍ଟର ଫର ବାଇଓଟେକ୍ନୋଲୋଜି ବିଲ୍ ଗୃହୀତ ହେବା ସହ ରାଷ୍ଟ୍ରୀୟ ବୌଦ୍ଧିକ ସ୍ୱତ୍ତ୍ୱ ଅଧିକାର ନୀତି କାର୍ଯ୍ୟକଲା । ୨୦୧୮ରେ ମାଲେସିଆକୁ ୬୮.୪୩ ମିଲିଅନ ଡଲାର ମୂଲ୍ୟର ଇନ୍‌ସୁଲିନ ତିନିବର୍ଷ ଯୋଗାଣ ପାଇଁ ବାଇଓକନ୍ ଆଦେଶ ଲାଭ କଲା । ୨୦୨୦ରେ ଚିକିତ୍ସାକୁ ଅର୍ଥନୀତିର ଅବଦାନ ଜିଡିପିର ୨.୭ ପ୍ରତିଶତ ଛୁଇଁଲା । ୨୦୨୫ ସୁଦ୍ଧା ଦେଶର ସ୍ୱାସ୍ଥ୍ୟ ସେବା, ପୁଷ୍ଟିକର ଖାଦ୍ୟ, ପ୍ରଦୂଷଣମୁକ୍ତ ଶକ୍ତି ଏବଂ ଶିକ୍ଷା କ୍ଷେତ୍ର ୧୦୦ ବିଲିଅନରେ ପହଞ୍ଚିବ ବୋଲି ଜଣାପଡିଛି । ତେବେ ଅସୁସ୍ଥ ଭାରତକୁ ସୁସ୍ଥ କରିବାକୁ ଗ୍ରାମାଞ୍ଚଳ କ୍ଷେତ୍ରରେ ଅଧିକରୁ ଅଧିକ ସ୍ୱାସ୍ଥ୍ୟସେବାର ସୁବିଧା ପହଞ୍ଚାଇବାକୁ ବହୁତ କିଛି କାର୍ଯ୍ୟ କରିବାକୁ ହେବ । ଦେଶର କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଏଥିପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟକରିବା ଦରକାର, ନଚେତ ସଂଖ୍ୟାଧିକ ରୋଗୀଙ୍କ ବୋଝ ଦେଶର ଅର୍ଥନୀତିକୁ ଦୁର୍ବଳ କରିବ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ଗାନ୍ଧୀ ଶିଳ୍ପ ବଜାର - ୨୦୨୨ ଉଦ୍‌ଘାଟିତ

ରାଉରକେଲା,୧୩/୧୦(ନି.ପ୍ର): ଓଡ଼ିଶା ସରକାରଙ୍କ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଏବଂ ରାଜ୍ୟ ହସ୍ତଶିଳ୍ପ ନିଗମ ଲିମିଟେଡ୍ (ଉତ୍କଳିକା) ଦ୍ୱାରା ବିକାଶ ଆୟୁକ୍ତ, ନୂଆଦିଲ୍ଲୀ ସହାୟତାରେ ଭଞ୍ଜଭବନ ପ୍ରଦର୍ଶନୀ ପଡ଼ିଆରେ ସର୍ବଭାରତୀୟ ପ୍ରତର୍ଶନୀ 'ଗାନ୍ଧୀ ଶିଳ୍ପ ବଜାର-୨୦୨୨' ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ହସ୍ତତନ୍ତ ବୟନ ଓ ହସ୍ତତନ୍ତ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଛନ୍ତି । ରାଉରକେଲା ବିଧାୟକ ତଥା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ ଓ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମ୍ବଲପୁର ହସ୍ତଶିଳ୍ପ ବିକାଶ ଆୟୁକ୍ତର ସହକାରୀ ନିର୍ଦ୍ଦେଶକ ଶୈଳଜା, ସୁନ୍ଦରଗଡ଼ର ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରବିଣା ନାୟକ, ଉତ୍କଳିକାର ଶାଖା ପରିଚାଳକ ତଥା ଗାନ୍ଧୀ ଶିଳ୍ପ ବଜାରର ନୋଡାଲ୍ ଅଧିକାରୀ ମିହିର କୁମାର ଲେଙ୍କା ଉତ୍ସବରେ ଉପସ୍ଥିତ ଥିଲେ । ଅତିଥିବୃନ୍ଦ ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରିବା ସହିତ ଶିଳ୍ପୀ ଓ କାରିଗରଙ୍କ ସହିତ ଆଲୋଚନା କରିଥିଲେ । ଏହି ପ୍ରଦର୍ଶନୀ ଆସନ୍ତା ୨୧ ତାରିଖ ଯାଏଁ ଚାଲିବ । ଏଥିରେ ପ୍ରାୟ ୭ଟି ରାଜ୍ୟରୁ ୧୦୦ ଜଣ ଶିଳ୍ପୀ ଓ ହସ୍ତତନ୍ତ କାରିଗର ଅଂଶଗ୍ରହଣ କରି ସେମାନଙ୍କ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରୟ କରିବେ ବୋଲି ସୂଚନା ଦିଆଯାଇଛି । ମହାରାଷ୍ଟ୍ର, ଆସାମ, ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଝାରଖଣ୍ଡ ଓ ଓଡ଼ିଶାର ବିଭିନ୍ନ ପ୍ରକାରର ହସ୍ତଶିଳ୍ପ, ହସ୍ତତନ୍ତ ସାମଗ୍ରୀ ଯଥା-ପଥର ଖୋଦେଇ, କାଠ ଖୋଦେଇ, ସବାଇ ଘାସ, ସୁନେଲି ଘାସ ଆସିର ଜିନିଷ, କଣ୍ଢେଇ, ଚାନ୍ଦୁଆ, ପଟ୍ଟଚିତ୍ର, ରୂପା, ତାରକସି, ଆସିବାସୀ ଅଳଂକାର, ଶିଙ୍ଗ, ବାଉଁଶ, ବେତ ଓ କତାର ଜିନିଷ, ତାଳପତ୍ର ଖୋଦେଇ ଜିନିଷ, ଲାଖ, ସାମୁକା ଜିନିଷ, ରାଜସ୍ଥାନୀ ଚିତ୍ରଶିଳ୍ପ ଆଦି ଜିନିଷ ଉକ୍ତ ପ୍ରଦର୍ଶନୀତରେ ଉପଲବ୍ଧ ହେବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବହୁଚର୍ଚ୍ଚିତ କର୍ଣ୍ଣାଟକ ହିଜାବ....

ପ୍ରଥମେ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମୁସଲିମ୍ ଛାତ୍ରୀ । ହିଜାବର ସମର୍ଥନ କରୁଥିବା ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ଦୁଷ୍ୟନ୍ତ ଦୁବେ, ସଲମାନ ଖୁର୍ସିଦ, ହୁଜୈଫା ଅହମ୍ମଦୀ, ଦେବଦତ କାମତ ଓ ସଂଜୟ ହେଗଡେଙ୍କ ମଧ୍ୟରେ ଖୁବ୍ ତର୍କ ହୋଇଥିଲା । ସୁପ୍ରିମକୋର୍ଟରେ ଦୁଇ ବିଚାରପତିଙ୍କ ମଧ୍ୟରେ ମତଭେଦ ପରେ ହିଜାବ ପାଇଁ ଲଢ଼େଇ ଆହୁରି ଲମ୍ବା ହୋଇଯାଇଚି । ଏବେ ଏହି ମାମଲାର ଶୁଣାଣି ବୃହତ ଖଣ୍ଡପୀଠରେ ହେବ । ନୂଆ ଖଣ୍ଡପୀଠ ହିଜାବ ଉପରେ ନୂଆ କରି ଶୁଣାଣି କରିବେ, କାରଣ ବୃହତ ଖଣ୍ଡପୀଠରେ ଅଲଗା ଅଲଗା ବିଚାରପତି ରହିବେ । ତେବେ କେଉଁ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ, ତାହା ସିଜେଆଇ ହିଁ ସ୍ଥିର କରିବେ ।

## ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକୁ ନେଇ ଭକ୍ତଙ୍କ ଆବେଗ

ପୁରୀ,୧୩/୧୦(ନି.ପ୍ର): କୋଟି ବ୍ରହ୍ମାଣ୍ଡର ନାଥ ଶ୍ରୀଜଗନ୍ନାଥ । ସନାତନ ଧର୍ମର ପାବନ କ୍ଷେତ୍ର ଶ୍ରୀକ୍ଷେତ୍ର । ସୌନ୍ଦର୍ଯ୍ୟମୟ ଶ୍ରୀମନ୍ଦିରକୁ ଦେଖି ଭକ୍ତ ବିମୋହିତ ହେଉଛନ୍ତି । ଭକ୍ତର ଭାବରେ କାଳିଆ ବନ୍ଧା । ଶ୍ରୀମନ୍ଦିରର ନିର୍ମାଣ ଶୈଳୀ ବିଶ୍ୱରେ ଅନନ୍ୟ । ସମୁଦ୍ରକୂଳ ବାଲିସ୍ତୁପରେ ୧୨୦ ଫୁଟରୁ ଉର୍ଦ୍ଧ୍ୱ ଶ୍ରୀମନ୍ଦିର ନିର୍ମାଣ ସମୟରେ କେତେ ଜ୍ଞାନ ଓ ବୁଦ୍ଧି ପ୍ରୟୋଗ କରାଯାଇଥିଲା ତାହା ଭାବିବା ମୁସ୍କିଲ । ବିନା ସିମେଂଟରେ ଓ ଖାଲି ପଥରରେ ଖଞ୍ଜାଯାଇ କିପରି ଏତେବଡ଼ ମନ୍ଦିର ନିର୍ମାଣ ହେଲା ତାହା ଏବେ ବି ରହସ୍ୟ ଘେରରେ ରହିଛି । ଭକ୍ତମାନେ କହୁଛନ୍ତି ପୂର୍ବରୁ ଶ୍ରୀମନ୍ଦିରରେ ଚୂନ ପ୍ରଲେପ ଥିଲା ତାହା ବର୍ଷା,ଝଡ଼,ବାତ୍ୟା,ଲୁଣି ପବନକୁ ପ୍ରତିରୋଧ କରି ମନ୍ଦିରର ସ୍ଥାୟୀତ୍ୱକୁ ବଜାୟୀ ରଖିଥିଲା । ସମୁଦ୍ରକୂଳର ଲୁଣି ପବନ ପଥରକୁ ବି ଖଣ୍ଡ ଖଣ୍ଡ କରି ଦେବାର ଶକ୍ତି ରହିଛି । ସେତେବେଳର ମନ୍ଦିର ସ୍ଥପତି ବହୁ ଜ୍ଞାନ ପ୍ରୟୋଗ କରି ଏହି ମନ୍ଦିର ନିର୍ମାଣ କରିଛନ୍ତି ତାହା ବର୍ତ୍ତମାନ ସମୟରେ ନିର୍ମାଣ କରିବା ବଡ଼ କଷ୍ଟକର କାର୍ଯ୍ୟ ବୋଲି ସ୍ଥପତିମାନେ କହୁଛନ୍ତି । ଚୂନ ଛଡ଼ାଯିବା ପରେ ବାରମ୍ବାର ମନ୍ଦିରରେ ଲିହଣ ମାଡ଼ ଓ ବର୍ଷ ବର୍ଷ ଧରି ଲୁହା ବାଡ଼ ଘେରାଯାଇ ମନ୍ଦିରକୁ ଖୋଳି ଖୋଳି ଦୁର୍ବଳ କରାଯାଇଥିବା ଅଭିଯୋଗ ହେଉଛି । ପୂର୍ବରୁ ଚୂନ ପ୍ରଲେପ ଥାଇ ମନ୍ଦିର ଦୂରକୁ ଚମତ୍କାର ଦେଖାଯାଉଥିବା ବେଳେ ବର୍ତ୍ତମାନର ମନ୍ଦିର କେବଳ ଅଁଳା ବେଢାକୁ ଛାଡ଼ି କଳା କଳା ଦେଖାଯାଉଛି । କୋଣାର୍କ ମନ୍ଦିରର କାରୁକାର୍ଯ୍ୟ କମ ଉଚ୍ଚତାରେ ହୋଇଥିବାରୁ ଦର୍ଶକ ତାହା ଦେଖି ପାରୁଛି । କିନ୍ତୁ ଶ୍ରୀମନ୍ଦିର ଉପର ଭାଗରେ ଥିବା କାରୁକାର୍ଯ୍ୟ ଖାଲି ଆଖିରେ ଦେଖିବା କଷ୍ଟ ସାଧ । ପୂର୍ବରୁ ଥିବା ଆର୍ଥିଂ ତାର ମନ୍ଦିରକୁ ସୁରକ୍ଷା ଯୋଗାଉଥିବା ବେଳେ ବର୍ତ୍ତମାନ ବିଜୁଳି ଘଡ଼ଘଡ଼ି ମାରିଲେ ମନ୍ଦିର ପ୍ରତି ବିପଦ ସୃଷ୍ଟି କରୁଛି । କେତେକ ଭକ୍ତ ପୁଣି ଚୂନ ପ୍ରଲେପ କରିବା ପାଇଁ ପୁଣି ଶୁଣାଯାଉଛି ।

## ସର୍ପାଘାତରେ ମହିଳାଙ୍କ ମୃତ୍ୟୁ

ନୀଳଗିରି,୧୩/୧୦(ନି.ପ୍ର): ବରହମପୁର ଥାନା ଅଧୀନସ୍ଥ ତେଲିପାଳ ଗ୍ରା:ପ:ର ଟସରପଡ଼ା ଗ୍ରାମରେ ସର୍ପାଘାତରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଅଛି । ମୃତକ ଜଣକ ଉକ୍ତ ଗ୍ରାମର ସର୍ବେଶ୍ୱର ମାରାଣ୍ଡିଙ୍କ ପତ୍ନୀ ମୀରା ମାରାଣ୍ଡି (୩୧) ଭୋର ୪ଟା ସମୟରେ ପରିସ୍ରା ପାଇଁ ଘର ବାହାରକୁ ଆସିଥିବା ସମୟରେ ତାଙ୍କୁ କିଛି ଗୋଟେ କାମୁଡ଼ି ଦେଲା ବୋଲି ସ୍ୱାମୀକୁ ଜଣାଇଥିଲେ । ପୋକ କାମୁଡ଼ିଥିବା କହି ଉଭୟ ଶୋଇ ପଡ଼ିଥିଲେ । ସକାଳେ ମୀରା କଥାବର୍ତ୍ତା କରୁ ନ ଥିବା ଦେଖି ପରିବାରଲୋକେ ବରହମପୁର ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ବରହମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଡାକ୍ତରଖାନାକୁ ପଠାଇ ଦିଆଯାଇଛି ।

## ଧାମନଗର ଉପ ନିର୍ବାଚନରେ ବିଜେଡିକୁ ମିଳିବ ବିପୁଳ ବିଜୟ

ଭୁବନେଶ୍ୱର, ୧୩/୧୦(ନି.ପ୍ର): ଆଗାମୀ ନଭେମ୍ବର ମାସ ତିନି ତାରିଖ ଦିନ ହେବାକୁ ଥିବା ଧାମନଗର ଉପ ନିର୍ବାଚନରେ ବିଜେଡି ଭଲ ବ୍ୟବଧାନରେ ବିଜୟୀ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ । ସେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି ଯେ - ଓଡ଼ିଶା ଏବେ ମଡେଲ୍ ଷ୍ଟେଟ୍ ହୋଇରହିଛି । ବିଜେଡି ହେଉଛି ଲୋକଙ୍କ ଦଳ । ସେ କହିଛନ୍ତି ଯେ ବିଜେପି ଦଳ ଲଢେଇ କରୁଛି ବୋଲି ବାହାସ୍ଫଟ ମାରୁଥିଲେ ଏବେ ୩ ନମ୍ବରକୁ ଖସିଆ ସିଲେ । ବିରୋଧୀ ଦଳ ଦ୍ୱିତୀୟ , ତୃତୀୟ ସ୍ଥାନ ପାଇଁ ପ୍ରତିଯୋଗିତା କରିବେ ବୋଲି ସେ କହିଛନ୍ତି ।

## ନ୍ୟାୟ ନ ପାଇ ଥାନା ଆଗରେ ଧାରଣା : ଆତ୍ମାହୂତି ଚେତାବନୀ

ନୀଳଗିରି,୧୩/୧୦(ନି.ପ୍ର): ସ୍ୱାମୀ ନିର୍ଯ୍ୟାତନା ସହି ନ ପାରି ନ୍ୟାୟ ପାଇଁ ଥାନାରେ ଦ୍ୱାରସ୍ଥ ସତ୍ୱେ ପୋଲିସଠୁ ପାଇପାରିଲେନି ନ୍ୟାୟ । ଈଶ୍ୱରପୁର ଥାନା ଅଧୀନସ୍ଥ ତରତୁଆ ଗ୍ରାମରେ ଏଭଳି ଘଟଣା ଘଟିଥିବା ବେଳେ ମହିଳା ଜଣକ ନୀଳଗିରି ଥାନା ଆଗରେ ଧାରଣା ଦେଇଥିବା ଦେଖାଯାଇଛି । ସୂଚନା ଅନୁଯାଇ ତରତୁଆ ଗ୍ରାମ ଶ୍ରୀକାନ୍ତ ଧଳ ଇରମ ଅଂଚଳର ସଂଯୁକ୍ତା କୁ ୨୦୦୮ ମସିହା ମେ ମାସ ୭ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ । ତାଙ୍କର ୨ଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି । ହେଲେ ଗତ ସେପ୍ଟେମ୍ବର ମାସ ରେ ତାଙ୍କ ସ୍ୱାମୀ ଅଧିକ ଯୌତୁକ ପାଇଁ ଦାବୀ କରିବା ସହ ସ୍ୱାମୀ ଉତକ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲୋଜ କରିବା ସହ ମାଡ଼ ମାରିଥିଲେ । ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ସ୍ତ୍ରୀ ସଂଯୁକ୍ତା ଭୟଭୀତ ହୋଇ ଥାନାରେ ଦ୍ୱାରସ୍ଥ ହୋଇଥିଲେ । ପୋଲିସ ସ୍ୱାମୀଙ୍କୁ ଗିରଫ ନ କରିବାରୁ ସ୍ୱାମୀ ତାଙ୍କୁ ବାରମ୍ବାର ନିର୍ଯ୍ୟାତନା ଦେବାରୁ ଏବାବଦରେ ପୋଲିସକୁ ପଚାରିବାକୁ ନୀଳଗିରି ଏସ.ଆଇ. ସୁବର୍ଣ୍ଣା ବେହେରା ଓଲଟା ଗାଳିଗୁଲୋଜ କରିବା ସହ ଘଟଣାକୁ ଆଗକୁ ନ ବଢ଼ଇବା ପାଇଁ ଚାପ ପକାଉଥିବାରୁ ବାଧ ହୋଇ ଆଜି ନିଜର ପିଲାଛୁଆଙ୍କ ସହ ବାପ ଘର ଲୋକଙ୍କ ସହ ନୀଳଗିରି ଥାନା ଆଗରେ ଧାରଣାରେ ବସିଛନ୍ତି । ଯଦି ପୋଲିସ ନ୍ୟାୟ ନ ଦିଏ ତାହେଲେ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି । ଏଥିପାଇଁ ପୋଲିସ ଦାୟୀ ରହିବ ବୋଲି କହିଛନ୍ତି ।

## ନୂଆସାହି ମହାବିଦ୍ୟାଳୟ ତରଫରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



ଉଦଳା,୧୩/୧୦(ନି.ପ୍ର): ନୂଆସାହି ସ୍ଥିତ କପ୍ତିପଦା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ସଫେଇ, ଆଲୋଚନାଚକ୍ର ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୁରୁଷ ୟୁନିଟ ତରଫରୁ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଲମ୍ବୋଦର ବାରିକ ଏବଂ ଛାତ୍ରୀ ୟୁନିଟର ପ୍ରୋଗ୍ରାମ ଅଫିସର ମଞ୍ଜନା ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସର ସଫା କରିବା ସହ ମହାବିଦ୍ୟାଳୟରୁ ନୂଆସାହି ବଜାର ରାସ୍ତା ସଫେଇ କରିଥିଲେ । ସଫେଇ କାର୍ଯ୍ୟ କରିବା ସହ ପ୍ଲାଷ୍ଟିକ ବର୍ଜନ, ରାସ୍ତାରେ ଆସୁଥିବା ଗାଡିମାନଙ୍କୁ ଅଟକାଇ ହେଲମେଣ୍ଟ ଓ ୪/୬ ଚକିଆ ଗାଡି ଚାଳକ/ସବାରୀଙ୍କୁ ସିଟବେଲ୍ଟ ପିନ୍ଧିବାକୁ ଅନୁରୋଧ କରିଥିଲେ । ସଚେତନତା ହିଁ ସୁରକ୍ଷାର ନାରା ଦେଇ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଯାଇ ବଜାର ପରିକ୍ରମା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ପତାକା ଉତ୍ତୋଳନ ପୂର୍ବକ ଶୋଭାଯାତ୍ରାକୁ ପ୍ରାରମ୍ଭ କରିଥିଲେ । ସେ ସେବା ମନୁଷ୍ୟ ଜୀବନର ଲକ୍ଷ୍ୟ ହେବା ଉଚିତ ବୋଲି କହିଥିଲେ ।

## ଭଦ୍ରକରେ ତୁଷାର ମହାନ୍ତିଙ୍କ ପାଇଁ ପ୍ରାର୍ଥନା ସଭା

ଭଦ୍ରକ,୧୩/୧୦(ନି.ପ୍ର): ଭଦ୍ରକ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ସ୍ତରରେ ଗାନ୍ଧୀବାଦୀ ହିସାବରେ ସୁପରିଚିତ ଆଡଭୋକେଟ୍ ତୁଷାରକାନ୍ତି ମହାନ୍ତିଙ୍କ ବିୟୋଗରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଇଂ. ଅଖିଳ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ସର୍ବଧର୍ମ ପ୍ରାର୍ଥନା ତଥା ଶ୍ରଦ୍ଧାଞ୍ଜଳି ସଭା ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତିଙ୍କ ନେତୃତ୍ୱରେ ଅନୁଗୁଳ ସ୍ଥିତ ବାଜିରାଉତ ଛାତ୍ରାବାସ ଓ ଭଦ୍ରକ ଗାନ୍ଧୀ ଓଡିଶା ବାଳାଶ୍ରମର ଅନ୍ତେବାସୀମାନଙ୍କ ଦ୍ୱାରା ଗାନ୍ଧୀ ଭଜନ ଗାନ ସହିତ ସର୍ବଧର୍ମ ପ୍ରାର୍ଥନା ଆୟୋଜିତ କରାଯାଇଥିଲା । ରକ୍ତତୀର୍ଥ ଇରମରେ ଜନ୍ମଲାଭ କରିଥିବା ତୁଷାର ବାବୁ ଗାନ୍ଧୀ ବିଚାରକୁ ଆପଣାଇବା ପରେ ଭଦ୍ରକ ସହରରେ ବିଭିନ୍ନ ସାମ୍ପ୍ରଦାୟିକ ବିଦ୍ୱେଷକୁ ସମାଧାନ କରିବାର ନେତୃତ୍ୱ ନେଇଥିବା ବେଳେ ଗାନ୍ଧୀଜୀଙ୍କର ବିଭିନ୍ନ ରଚନାତ୍ମକ କାମକୁ ଆରମ୍ଭ କରାଇପାରିଥିଲେ । ନିଜ ବ୍ୟକ୍ତିଗତ ଜୀବନରେ ସୁଦ୍ଧା ସେ ଅସ୍ପୃଶ୍ୟତା ନିବାରଣ, ସାମ୍ପ୍ରଦାୟିକ ସଦଭାବ, ଖଦି ଓ ଗ୍ରାମଦ୍ୟୋଗ, ନିଶା ନିବାରଣ, ସମ୍ବିଧାନ ଆଦି ବିଚାରକୁ କାର୍ଯ୍ୟରେ ଲଗାଉଥିଲେ । ଏହିଭଳି ଜଣେ ଗାନ୍ଧୀ ମଣିଷଙ୍କର ବିୟୋଗ କେବଳ ଭଦ୍ରକ ନୁହେଁ ବରଂ ଦେଶର ଗାନ୍ଧୀ ଆନ୍ଦୋଳନ ପାଇଁ ଅପୂରଣୀୟ କ୍ଷତି ବୋଲି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ଭୁବନେଶ୍ୱର ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ସର୍ବୋଦୟ ମଣ୍ଡଳର ମିହିର ପ୍ରତାପ ଦାସ, ଡଃ ବିଶ୍ୱଜିତ୍, ଅଜୟ ନାୟକ, ସୁଧାକର ଦାସ, ଲକ୍ଷ୍ମୀପ୍ରିୟା ନାୟକ, ଅଶୋକ କୁମାର ଦାସ, ଡଃ ପ୍ରଦୀପ ନାୟକ, ବିଜୟ କୁମାର ଜେନା ପ୍ରମୁଖ ଦର୍ଶାଇଥିଲେ ।

## ଆଳଙ୍କାରିକ ଭାଷଣ ପ୍ରତିଯୋଗିତାରେ ନୀଳଗିରିର କମଳଲୋଚନ ପଣ୍ଡା ପ୍ରଥମ

ନୀଳଗିରି,୧୩/୧୦(ନି.ପ୍ର): ନୀଳଗିରି ଅଂଚଳର ଯୁବ ପ୍ରତିଭାବାନ କମଳଲୋଚନ ପଣ୍ଡା କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ସମ୍ବାଦ - ଇଣ୍ଡିଆ ୨୦୪୭ ପ୍ରତିଯୋଗିତାରେ ଆଳଙ୍କାରିକ ଭାଷଣ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ଉନ୍ନିତ ହୋଇଛନ୍ତି । ନୀଳଗିରି ଉପଖଣ୍ଡର ଗାଙ୍ଗପୁରା ଗ୍ରାମର ପର୍ଶୁରାମ ପଣ୍ଡାଙ୍କର ପୁଅ କମଳଲୋଚନ ପଣ୍ଡା ରାଜ୍ୟ ସ୍ତରରେ ମଧ ଭଲ ପ୍ରଦର୍ଶନ କରିବା ପାଇଁ ଚେଷ୍ଟା କରିବେ ବୋଲି ଆଶା ଭରସା ରଖିଛନ୍ତି । ଏହି ଅବସରରେ ଶ୍ରୀ ପଣ୍ଡାକୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଛି ।

## ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କଳାକନା ବୁଲାଇଲେ ଦୃବୃତ୍ତ

ନୀଳଗିରି,୧୩/୧୦(ନି.ପ୍ର): ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ବୁଧବାର ରାତିରେ କେନ୍ଦ୍ରର ତାଲା ଭାଙ୍ଗି ଦୃବୃତମାନେ କଳାକନା ବୁଲାଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେବୁଧବାର ବିଳମ୍ବିତ ରାତିରେଦୃବୃତମାନେ ସ୍ୱାସ୍ଥ୍ୟ କେନ୍ଦ୍ର ରମୁଖ୍ୟ ଫାଟକରେ ତାଲା ଭାଙ୍ଗିବା ପରେ ରୁମ ଗୋଟିକରେତାଲା ଭାଙ୍ଗିଥିଲେ । ରୁମରେ ଥିବା ଇନଭେଟର, କମ୍ପ୍ୟୁଟର, ପଙ୍ଖା ଅନ୍ୟାନ୍ୟ ସମସ୍ତସାମଗ୍ରୀ ଚୋରି କରି ନେଇଥିଲେ । ସକାଳେ ଡାକ୍ତର, ଫାର୍ମସିଷ୍ଟ ପହଂଚି ଦେଖନ୍ତେ ସବୁ ଘରର ତାଲା ଭଙ୍ଗା ଯାଇଥିବା ବେଳେ ସମସ୍ତ ସରଞ୍ଜାମ ଚୋରି ହୋଇଯାଇଛି । ପରେ ନୀଳଗିରି ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁଘଟଣାର ତଦନ୍ତ କରିଛନ୍ତି ।

## ତାମିଲନାଡୁ ଚାଲାଣ ବେଳେ୨୯ ଜଣ ଶ୍ରମିକ ଉଦ୍ଧାର

ବଲାଙ୍ଗିର,୧୩/୧୦(ନି.ପ୍ର): ତାମିଲନାଡୁ ଚାଲାଣ କରାଯାଉଥିବା ବେଳେ ଲାଠୋର ଥାନା ପୋଲିସ୍ ୨୯ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି । ଏହାସହ ସେମାନଙ୍କୁ ସେଠାକୁ ନେଉଥିବା ଜଣେ ସର୍ଦ୍ଦାରକୁ ପୋଲିସ୍ ଗିରଫ କରିଛି ପୋଲିସ୍ । ସୂଚନା ଅନୁଯାୟୀ ଗତ କାଲି ସନ୍ଧ୍ୟା ପ୍ରାୟ ୭ ଟା ରେ ଲାଠୋର ଥାନା ର ଏଏସଆଇ ଯତୀନ୍ଦ୍ର ବଢାଇ ସନ୍ଧ୍ୟା ପେଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ର ରୁ ଖବର ପାଇଥିଲେ ନୁଆପଡା କାନ୍ଦେତରା ଗାଁ ର ଜଣେ ସରଦାର ନୂଆପଡା ଜିଲ୍ଲାରୁ କିଛି ଶ୍ରମିକ ମାନଙ୍କୁ ବିପଦଜନକ ଅବସ୍ଥାରେ ଗୋଟିଏ ଟାଟା ପିକଅପ୍ ରେ ଯାହାର ନମ୍ବର ଓଏ ୦୬ ଏଠ ୮୦୮୫ ରେ କଂଟାବାଞ୍ଜି ଆଡକୁ ନେଇଯାଉଛି । ଖବରର ସତ୍ୟାସତ୍ୟ ଜାଣିବା ପାଇଁ ପିପଲବାହାଲ ଗାଁ ବାହାରେ ଥିବା ଲାନ୍ଥ ନଦୀ ବ୍ରିଜ ପାଖରେ ଲାଠୋର ପୋଲିସ ଷ୍ଟାଫ ଜଗି ରହିଲେ, କିଛି ସମୟପରେ ଉକ୍ତ ଗାଡି ଓ ତାର ପଛରେ ଗୋଟିଏ ବୋଲେରୋ ଆସୁଥିବାର ଦେଖି ଉକ୍ତ ଦୁଇ ଗାଡି ଅଟକ ରଖି ପଚରା ଉଚୁରା କରିଥିଲେ । ଯାଂଚ ସମୟରେ ୧୧ ଜଣ ମହିଳା , ୧୬ ଜଣ ପୁରୁଷ ଲୋକ ଓ ୯ ଜଣ ଶିଶୁଙ୍କୁ ଉଦ୍ଧାର କରିଥିଲେ, ସେମାନଙ୍କୁ ଉକ୍ତ ବୋଲେରୋରେ ବସିଥିବ । କାନ୍ଦେତର । ଗାଁର ସରଦାର କୌଶର ଖାନ ତାମିଲନାଡୁ ରାଜ୍ୟକୁ ଚାଲାଣକରିବା ପାଇଁ ନେଉଥିଲା ।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ପୂଜା ଶିବିର ଉଦ୍‌ଯାପିତ



ବାରିପଦା,୧୩/୧୦(ନି.ପ୍ର): ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଚାଲିଥିବା ସପ୍ତାହବ୍ୟାପୀ ଏନ.ଏସ.ଏସ. ପୂଜା ସ୍ୱତନ୍ତ୍ର ସେବା ଶିବିର କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଏସ. ଶିବାନୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଜାତୀୟ ସେବା ଶିବିରର ମହତ୍ୱ ଉପରେ ନିଜର ମତ ଦର୍ଶାଇଥିଲେ । ଡି.ଏସ.ପି. ସବିତା ମାଝୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ଶୃଙ୍ଖଳିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ପି.ଏଲ.ଭି. ରବିନ୍ଦ୍ର କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ବିଷୟରେ କହିଥିଲେ । କଲେଜର ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ମୀରା ସେନାପତି ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀମାନେ ପୋଷ୍ୟଗ୍ରାମ ମହାରାଜପୁର ଓ ଶାଗୁଣାବସା ଗାଁରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ଘରକୁ ଘର ବୁଲି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ, ଜଳ ସଂରକ୍ଷଣ, ଜୈବିକ ଚାଷ, ଶକ୍ତି ସଂରକ୍ଷ, ଅନ୍ଧବିଶ୍ୱାସ ଦୂରୀକରଣ, ଗୁଣିଗାରେଡି ସମ୍ପର୍କରେ ଜନସାଧାରଣଙ୍କ ଅବଗତ କରାଇଥିଲେ । ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଓ ନୃତ୍ୟ ପରିବେଷଣ କରାଯାଇଥିଲା । ପଥପ୍ରାନ୍ତ ନାଟକ ଦ୍ୱାରା ଗ୍ରାମବାସୀଙ୍କୁ ନିଶାନିବାରଣ, ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ିରୁ ନିବୃତ ରହିବାକୁ ସଚେତନ କରିଥିଲେ । ଶିବିରରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡ. ଶୁଭେନ୍ଦୁ ଦାସ ଶିବିର ପରିଭ୍ରମଣରେ ଆସି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ବିଜୟା ନାୟକ, କଲେଜର ଅଧ୍ୟାପକ ଓ ଅଧ୍ୟାପିକା ସ୍ୱେଚ୍ଛାସେବୀ ଶିବିର ପରିଚାଳନା କରିଥିଲେ । ଶେଷରେ ମହାବିଦ୍ୟାଳୟର ଉପାଧକ୍ଷା ସଂଘମିତ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପିର ବଡ଼ଦାଣ୍ଡରେ ବଡ଼ ଶୋଭାଯାତ୍ରା

ପୁରୀ,୧୩/୧୦(ନି.ପ୍ର): ପୁରୀ ଜିଲ୍ଲା ବିଜେପି ପକ୍ଷରୁ ଆଜି ବଡ଼ଦାଣ୍ଡରେ ବଡ଼ ଶୋଭାଯାତ୍ରା ଦେଖିବାକୁ ମିଳିଥିଲା । ପୁରୀଜିଲ୍ଲା ୧୧ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସ୍ୱର୍ଗତ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାକୁ ନେଇ ବିଜେପି ସିଧାସଳଖ ମନ୍ତ୍ରୀଙ୍କ ଉପରେ ଆରୋପ ଜାରି କରିଛି । ଯେଉଁ ରାଜ୍ୟରେ ଶିକ୍ଷାମନ୍ତ୍ରୀଙ୍କ ସମ୍ପର୍କରେ ଅଭିଯୋଗ ଆସିଲେ ମଧ ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଇସ୍ତଫା ନଦେଇ ତାଙ୍କର ଆଧିପତ୍ୟ ଦେଖାଇବା ପାଇଁ ମହିଳା ଶୋଭାଯାତ୍ରା କରି ଫୁଟାଣି ମାରୁଥିବା ବିଜେପି ଅଭିଯୋଗ କରିଛି । ମୋବାଇଲ କଲ ରେକର୍ଡ଼ ଭାଇରାଲ ହେବା ପରେ ମନ୍ତ୍ରୀଙ୍କ ଅସଲ ରୂପ ପଦାରେ ପଡ଼ିଯାଇଥିବା ସାରା ରାଜ୍ୟରେ ଆଲୋଚନା ହେଉଛି । ବଡ଼ଦାଣ୍ଡ ମାଉସୀମା ମନ୍ଦିର ଠାରୁ ବିଜେପିର ର୍‍ୟାଲି ବାହାରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଏହି ଶୋଭାଯାତ୍ରାରେ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡ଼ା, ପୂର୍ବତନ ବିଧାୟକ ରବି ମଲ୍ଲିକ,ପୂର୍ବତନ ଜିଲ୍ଲା ସଭାପତି ପ୍ରଭଞ୍ଜନ ମହାପାତ୍ର ଓ ଶତାଧିକ ଯୁବକର୍ମୀ ଯୋଗ ଦେଇଥିଲେ । ମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରହିବ ବୋଲି ବିଜେପି ପକ୍ଷରୁ କୁହାଯାଇଛି ।

## ବିଶିଷ୍ଟ ବ୍ୟକ୍ତିତ୍ୱ ଜଗନ୍ନାଥ ଜୀଙ୍କ ୮୮ତମ ଜୟନ୍ତୀ

ବାଲେଶ୍ୱର,୧୩/୧୦(ନି.ପ୍ର): ବାଲେଶ୍ୱରର ଅନ୍ୟତମ ବହୁମୁଖୀ ପ୍ରତିଭାଧାରୀ, ମଣିଷ ଅନୁରାଗୀ ତଥା ବିନୟୀ ବ୍ୟକ୍ତିତ୍ୱ ଜଗନ୍ନାଥ ଜୀଙ୍କ ୮୮ତମ ଜୟନ୍ତୀ ସଦର ବ୍ଲକ ରସାଳପୁର ସ୍ଥିତ ତାଙ୍କ ବାସଭବନରେ ପାଳିତ ହୋଇଯାଇଛି । 'ବର୍ଷବର୍ଷର ପାଦଚିହ୍ନରେ ବାପାଙ୍କ ଜନ୍ମଦିନ' ଶୀର୍ଷକ ସନ୍ଧ୍ୟା ମଞ୍ଚରେ ଜଗନ୍ନାଥଜୀ ଓ ତାଙ୍କ ସହଧର୍ମିଣୀ ଲକ୍ଷ୍ମୀପ୍ରିୟାଙ୍କ ସହ ବସି ଶୁଭେଚ୍ଛୁ ଅନସୂୟା ନାୟକ, ପ୍ରାକ୍ତନ ନୀଳଗିରି ବିଧାୟକ ପ୍ରଦୀପ୍ତ ପଣ୍ଡା, ସଦର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ, ବାଲେଶ୍ୱର ପୌର ଉପାଧକ୍ଷ କୈଳାସ ଚନ୍ଦ୍ର ସେଠୀ, ପୌର ସଦସ୍ୟ ସେଖ ଆନ୍‌ୱାର, ପୂର୍ବତନ ପୌର ଉପାଧକ୍ଷ ମନୋଜ ରାଉତ, ରସାଳପୁର ସରପଞ୍ଚ ହରିପଦ ବେହେରା, ପୂର୍ବତନ ସରପଞ୍ଚ ଅର୍ଜୁନ ପ୍ରସାଦ ଦାସ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ପରିବେଶବିତ ଅନିରୁଦ୍ଧ ଦାସ, କବି ସର୍ବେଶ୍ୱର ଦାସ, ଆଇନଜୀବୀ ଅର୍ଣ୍ଣବ ପଣ୍ଡା, ଶିବ ଜୀ, ରତିକ୍ ଜୀ ପ୍ରମୁଖ ଶ୍ରୀ ଜୀଙ୍କ ନିରାମୟ ଜୀବନ କାମନା କରିଥିଲେ । ଜଗନ୍ନାଥ ଜୀ ନିଜ ଜୀବନକୁ ଅତି ପାଖରୁ ବାପା ସ୍ୱର୍ଗତ କରୁଣାକର ଜୀଙ୍କ ଉଦାର ସମାଜକଲ୍ୟାଣ କର୍ମ ଅନୁସରଣରେ ପ୍ରଭାବିତ ହୋଇ ସାରାଜୀବନ ନିଃସ୍ୱାର୍ଥପର ସେବାରେ ମନୋନିବେଶ କରିଥିଲେ । ନିଜ ଗାଁରେ ସ୍କୁଲ୍-କଲେଜ୍ ଗଢ଼ିବାରେ ପ୍ରମୁଖ ଦାୟିତ୍ୱ ତୁଲାଇବା ସହ ନିଜେ ସେ ଅଞ୍ଚଳର ପିଲାମାନଙ୍କୁ ପାଠ ପଢ଼ାଇ ଆଦର୍ଶ ଜୀବନ ଗଢ଼ିତୋଳିବା ଧାରା ଏଯାଏଁ ଜାରି ରଖିଛନ୍ତି । ଗାଁ ପଞ୍ଚାୟତରେ ସରପଞ୍ଚ ହେବାଠୁ ବିଜେପି ରାଜ୍ୟ ସାଧାରଣ ସଂପାଦକ ଦାୟିତ୍ୱ ବେଶ୍ କିଛିବର୍ଷ ତୁଲାଇଥିଲେ ସେ । ଶ୍ରୀ ଜୀ ଏଇ ମାଟିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଜ୍ଞାନର କିରଣକୁ ବିଚ୍ଛୁରିତ କରିବାରେ ଅଦ୍ୟାବଧି ବ୍ରତୀ ଅଛନ୍ତି ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ଡା. ଯଦୁନାଥ ମହାବିଦ୍ୟାଳୟର ଅଧ୍ୟାପକ ଓ ସହକାରୀବୃନ୍ଦ, ରସାଳପୁର ହାଇସ୍କୁଲ୍‌ର ଶିକ୍ଷକ-ଶିକ୍ଷୟିତ୍ରୀ, ରସାଳପୁର ମୁନିମେଳା କମିଟିର ସଦସ୍ୟବୃନ୍ଦ, ରସାଳପୁରର ତରୁଣ ପରିବେଶ କର୍ମୀ, ଟ୍ରୋଲର ମହାସଂଘର କାର୍ଯ୍ୟକର୍ତ୍ତା, ଖନ୍ତାପଡ଼ା ଲେବର ଏସୋସିଏସନ୍ କର୍ମୀବୃନ୍ଦ, ତାଳପଦା, ତୁଣ୍ଡରା, ଶ୍ରୀଜଙ୍ଗ, କୁଳିଗାଁ, ମହାରାଜପୁର, ସିନ୍ଧିଆ, ଓଲନ୍ଦା ସାରଗାଁ, ପରିଖି ଗ୍ରାମ, ଗ୍ରାମପଞ୍ଚାୟତର ପ୍ରତିନିଧିବୃନ୍ଦ ତଥା ପରିବାରର ପୁଅ-ଝିଅ, ପୁତ୍ରବଧୂ, ଭଣଜା ଏବଂ ନିଜ ସମସାମୟିକ ବନ୍ଧୁ-ପରିଜନମାନଙ୍କ ଗହଣରେ କେକ୍ କାଟିଥିଲେ ।


**AFFIDAVIT**

By virtue of an affidavit before the executive Magistrate, Balasore. I Khulana Nayak, aged 39 year, C/o. Shyamasundar Nayak of village-Silda, Po.-Chhanua, P.S.-Basta, Dist-Balasore. State that my name has been mentioned in by Board Certificate as Khulana Sundari Nayak & in my Aadhaar Card vide no.-383691780235 has mentioned as Khulana Nayak. But both the name are one and same person. Henceforth I shall be known as Khulana Nayak in all respect.

**Khulana Nayak**

ଶୁକ୍ରବାର, ଅକ୍ଟୋବର ୧୪, ୨୦୨୨

ଧ୍ୱନି ପ୍ରତିଧ୍ୱନି

## ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳାରେ ୧୦ କୋଟି ୩୫ ଲକ୍ଷର ବିକ୍ରିବଟା

ଭୁବନେଶ୍ୱର, ୧୩/୧୦(ନି.ପ୍ର): ଓଡ଼ିଶା ସରକାରଙ୍କର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ 'ବୟନିକା' ଆନୁକୂଲ୍ୟରେ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆ ଓ ଏକାମ୍ର ହାଟରେ ସେପ୍ଟେମ୍ବର ୧୨ ତାରିଖଠାରୁ ଆରମ୍ଭ ହୋଇଥିବା ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଅକ୍ଟୋବର ୧୨ ତାରିଖ ଦିନ ଶେଷ ହୋଇଛି । ଏହି ମେଳାରେ ୨୧୫ଟି ଷ୍ଟଲ ଖୋଲା ଯାଇଥିଲା। ସେଥି ମଧ୍ୟରୁ ୧୧୫ଟି ଷ୍ଟଲରେ ଓଡ଼ିଶାର ବିଭିନ୍ନ ହସ୍ତତନ୍ତ ସଂସ୍ଥା ଓ ସମିତିମାନେ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ କରିଥିଲେ। ଦେଶର ସମସ୍ତ ବୟନକଳାକୁ ଗୋଟିଏ ସ୍ଥାନରେ ପ୍ରଦର୍ଶିତ କରାଇବା ତଥା ଏହାର ବିକ୍ରୟ ସୁଯୋଗ ସୃଷ୍ଟି ସହିତ ବୁଣାକାରମାନଙ୍କର ସର୍ବାଙ୍ଗୀନ ବିକାଶ ଉଦ୍ଦେଶ୍ୟରେ ଏହି ମେଳା ଆୟୋଜିତ ହୋଇଥିଲା । ଏକ ମାସ ଧରି ଆୟୋଜିତ ଏହି ମେଳାରେ ୧୫ଟି ରାଜ୍ୟ ଭାଗ ନେଇଥିଲେ । ଏହି ହସ୍ତତନ୍ତ ମେଳାରେ ପ୍ରାୟ ୧୦ କୋଟି ୩୫ ଲକ୍ଷ ଟଙ୍କାର ବିକ୍ରିବଟା ହୋଇଥିଲା । 'ବୟନିକା' ଏହି ମେଳାରେ ୧ କୋଟି ୮୦ ଲକ୍ଷ ଟଙ୍କାର ଓଡ଼ିଶା ହସ୍ତତନ୍ତ ସାମଗ୍ରୀ ବିକ୍ରୟ କରିପାରିଛି । ବୁଣାକାର ସେବାକେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ତିଆରି ହୋଇଥିବା ଥିମ୍ ପାଭିଲିଅନ୍ ଦର୍ଶକମାନଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା।ଏହି ପାଭିଲିଅନ୍ ରେ ଲୋକମାନେ ଓଡ଼ିଶାର ହସ୍ତତନ୍ତ ସଂପର୍କରେ ଅଧିକ ଜାଣିବାର ସୁଯୋଗ ପାଇଥିଲେ। ଏହି ମେଳାରେ ଲୋକମାନେ ବିଭିନ୍ନ ରାଜ୍ୟର ହସ୍ତତନ୍ତ ବସ୍ତ୍ର କିଣାକିଣି କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସୁସ୍ୱାଦୁ ଖାଦ୍ୟର ମଧ ମଜା ଉଠାଇଥିଲେ। ଶେଷ ଦିନରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ବୟନ ଶିଳ୍ପ ନିର୍ଦ୍ଦେଶକ ଶୋଭନ ସାହୁ ଓ ପରିଚାଳନା ନିର୍ଦ୍ଦେଶକ 'ବୟନିକା' ଶ୍ୟାମଭକ୍ତ ମିଶ୍ର ମେଳାରେ ଅଂଶଗ୍ରହଣ କାରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ମାନିତ କରିବା ସହିତ ସାର୍ଟିଫିକେଟ୍ ବଂଟନ କରିଥିଲେ ।

# ଲୋକଙ୍କ ଆସ୍ଥାଭାଜନ ହେବା ପ୍ରଜାତନ୍ତ୍ରରେ ସବୁଠୁ ବଡ଼ ଉପଲବ୍ଧି : ଧର୍ମେନ୍ଦ୍ର ପ୍ରଧାନ



ଗାନ୍ଧିନଗର,୧୩/୧୦(ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଗୁଜୁରାଟର ୯ଟି ନିର୍ବାଚନମଣ୍ଡଳୀର ଅନେକ ସ୍ଥାନରେ ଗୌରବ ଯାତ୍ରାରେ ସାମିଲ ହୋଇଛନ୍ତି । କେନ୍ଦ୍ରମନ୍ତ୍ରୀ ବସରେ ୨୩୪ କିଲୋମିଟର ଭ୍ରମଣ କରି ଦଳ ପାଇଁ ପ୍ରଚାର କରିବା ସହ ୬ଟି ଜନସଭାକୁ ସମ୍ବୋଧିତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କଡ଼ି, ବହୁଚରାଜୀ, କାଲୋଲ, ମାନସା, ଗାନ୍ଧିନଗର ନର୍ଥ, ଗାନ୍ଧିନଗର ସାଉଥ, ଦେହଗାମ, ବୟାଦ, ମୋଡାସା ଆଦି ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିଥିଲେ । ଶ୍ରୀ ପ୍ରଧାନ ନିର୍ବାଚନ କ୍ଷେତ୍ରର ବିଜେପି କାର ?ୟକର୍ତ୍ତା ଓ ଆବାଳବୃଦ୍ଧବନିତାଙ୍କୁ ଭେଟି ଆଲୋଚନା କରିଥିଲେ । ସେ କହିଛନ୍ତି ପ୍ରଜାତନ୍ତ୍ରରେ ସବୁଠୁ ବଡ଼ ଉପଲବ୍ଧି ହେଉଛି ଲୋକଙ୍କ ଆସ୍ଥାଭାଜନ ହେବା । ଦୀର୍ଘ ୨୭ ବର୍ଷ ଧରି ଗୁଜୁରାଟର ଜନତା ନିରନ୍ତର ବିଜେପି ଏବଂ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତି ବିଶ୍ୱାସ ରଖିଛି । ଗୁଜୁରାଟର ଲୋକକଲ୍ୟାଣ ମଡେଲ ସାରା ଦେଶରେ ଲାଗୁ ହେଉଛି । ଲୋକଙ୍କ ଜୀବନକୁ ସହଜ କରିବା ସହ ସର୍ବାଙ୍ଗୀନ ବିକାଶ କରିବା ତଥା ଦେଶକୁ ସଶକ୍ତ ଏବଂ ସୁରକ୍ଷିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି କଟିବଦ୍ଧ । ଗୁଜୁରାଟ ଗୌରବ ଯାତ୍ରାର ଉଦ୍ଦେଶ୍ୟ ହେଉଛି ଗୁଜୁରାଟର ଜନତାଙ୍କୁ କୃତଜ୍ଞତା ଜଣାଇବା । ଗୁଜୁରାଟରେ ନିରନ୍ତର ଭଲ ପାଇବା ଓ ସମର୍ଥନ ପାଇଁ ଶ୍ରୀ ପ୍ରଧାନ ସେଠାକାର ଜନସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଗୁଜୁରାଟ ହେଉଛି ମହାତ୍ମା ଗାନ୍ଧି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପବିତ୍ର ଭୂମି । ନେହେରୁ ଏବଂ କଂଗ୍ରେସ ଦଶନ୍ଧି ଦଶନ୍ଧି ଧରି ସମାଧାନ କରିପାରିନଥିବା ସମସ୍ୟାକୁ ମୋଦି ଓ ଶାହା ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ବଳରେ ସମାଧାନ କରିଛନ୍ତି । ମୋଦି ସରକାରରେ ମହିଳାମାନେ ସଶକ୍ତ ହେବା ସହ ଗରିବ ଓ ଅସହାୟଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ବିଶ୍ୱ ଆସ୍ଥାପ୍ରକଟ କରିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ବଳରେ ସର୍ଦ୍ଦାର ସରୋବର ଡ୍ୟାମ ପ୍ରକଳ୍ପ ଷଡ଼ଯନ୍ତ୍ରରୁ ମୁକୁଳି ପାରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ଦିବଂଗତ କବୟିତ୍ରୀ ପ୍ରମିଳା ଶତପଥୀଙ୍କ ଶ୍ରାଦ୍ଧ ବର୍ଷିକ ସ୍ମୃତିସଭା

## 'ସ୍ମୃତିରୂପା ପ୍ରମିଳା' ଓ 'ସମୀକ୍ଷକଙ୍କ ଦୃଷ୍ଟିବଳୟରେ କବି ପ୍ରମିଳା ଶତପଥୀ' ଉନ୍ମୋଚିତ



ବାଲେଶ୍ୱର,୧୩/୧୦(ନି.ପ୍ର): ଦିବ୍ୟଗତ କବୟିତ୍ରୀ ପ୍ରମିଳା ଶତପଥୀଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭା ଏବଂ ପୁସ୍ତକ ଉନ୍ମୋଚନ ଉତ୍ସବ ବାଲିଆସ୍ଥିତ ତାଙ୍କ ବାସଭବନ 'ଆଦ୍ୟମନ୍ଦିର' ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସମୀକ୍ଷକଙ୍କ ଦୃଷ୍ଟିରେ କବୟିତ୍ରୀ ପ୍ରମିଳା ଶତପଥୀ' ଏବଂ ତାଙ୍କ ସ୍ମୃତିରେ ପ୍ରକାଶିତ 'ସ୍ମୃତିରୂପା ପ୍ରମିଳା' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆୟୋଜିତ ସ୍ମୃତିସଭାରେ ସ୍ତମ୍ଭକାର ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କବୀ ପ୍ରମିଳା ଓଡ଼ିଆ କବିତା କ୍ଷେତ୍ରରେ ଜଣେ ମନ୍ତ୍ରମୁଗ୍ଧ ଉଚ୍ଚାରଣ ଥିଲେ ବୋଲି କହିଥିଲେ। ମୁକ୍ତିବୋଧ ସୃଜନ କର୍ମରେ ତାଙ୍କୁ ମିଳୁଥିଲା ବିପୁଳ ତୃପ୍ତି। ସତ୍ୟ ଓ ବାସ୍ତବତାକୁ ପରିପ୍ରକାଶ କରିବା ସେ କେବେ ପଛଘୁଞ୍ଚା ଦେଉ ନଥିଲେ ବୋଲି ଡକ୍ଟର ପାତ୍ର ମତ ପ୍ରକାଶ କରିଥିଲେ। ଶିକ୍ଷାବିତ ବ୍ରଜେନ୍ଦ୍ର ଗିରି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ମୃତିଚାରଣ ସହ ଓଡ଼ିଆ କବିତା କ୍ଷେତ୍ରରେ ପ୍ରମିଳା ଶତପଥୀଙ୍କ ଏକ ସ୍ମୃତିସ୍ତମ୍ଭ ହୋଇପାରିଛନ୍ତି ବୋଲି କହିଥିଲେ। କବୀ ଦୀପାଞ୍ଜଳି ଦାଶ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ କବୀଙ୍କ ଜୀବନାଦର୍ଶ ଓ ତାଙ୍କ ସାହିତ୍ୟାକୃତି ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ସମାଲୋଚକ ତଥା ପ୍ରାବନ୍ଧିକ ଡ. ରାଧାରଂଜନ ପଟ୍ଟନାୟକ ଏହି ସ୍ମୃତିସଭାରେ ପୌରୋହିତ୍ୟ କରିବା ସହ ପ୍ରମିଳା ଶତପଥୀ କେବଳ ବାଲେଶ୍ୱର ଜିଲା ନୁହେଁ କବିତା କ୍ଷେତ୍ରରେ ତାଙ୍କର ସୃଷ୍ଟି ସମଗ୍ର ଓଡ଼ିଶା ପାଇଁ ଉଦହାରଣ ହୋଇଛି ବୋଲି କହିଥିଲେ। କବି ଡ.ବଂଶୀଧର ଚୌଧୁରୀ ଏହି ସ୍ମୃତିସଭାରେ ସଂଯୋଜନା କରିବା ସହ କବୀ ପ୍ରମିଳା ତାଙ୍କ ଜୀବନ କାଳରେ ୨୮ଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରିଥିଲେ ବି ଓଡିଶା ସାହିତ୍ୟ ଏକାଡେମୀ ତାଙ୍କୁ ଅଣଦେଖା କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କହିଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ସ୍ୱର୍ଗତା କବୀ ପ୍ରମିଳା ଶତପଥୀଙ୍କ ଫୋଟୋ ଚିତ୍ରରେ ଅତିଥିମାନେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। କବି ଜଳଧର ପଣ୍ଡା ଏବଂ ବିକାଶ ଶତପଥୀ ବେଦ ମନ୍ତ୍ର ଉଚ୍ଚାରଣ ଉଚ୍ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ଆଶିଷ ଚକ୍ରବର୍ତ୍ତୀ, କଥାକାର କମଳ ଦାସ, ସେଇଠୁ ଆରମ୍ଭର ସମ୍ପାଦକ ଶୁଭେନ୍ଦୁ ଦାସ, କଥାକାର ଉଦୟ ଦାସ, ଗଙ୍ଗାଧର ବିଶ୍ୱାଳ, କବି ସୀତାଂଶୁ ଲେଙ୍କା, ସମୟର ଚକ୍ର ସମ୍ପାଦକ ସର୍ବେଶ୍ୱର ଜେନା, କବୀ ଅର୍ଚ୍ଚନାନନ୍ଦୀ ଓ କବୀ ଦମୟନ୍ତୀ ନାଥ ପ୍ରମୁଖ ଏହି ସ୍ମୃତିସଭାରେ ଯୋଗଦେଇ କବୀ ପ୍ରମିଳାଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ଶେଷରେ କବିଙ୍କ କନ୍ୟା ଆସ୍ଥା ଆଶ୍ୱାସନା ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଧାନୀରେ ୬ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୧୩/୧୦(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଗୁରବାର ମୋଟ ୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୧୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୬ ହଜାର ୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୪ ହଜାର ୩୪୯ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୪୮୧ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୧୮ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ମାଟିରେ ମିଶିଲା ବହୁ ଚର୍ଚ୍ଚିତ ତ୍ରାହି ଅଚ୍ୟୁତ ଆଶ୍ରମ

ଭୁବନେଶ୍ୱର,୧୩/୧୦(ନି.ପ୍ର): ବହୁଚର୍ଚ୍ଚିତ ତ୍ରାହି ଅଚ୍ୟୁତ ଆଶ୍ରମ ଅଂଚଳରେ ଥିବା ବେଆଇନ କୋଠା ଗୁଡିକ ଉପରେ ବୁଲଡୋଜର ଚାଲିଛି। ଭୁବନେଶ୍ୱର ଉପକଣ୍ଠସ୍ଥ ଝିଂଟି ଶାସନ ତ୍ରାହି ଅଚ୍ୟୁତ ନଗର ମୌଜାରେ ପ୍ରାୟ ୨୧ଟି ପ୍ଲଟ ରହିଛି। ସମ୍ପୃକ୍ତ ପ୍ଲଟ୍ ରେ ବେଆଇନ ଭାବରେ କୋଠା ନିର୍ମାଣ ହୋଇଥିଲା। ଗୁରୁବାର ଦିନ ପୋଲିସ ଓ ବିଡିଏର ମିଳିତ ଟିମ୍ ପକ୍ଷରୁ ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦ ବେଳେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ଉତେଜନା ଦେଖା ଦେଇଥିଲା। ଉକ୍ତ ପ୍ଲଟ ମାନଙ୍କରେ ରହୁଥିବା ମହିଳା ମାନେ ଉଚ୍ଛେଦକୁ ବିରୋଧ କରିଥିଲେ । ସୂଚନାଯୋଗ୍ୟ ସୁରେନ୍ଦ୍ର ନାଥ ମିଶ୍ର ଓରଫ ସୁର ବାବା ୧୯୮୨ ମସିହାରେ ତ୍ରାହି ଅଚ୍ୟୁତ ଆଶ୍ରମ ପ୍ରତିଷ୍ଠା କରିଥିଲେ। ପୋଥିରେ ଲୋକଙ୍କ ଅତୀତ, ଭବିଷ୍ୟତ ବିଷୟରେ ଅବଗତ କରାଇ ଅମାପ ସମ୍ପତି ଅର୍ଜନ କରିଥିଲେ । ଆଶ୍ରମକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଲୋକମାନେ ଆସୁଥିଲେ। ମାତ୍ର ୨୦୧୫ ଅଗଷ୍ଟ ୩୦ରେ ଆଶ୍ରମରେ ବହୁ କେଳେଙ୍କରୀ ହେଉଥିବା ଅଭିଯୋଗରେ ଏହାର ପ୍ରତିଷ୍ଠାତା ସୁର ବାବାଙ୍କୁ ଗିରଫ କରାଯାଇଥିଲା। ପରେ ସେ ଜାମିନ୍ ରେ ଫେରିଥିଲେ। ତେବେ ୨୦୨୦ ଡିସେମ୍ବର ମାସରେ ସୁର ବାବାଙ୍କ ଦେହାନ୍ତ ହୋଇଥିଲା ।

# ସ୍କୁଲ ପିଲା ଶିଖିବେ ଫ୍ରେଞ୍ଚ ଭାଷା !

ଭୁବନେଶ୍ୱର, ୧୩/୧୦(ନି.ପ୍ର): ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱଥୀ.ଏସ୍ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ କୋଲକାତାରେ ଥିବା କନସୋଲାଟ୍ ଜେନେରାଲ ଡେଡିଅର ତାଲପେନ୍‌ଙ୍କ ନେତୃତ୍ୱରେ ଫ୍ରେଂଚ ପ୍ରତିନିଧିମଣ୍ଡଳ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ପାଇଁ ଫ୍ରେଂଚ ଭାଷା ଶିକ୍ଷା ନିମନ୍ତେ ଗଣଶିକ୍ଷା ସଚିବଙ୍କ ସହିତ ଆଲୋଚନା କରିଥିଲେ । ଫ୍ରେଂଚ ଭାଷାର ଶିକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ସମ୍ବନ୍ଧରେ ଫ୍ରେଂଚ ଡେଲିଗେସନ ସୂଚନା ପ୍ରଦାନ କରିବା ସହ ରାଜସ୍ଥାନ ଓ ଦିଲ୍ଲୀ ଭଳି ଓଡ଼ିଶାରେ ମଧ ଫ୍ରେଂଚ ଭାଷା ଶିକ୍ଷାର ପ୍ରସାର ପାଇଁ ସେମାନେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ସଚିବ ଫ୍ରେଂଚ ଭାଷା ଶିକ୍ଷା ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ସ୍ତରରେ ବିସ୍ତୃତ ଆଲୋଚନା କରି ପରବର୍ତୀ ସମୟରେ ଅବଗତ କରାଯିବ ବୋଲି ଫ୍ରେଂଚ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଫ୍ରେଂଚ ଡେଲିଗେସନରେ ଆସିଥିବା ଏମାନୁଏଲ୍ ଲେବ୍ରୁନ୍- ଡାମିଏନ୍‌ସ, ଫାତିହା କାମୋସି, ଆଲିଶଗନି ଓ ଅଞ୍ଜିତା ରାୟଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଧାମନଗରରେ ବିଜେପି ଭଲ ପଦର୍ଶନ କରିବ : ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର, ୧୩/୧୦(ନି.ପ୍ର): ବୁଥ୍ ଏବଂ ୱାର୍ଡ ସ୍ତରରେ ବିଜେପିର ସଙ୍ଗଠନ ରହିଛି । ଧାମନଗର ଉପନିର୍ବାଚନରେ ବିଜେପି ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର। ସେ କହିଛନ୍ତି କାହା ଦୁର୍ବଳତା ବିଜେପି ପାଇଁ ସବଳତା ନୁହେଁ । ଯେଉଁ ସମାଜରେ ମହିଳାଙ୍କୁ ଦେବୀର ଦର୍ଜା ଦିଆଯାଇଛି । ସେଠି ଭେଦଭାବର ପ୍ରଶ୍ନ ଉଠୁନାହିଁ । ସେହିପରି ରାଜେନ୍ଦ୍ର ଦାସଙ୍କ ବିଦ୍ରୋହ ବିଜେପିକୁ ଲାଭ ଦେଇପାରେ କି ପ୍ରଶ୍ନରେ ଜୟ ନାରାୟଣ କହିଛନ୍ତି ଯେ, ସବୁଠି ଅସନ୍ତୋଷର ଫାଇଦା ବିରୋଧିଙ୍କୁ ମିଳେ। ଏଠି ବି ମିଳିପାରେ। ସବୁ ଜାଗାରେ ବ୍ରଜରାଜନଗର ଭଳି ସ୍ଥିତି ହୁଏ ନାହିଁ । କିନ୍ତୁ ଧାମନଗରରେ ତାର ପୁନରାବୃତି ହେବ ନାହିଁ । ବୁଥ୍ ଏବଂ ୱାର୍ଡ ସ୍ତରରେ ବିଜେପିର ସଙ୍ଗଠନ ରହିଛି । ଆଗକୁ ଓଡିଶାର ତିନି କେନ୍ଦ୍ର ମନ୍ତ୍ରୀ ମାନେ ପ୍ରଚାର କରିବେ।

## କଂଗ୍ରେସ କାର୍ଯ୍ୟକର୍ତ୍ତା ପାର୍ଟିରେ ପରିବର୍ତ୍ତନ ଚାହାଁନ୍ତି : ଶଶି ଥରୁର

ନୂଆଦିଲ୍ଲୀ, ୧୩/୧୦ : କଂଗ୍ରେସ ଅଧ୍ୟକ୍ଷ ପଦର ପ୍ରାର୍ଥୀ ଶଶି ଥରୁର କହିଛନ୍ତି ଯେ କଂଗ୍ରେସ କାର୍ଯ୍ୟକର୍ତା ପାର୍ଟିରେ ପରିବର୍ତନ ଚାହୁଁଛନ୍ତି। ଥରୁର୍ ଗୁରୁବାର ଦିନ ଗଣମାଧ୍ୟମ ସହିତ କଥାବାର୍ତା କରି କହିଛନ୍ତି ଯେ ସେ ଦେଶସାରାର କଂଗ୍ରେସ କାର୍ଯ୍ୟକର୍ତାଙ୍କ ସହିତ ମିଶୁଛନ୍ତି। ଏହି ଅବସରରେ ସେ କାର୍ଯ୍ୟକର୍ତାଙ୍କୁ ସମ୍ବାଦ କରୁଛନ୍ତି। ସେ କହିଛନ୍ତି ଯେ ଅଧିକ କାର୍ଯ୍ୟକର୍ତା ପାର୍ଟିରେ ପରିବର୍ତନ ଚାହାଁନ୍ତି। ଥରୁର କହିଛନ୍ତି ଯେ, ତାଙ୍କ ପାଖରେ ପାର୍ଟିକୁ ମଜବୁତ କରିବାକୁ ରୋଡ୍‌ମ୍ୟାପ ରହିଛି। ସେ ପାର୍ଟିକୁ ନୂଆ ଶକ୍ତି ଦେବାକୁ ଚାହାଁନ୍ତି। ଯାହାଦ୍ୱାରା ଲୋକଙ୍କ ଭରସା ପୁଣିଥରେ କଂଗ୍ରେସ ପ୍ରତି ମଜବୁତ ହୋଇପାରିବ। ଅଧ୍ୟକ୍ଷ ପଦର ନିର୍ବାଚନ ପାର୍ଟିକୁ ମଜବୁତ ବନାଇବା ପାଇଁ କରାଯାଉଛି। ଥରୁର୍ କଂଗ୍ରେସ ମତଦାତାଙ୍କ ଠାରୁ ଅଧିକରୁ ଅଧିକ ଭୋଟ୍‌ରେ ଜିତିବାକୁ ଅନୁରୋଧ କଲେ।

# ରାଜ୍ୟରେ ନୂଆ ୭୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୩/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୫୨୩୦ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୭୭ ଆକ୍ରାନ୍ତଙ୍କ ମଧ୍ୟରୁ ୪୬ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୩୧ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି। ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୬୩ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୫୩୮୧ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୯୭ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୭୭ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୨, ବରଗଡ଼ ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୮, ଦେବଗଡ଼ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୫, ଯାଜପୁର ଜିଲ୍ଲାରେ ୨, ଝାରସୁଗୁଡ଼ା ଜିଲ୍ଲାରେ ୨, କଳାହାଣ୍ଡି ଜିଲ୍ଲାରେ ୨ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୨, ନବରଙ୍ଗପୁର ଜିଲ୍ଲାରେ ୬, ନୟାଗଡ଼ ଜିଲ୍ଲାରେ ୨, ନୂଆପଡାରେ ଜିଲ୍ଲାରେ ୨, ପୁରୀ ଜିଲ୍ଲାରେ ୪, ସମ୍ବଲପୁର ଜିଲ୍ଲାରେ ୯, ସୁନ୍ଦରଗଡ଼ ଜିଲ୍ଲରେ ୨୦ ଓ ଷ୍ଟେଟ ପୁଲରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦ ପୁନର୍ଗଠିତ

ଭୁବନେଶ୍ୱର, ୧୩/୧୦(ନି.ପ୍ର): ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଏବଂ ବିକାଶ ପରିଷଦ ପୁନର୍ଗଠିତ ହୋଇଛି । ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ପୁନର୍ଗଠିତ ଏହି ପରିଷଦରେ ବିଶିଷ୍ଟ ସ୍ଥପତି ପଦ୍ମବିଭୂଷଣ ଡଃ. ସୁଦର୍ଶନ ସାହୁ, ଅଧ୍ୟକ୍ଷ, ପଦ୍ମଶ୍ରୀ ଡ. ଚତୁର୍ଭୁଜ ମେହେର, ଉପାଧ୍ୟକ୍ଷ ଓ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ/ଅତିରିକ୍ତ ଶାସନ ସଚିବ ସଦସ୍ୟ ସଚିବ ରହିଛନ୍ତି । ଏହି ପରିଷଦରେ ପଦ୍ମଶ୍ରୀ ପୁରସ୍କାର ବିଜେତା ବୁଣାକାର ଗୋବର୍ଦ୍ଧନ ପାଣିକା, ରାଜ୍ୟ କଳାକୃତି ପୁରସ୍କାର ବିଜେତା ପ୍ରସ୍ତର ଶିଳ୍ପୀ ଉଦୟ ମହାନ୍ତି, ଜାତୀୟ ପୁରସ୍କାର ବିଜେତା ତାରକସୀ ଶିଳ୍ପୀ ପଙ୍କଜ କୁମାର ସାହୁ, ଜାତୀୟ ପୁରସ୍କାରପ୍ରାପ୍ତ ତାଳପତ୍ର ଶିଳ୍ପୀ ଶରତ କୁମାର ପ୍ରଧାନ, ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ଶ୍ରୀମତୀ ସୁକାନ୍ତି ମେହେର, ବୁଣାକାର ୟୁ. ନୀଳକଣ୍ଠ, ବୁଣାକାର ଲକ୍ଷ୍ମୀଧର ଚାନ୍ଦ, ରାଜ୍ୟ ପୁରସ୍କାରପ୍ରାପ୍ତ ବାଉଁଶ ଓ ବେତ ଶିଳ୍ପୀ କୁମାରୀ ସରୋଜିନୀ ଦାଶ, ପ୍ରସ୍ତର ଖୋଦେଇରେ ପାରଙ୍ଗମ ପ୍ରିୟରଞ୍ଜନ କର, ରାଜ୍ୟ ପୁରସ୍କାରପ୍ରାପ୍ତ ବ୍ରାସ୍ ଓ ବେଲ୍ ମେଟାଲ୍ ଶିଳ୍ପୀ ପବିତ୍ର ମହାରଣା, ଡୋକ୍ରା ଶିଳ୍ପୀ ଶ୍ରୀମତୀ ଗୋଲାପ ଗଡ଼ତିଆ, ଟେରାକୋଟା ଶିଳ୍ପୀ ଗୌର ରଣା, ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ପ୍ରହ୍ଲାଦ ମେହେର, ସବାଇ ଘାସ ଶିଳ୍ପୀ ଶ୍ରୀମତୀ କଳ୍ପନା ଜେନା, ଜାତୀୟ ପୁରସ୍କାର ବିଜେତା ବୁଣାକାର ଅର୍ଜୁନ ପାଲ୍, ଜାତୀୟ ପୁରସ୍କାର ବିଜେତା ପଟ୍ଟଚିତ୍ର ଶିଳ୍ପୀ, ବିଜୟ ପରିଡ଼ା, ପିପିଲି ଚାନ୍ଦୁଆ ଶିଳ୍ପୀ ଜବର ଖାନ୍, ଲାଖ ଶିଳ୍ପୀ କୁମାରୀ ପ୍ରଭାତୀ ପାତ୍ର, ବୁଣାକାର ଜଳନ୍ଧର ମେହେର, ବୟନଶିଳ୍ପ ନିର୍ଦ୍ଦେଶକ, ହସ୍ତଶିଳ୍ପ ନିର୍ଦ୍ଦେଶକ ଏହି ପରିଷଦର ସଦସ୍ୟ ରହିଛନ୍ତି।

# ଜିଲ୍ଲା ସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ



ବାରିପଦା,୧୩/୧୦(ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ୧୭ ବର୍ଷରୁ କମ ବାଳକ / ବାଳିକା ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ବାଳକ ବିଭାଗର ଆଜିର ଖେଳରେ କୁସୁମୀ ବ୍ଲକ ମୋରଡାକୁ ୨-୧ ଗୋଲରେ ପରାସ୍ତ କରିଥିବାବେଳେ ବଡ଼ସାହି ଉଦଳାକୁ ୨-୦ ଗୋଲରେ, ବେତନଟୀ ଗୋପବନ୍ଧୁ ନଗରକୁ ୪-୩ ଗୋଲରେ, ତିରିଂ ସରସକଣାକୁ ୩-୧ ଗୋଲରେ, କପ୍ତିପଦା ବହଳଦାକୁ ୨-୦ ଗୋଲରେ ଏବଂ ବିଜାତଳା ଯଶିପୁରକୁ ୪-୩ ଗୋଲରେ ପରାସ୍ତ କରିଛି । ସେହିପରି ବାଳିକା ବିଭାଗ ଖେଳରେ ବଡ଼ସାହି ବ୍ଲକ ବାଙ୍ଗିରିପୋଷିକୁ ୪-୩ ଗୋଲରେ ପରାସ୍ତ କରିଥିବାବେଳେ କୁସୁମୀ ତିରିଂକୁ ୩-୦ ଗୋଲରେ, ମୋରଡା ରସଗୋବିନ୍ଦପୁରକୁ ୨-୦ ଗୋଲରେ ଏବଂ ଶେଷ ଖେଳରେ କରଞ୍ଜିଆ ବିଶୋଇକୁ ୩-୧ ଗୋଲରେ ପରାସ୍ତ କରିଥିଲେ। ଆଜିର ଖେଳକୁ ଯଶୋବନ୍ତ ମହାନ୍ତ, ବିଶ୍ୱନାଥ ଦାସ, ଅସିତ ବରୁଣ ପାଲ, ସିଲି ମାଝୀ, ଦିଲ୍ଲୀପ କୁମାର ସେନାପତି, କାପୁରା ମାଝୀ, ନିରଞ୍ଜନ ସିଂ ଦେଓ ସଓରେନ, ରଘୁ ହାଁସଦା, ସଓଗେନ ମାଝୀ, ଜଗଜିତ ମାଝୀ ଓ ସୁଧା ରଞ୍ଜନ ମହାକୁଡ଼ ପରିଚାଳନା କରିଥିଲେ । ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଫୁଟବଲ ସହ ସମ୍ପାଦକ ଅମର କୁମାର ସେଠି ମୁଖ୍ୟ ଅତିଥି ଭାବେ ଓ ଗଣ ମାଧ୍ୟମ ସଂଯୋଜକ ସୋମନାଥ ସିଂହ ଯୋଗ ଦେଇ ଆଜିର ଖେଳକୁ ଉଦଘାଟନ କରିବାସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଗତ କାଲି ଅନୁଷ୍ଠିତ ବାଳକ ବିଭାଗରେ ବାଙ୍ଗିରିପୋଷି ରାରୁଆଁକୁ ୫-୦, ଶୁକ୍ଳି ବିଶୋଇକୁ ୫-୪, ରାଇରଙ୍ଗପୁର ଠାକୁରମୁଣ୍ଡାକୁ ୪-୨ ଏବଂ ଚାନ୍ଦୁଆ ରସଗୋବିନ୍ଦପୁରକୁ ୪-୨ ଗୋଲରେ ପରାସ୍ତ କରିଥିଲା ଓ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା ।

# ଧାମନଗର ଉପ ନିର୍ବାଚନ : କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀଙ୍କ ପ୍ରାର୍ଥୀପତ୍ର ଦାଖଲ



ଭଦ୍ରକ,୧୩/୧୦(ନି.ପ୍ର): ଆସନ୍ତା ୩ ତାରିଖ ହେବାକୁ ଥିବା ଧାମନଗର ବିଧାନସଭା ଉପ ନିର୍ବାଚନ ପାଇଁ ଗତ ମଙ୍ଗଳବାର ବିଜେପି ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଥିବାବେଳେ, ଦ୍ୱିତୀୟ ପ୍ରାର୍ଥୀ ଭାବେ ଆଜି କଂଗ୍ରେସର ବାବା ହରେକୃଷ୍ଣ ସେଠୀ ନିଜର ମନୋନୟନପତ୍ର ଦାଖଲ କରିଛନ୍ତି। ଶ୍ରୀ ସେଠୀ ମଧ୍ୟାହ୍ନ ୨ଟା ବେଳେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପହଞ୍ଚି ୩ ସେଟ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ରାଉତ, ପ୍ରାକ୍ତନ ପିସିସି ମୁଖ୍ୟ ନିରଂଜନ ପଟ୍ଟନାୟକ, ଜୟଦେବ ଜେନା, ବରିଷ୍ଠ ବିଧାୟକ ସୁର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ଅଧିରାଜ ପାଣିଗ୍ରାହୀ, ବନ୍ଦିତା ପରିଡ଼ା, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଶ୍ରୀ ସେଠୀ ଆଖଣ୍ଡଳମଣୀ ଧାମରେ ପାରମ୍ପରିକ ପୂଜାର୍ଚ୍ଚନା କରି ଧୁଷୁରୀ ଠାରେ ପହଞ୍ଚି ଧାମନଗର ପ୍ରାକ୍ତନ ବିଧାୟକ ଜଗନ୍ନାଥ ରାଉତଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ଧାମନଗର ବ୍ଲକ କଂଗ୍ରେସ ସଭାପତି ଅଭିଷେକ ରାଉତଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବାହାରି କୋଠାର ଠାରେ ପହଞ୍ଚିଥିଲେ। ସେଠାରେ ଧାମନଗରରୁ ଆସିଥିବା କଂଗ୍ରେସ ସମର୍ଥକମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏକ ଶୋଭାଯାତ୍ରାରେ ଭଦ୍ରକ ଅଭିମୁଖେ ବାହାରି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ପରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ୨ଟି ସୁସଜ୍ଜିତ ଖୋଲା ଜିପରେ ରାଜ୍ୟ ନେତୃମଣ୍ଡଳୀ ଓ ଜିଲ୍ଲା ନେତୃମଣ୍ଡଳୀଙ୍କ ସହ ଆସି ଭଦ୍ରକ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ସୁର୍ବତ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ପଟ୍ଟନାୟକ, ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ବେହୁରିଆ, ଅନନ୍ତ ସେଠୀ, ଏସସି ସେଲ ସଭାପତି ବାଙ୍କନିଧି ବେହେରା, ପଞ୍ଚାନନ ମଣ୍ଡଳ, ଅଶୋକ ଦାସ, ନଳିନୀ ମହାନ୍ତି, ସରୋଜ ଦାସ,ହୃଦାନନ୍ଦ ସେଠୀ, ଦିଗମ୍ବର ଦାସ, ସବିତା ଚାନ୍ଦ, ନାରାୟଣ ପାଢ଼ୀ, ପ୍ରସନ୍ନ ଧଳ, ପିତବାସ ଧଳ, ରମେଶ ବେହେରା, ସେକ ନିଜାମୁଦ୍ଦିନ, ସୁର୍ବତ ବେହୁରା, ସେକ ସାହିଲ କାଦ୍ରୀ, ବିଜୟ ବାରିକ, ରଂଜନ ଜେନାଙ୍କ ସମେତ ବହୁ ଯୁବ, ଛାତ୍ର କର୍ମୀ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo